ଧରିତ୍ରୀ 51 Years
ପୃଷ୍ଠା–୮+୮
# ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ଫେବୃଆରୀ ୮/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 8/2025 Page 16 ₹ 7.00 RAYAGADA
୫୧ଶ ଭାଗ ୭୬ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 76 ମୂଲ୍ୟ ₹୭/-


## ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳ ଆଜି

**ନୂଆଦିଲ୍ଲୀ, ୭।୨:** ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭାର ନିର୍ବାଚନ ଫଳ ଶନିବାର ପ୍ରକାଶ ପାଇବ। ଶାସକ ଆମ୍ ଆଦମୀ ପାର୍ଟି (ଆପ୍) ୪ର୍ଥ କ୍ଷମତାସୀନ ହେବ ନା ଭାଜପା ଦୀର୍ଘ ୨୬ ବର୍ଷର ବ୍ୟବଧାନ ପରେ ସରକାର ଗଢ଼ିବାର ସୁଯୋଗ ପାଇବ ତା' ଉପରେ ସମସ୍ତଙ୍କର ନଜର ରହିଛି। ଭୋଟ ଗଣତିର ଅବ୍ୟବହିତ ପୂର୍ବରୁ ଜାତୀୟ ରାଜଧାନୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ☞ପୃଷ୍ଠା–୪

## ଆଜି ମିଳିବ ଚତୁର୍ଥ ପର୍ଯ୍ୟାୟ 'ସୁଭଦ୍ରା' ଟଙ୍କା

**ଭୁବନେଶ୍ୱର, ୭।୨ (ବନ୍ଦନା ସେଠୀ)**

'ସୁଭଦ୍ରା' ଯୋଜନା ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ଶନିବାର ମିଳିବ। ୧୮ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯିବ। ଯାଜପୁର ଜିଲା ବ୍ୟାସନଗରର ଚାନ୍ଦମା ପଡିଆଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଟଙ୍କା ପ୍ରଦାନ କରିବେ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇ କହିଛନ୍ତି, ସୁଭଦ୍ରା ହେଉଛି ବିକାଶର ମୂଳପିଣ୍ଡି। ଶନିବାର ୧୮ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯିବା ପରେ ମୋଟ ହିତାଧିକାରୀଙ୍କ ସଂଖ୍ୟା ୯୮ଲକ୍ଷରେ ପହଞ୍ଚିବ। ଯୋଜନାର ଲାଭ ପାଇବା ପାଇଁ ନିବେଦନ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ପରିବର୍ତ୍ତନର ସଙ୍କେତ**

# ଜନସେବାର ମାଧ୍ୟମ ହେଉ ଚାକିରି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲ ପଡିଆଠାରେ ଶୁକ୍ରବାର ଆୟୋଜିତ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା ଉପସ୍ଥିତ ଅଛନ୍ତି।

**୯ ବିଭାଗରେ ୬,୩୯୦ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ**

- ୮ ମାସ ମଧ୍ୟରେ ୨୬ ହଜାରରୁ ଅଧିକ ସରକାରୀ ନିଯୁକ୍ତି
- ଦୁର୍ନୀତି ବିରୋଧୀ ଅଭିଯାନ ଜାରି ରଖିବାକୁ ଆହ୍ୱାନ

**ଭୁବନେଶ୍ୱର,୭।୨(ସୁଚିସ୍ମିତା ସାହୁ)**

ସରକାରୀ ଚାକିରି କେବଳ ଏକ ଜୀବନ ଜୀବିକାର ସାଧନ ନୁହେଁ, ଏହା ଜନସେବାର ଏକ ମାଧ୍ୟମ ହେଉ। ସାଧାରଣ ଜନତା, ସରକାର ଏବଂ ସରକାରୀ ବିଧି ବ୍ୟବସ୍ଥାରୁ ଅନେକ ଆଶା ଆକାଂକ୍ଷା କରିଥାନ୍ତି। ସେସବୁକୁ ପୂରଣ କରିବା ପାଇଁ ଆପଣମାନେ ହେଉଛନ୍ତି ସବୁଠାରୁ ବଡ଼ ମାଧ୍ୟମ ବୋଲି କ୍ୟାପିଟାଲ ହାଇସ୍କୁଲ ପଡିଆଠାରେ ଶୁକ୍ରବାର ଆୟୋଜିତ ନିଯୁକ୍ତି ମେଳାରେ ଯୋଗଦେଇ ☞ପୃଷ୍ଠା–୪

# ରେପୋ ରେଟ୍ ୬.୨୫%କୁ ହ୍ରାସ

**୫ ବର୍ଷ ପରେ ୨୫ ବିପିଏସ୍ ସୁଧ କମାଇଲା ଆର୍‌ବିଆଇ**

**ପ୍ରାୟ ୫ ବର୍ଷ ପରେ ଆର୍‌ବିଆଇ ରେପୋ ରେଟ୍‌ରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରି ଏହାକୁ ୬.୨୫%ରେ ସ୍ଥିର ରଖିଛି। ଏହା ପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କ ଲଗାତର ୧୧ଟି ଏମ୍‌ପିସି ବୈଠକରେ ସୁଧହାର ହ୍ରାସ ନେଇ କୌଣସି ନିଷ୍ପତ୍ତି ନେଇ ନ ଥିଲା। ସୁଧହାର କମିବା ପରେ ଏଣିକି ସାଧାରଣ ଜନତା ଓ ବିଜ୍‌ନେସ ସେକ୍ଟରକୁ ସାମାନ୍ୟ ଆଶ୍ୱସ୍ତି ମିଳିବ। ଗୃହ, କାର୍ ଋଣ ଓ ବିଜ୍‌ନେସ ଲୋନ୍ ପାଇଁ ଇଏମ୍‌ଆଇ ଶସ୍ତା ହୋଇପାରେ। ତେବେ ଗ୍ରାହକ ଏଥିରୁ କେତେ ଉପକୃତ ହେବେ ତାହା ବ୍ୟାଙ୍କଗୁଡ଼ିକ ଉପରେ ନିର୍ଭର କରୁଛି।**

**ମୁମ୍ବାଇ,୭।୨**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପାଖାପାଖି ୫ ବର୍ଷ ପରେ ଶୁକ୍ରବାର ପ୍ରଥମ ଥର ପାଇଁ ନୂଆ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ନେତୃତ୍ୱରେ ସୁଧ ହାର ହ୍ରାସ କରିଛି। ଅର୍ଥନୀତିକୁ ଆଗେଇନେବାରେ ସହାୟତା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଦୀର୍ଘବର୍ଷ ହେଲା ଏହାର ନୀତିକୁ ସନ୍ତୁଳିତ କରି ରଖିଆସିଥିଲା। ରେପୋ ରେଟ୍ ୨୫ ବେସିସ୍ ପଏଣ୍ଟ ହ୍ରାସ କରି ଏହାକୁ ୬.୨୫ ପ୍ରତିଶତ ରଖିବାକୁ ଆର୍‌ବିଆଇର ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ ନିଷ୍ପତ୍ତି ନିଆଯାଇଛି।

୨୦୨୦ ମେ'ରେ ଶେଷ ଥର ପାଇଁ ରେପୋ ରେଟ୍ ହ୍ରାସ ☞ପୃଷ୍ଠା–୪













# ଶଶିଭୂଷଣ ରାୟଙ୍କ 'ଦାକ୍ଷିଣାତ୍ୟ ଭ୍ରମଣ'

## ଅତୀତର ବହି



ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ

ଶଶିଭୂଷଣ ୧୦ ମାର୍ଚ୍ଚ ୧୮୭୬ରେ ବାଲେଶ୍ୱର ଜିଲାର କେଦାରପୁରଠାରେ ଜନ୍ମଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ସେ କଟକରେ ଅବସ୍ଥାନ କରି ଉତ୍କଳ ସାହିତ୍ୟ ସମାଜ ସମେତ ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଉତ୍କଳ ସାହିତ୍ୟ, ମୁକୁର, ସହକାର, ନବଭାରତ, ଭଞ୍ଜପ୍ରଦୀପ, ଶଙ୍ଖ, ଚତୁରଙ୍ଗ ଓ ଝଙ୍କାର ପ୍ରଭୃତି ପତ୍ରପତ୍ରିକାରେ ତାଙ୍କର ଦାର୍ଶନିକ, ସାହିତ୍ୟିକ ଓ ପ୍ରକୃତି ବର୍ଣ୍ଣନାମୂଳକ ପ୍ରବନ୍ଧ ପ୍ରକାଶ ପାଇ ଓଡ଼ିଆ ଗଦ୍ୟ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲା। ତାଙ୍କ ରଚିତ ଆର୍ଯ୍ୟାବର୍ତ୍ତ ଦର୍ଶନ, ପିତୃସ୍ମୃତି, କନିକା ଦର୍ଶନ, ଚିଲିକା ଦର୍ଶନ, ଉତ୍କଳର ଋତୁଚିତ୍ର, ଉତ୍କଳ ପ୍ରକୃତି, ବଡ଼ମ୍ବା ପ୍ରକୃତି, ମୁକୁଟୋତ୍ସବ, ପଲ୍ଲୀ, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ପ୍ରବନ୍ଧ ପ୍ରବାହ, ଶିକ୍ଷା, ପ୍ରବନ୍ଧ ପ୍ରସୂନ, ପ୍ରବନ୍ଧ ସଂଗ୍ରହ, ଚେତନଚିନ୍ତା, ଆଧୁନିକ ତାଳଚେର ପ୍ରଭୃତି ପୁସ୍ତକ ଓଡ଼ିଆ ସାହିତ୍ୟକୁ ପୁଷ୍କଳ କରିଛି। ତାଙ୍କ ରଚିତ 'ଦାକ୍ଷିଣାତ୍ୟ ଭ୍ରମଣ' (୧୮୯୬) ଓଡ଼ିଆ ଭ୍ରମଣ ସାହିତ୍ୟର ପ୍ରାରମ୍ଭିକ ପର୍ଯ୍ୟାୟରେ ଏକ ଅନବଦ୍ୟ ସୃଷ୍ଟି। ୨୩୪ ପୃଷ୍ଠାର ଏହି ପୁସ୍ତକଟି ବାମଣ୍ଡା ରାଜକୁମାର ସଚ୍ଚିଦାନନ୍ଦଙ୍କୁ ଉତ୍ସର୍ଗ କରାଯାଇଛି।

ଏହା ପୂର୍ବରୁ ରାଧାନାଥଙ୍କ ଭାରତ ଭ୍ରମଣ, ଭ୍ରମଣକାରୀର ପତ୍ର ଓ ଚିଲିକା କାବ୍ୟ, ଗୋବିନ୍ଦ ରଥଙ୍କ କଲିକତା ବର୍ଣ୍ଣନ, ମେଳା ଦର୍ଶନ, କଟକ ଦର୍ଶନ, ଲାଟ୍ ଦର୍ଶନ, ଦାମୋଦର ପଟ୍ଟନାୟକଙ୍କ କପିଳାସ କ୍ଷେତ୍ର, ଫକୀର ମୋହନଙ୍କ ଉତ୍କଳ ଭ୍ରମଣଂ, ବାସୁଦେବ ସୁଢ଼ଳଦେବଙ୍କ ଚିତ୍ରୋତ୍ପଳା, ଦାମୋଦର ମିଶ୍ରଙ୍କ ଅଂଶୁପା ପ୍ରଭୃତି ରଚନା ଓ କାବ୍ୟ-କବିତା ପ୍ରକାଶ ପାଇ ଓଡ଼ିଆ ଭ୍ରମଣ ସାହିତ୍ୟକୁ ସମୃଦ୍ଧ କରିଥିଲା। 'ଦାକ୍ଷିଣାତ୍ୟ ଭ୍ରମଣ'କୁ ପ୍ରଶଂସା କରି ସମକାଳର ପତ୍ରପତ୍ରିକା 'ଉତ୍କଳ ଦୀପିକା', 'ସମ୍ବଲପୁର ହିତୈଷିଣୀ' ପ୍ରଭୃତି ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି। ଫକୀରମୋହନ 'ଉତ୍କଳ ଭ୍ରମଣଂ'ରେ ଉଦାତ୍ତ କଣ୍ଠରେ କହିଛନ୍ତି– ''ଆହେ ଶଶିବାବୁ କଲ ଦକ୍ଷିଣ ଭ୍ରମଣ/ ମାତ୍ରକ ପଢ଼ିଲେ ତାକୁ ବୋଲ କେତେଜଣ/ ନ ପଢ଼ନ୍ତୁ କେହି କିନ୍ତୁ ଯାହା ଗଲ ରଖି/ ତାହା ତୁଲେ ଆଉ କୀର୍ତ୍ତି ତୁଳନା ହେବ କି।'' ଦକ୍ଷିଣ ଭାରତର ପ୍ରାକୃତିକ, ଭୌଗୋଳିକ, ସାମାଜିକ ଓ ଧାର୍ମିକ ଜୀବନଧାରାର ସୁଚିନ୍ତିତ ବର୍ଣ୍ଣନା 'ଦାକ୍ଷିଣାତ୍ୟ ଭ୍ରମଣ'କୁ ସଫଳ କରିଛି।

ଶଶିଭୂଷଣ ୧୭.୭.୧୮୯୫ରେ କଟକରୁ ଦାକ୍ଷିଣାତ୍ୟ ଭ୍ରମଣରେ ବାହାରନ୍ତି ଏବଂ ୩.୯.୧୮୯୫ ଦିନ କଟକକୁ ଫେରିଆସନ୍ତି। ପ୍ରାୟ ଦୁଇମାସର ଭ୍ରମଣକୁ ଅତି ସୁନ୍ଦରଭାବେ ସେ ବର୍ଣ୍ଣନା କରିଛନ୍ତି। ତାଙ୍କ ବର୍ଣ୍ଣନାରେ ବିଭିନ୍ନ ଅଞ୍ଚଳର ପ୍ରାକୃତିକ ଦୃଶ୍ୟ ସହିତ ଜନଜୀବନର ରୀତିନୀତି, ପୂଜାପାର୍ବଣର ସବିଶେଷ ବିବରଣୀ ପ୍ରଦାନ କରାଯାଇଛି। ପ୍ରତିଟି ଅଞ୍ଚଳର ଭ୍ରମଣ କାହାଣୀ କାବ୍ୟ ପରି ଆକର୍ଷଣୀୟ ଓ ଲାଳିତ୍ୟପୂର୍ଣ୍ଣ। କେବଳ ସାମାଜିକ ଏବଂ ଅର୍ଥନୈତିକ ବର୍ଣ୍ଣନା ନୁହେଁ, ଲୋକଙ୍କର ଭାଷା, ସାହିତ୍ୟ, ବିଚାରଧାରା ଓ ଧାର୍ମିକ ପରମ୍ପରାର ମନୋଜ୍ଞ ବର୍ଣ୍ଣନା ଦେବାରେ ଶଶିଭୂଷଣ କାର୍ପଣ୍ୟ କରିନାହାନ୍ତି। ପ୍ରତି ଅଞ୍ଚଳର ପ୍ରାକୃତିକ ବର୍ଣ୍ଣନା କଲାବେଳେ ସେ ଜନ୍ମଭୂମି ଓଡ଼ିଶାର ବିଭିନ୍ନ ଅଞ୍ଚଳର ପ୍ରାକୃତିକ ଦୃଶ୍ୟକୁ ନିଜ ଚେତନା ଭୂମିରେ ପ୍ରତ୍ୟକ୍ଷ କରିଛନ୍ତି ଓ ପାଠକକୁ ତା'ର ରସ ଉପଭୋଗ ପାଇଁ ପରିବେଷଣ କରିଛନ୍ତି। ପଶ୍ଚିମଘାଟ ଓ ପୂର୍ବଘାଟ ପର୍ବତମାଳାର ବର୍ଣ୍ଣନା କଲାବେଳେ ସେ ବରୁଣେଇ ପାହାଡ଼ର ପାଣ୍ଡବଘର, ଦଶପଲ୍ଲାର ମଣିଭଦ୍ରା, କଣ୍ଟିଲୋର ଗୋ-ଶୃଙ୍ଗ, ବାଙ୍କୀର ମହାପର୍ବତ, ବଡ଼ମ୍ବାର କୁମାରଙ୍ଗ, ଢେଙ୍କାନାଳର କପିଳାସ ଓ ସପ୍ତଶଯ୍ୟାର ବର୍ଣ୍ଣନା ପ୍ରଦାନ କରିଛନ୍ତି। ପ୍ରତିଟି ଅଞ୍ଚଳର ବାଣିଜ୍ୟ ବ୍ୟବସାୟ, ଲୋକସଂସ୍କୃତି, ମନ୍ଦିର ନିର୍ମାଣ ଶିଳ୍ପ ଉପରେ ସେ ଦେଇଛନ୍ତି ନିଜସ୍ୱ ଅଭିମତ। ଦାକ୍ଷିଣାତ୍ୟର ପାହାଡ଼ରେ ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖି ଦେବୀଦ୍ୱାର ଓ ସପ୍ତଶଯ୍ୟାର ସୂର୍ଯ୍ୟାସ୍ତ ଦୃଶ୍ୟ ତାଙ୍କ ମାନସପଟରେ ଉଦ୍ଭାସିତ ହୋଇଛି। ଦକ୍ଷିଣ ଅଞ୍ଚଳର ଭାଷା ଓ ଉଚ୍ଚାରଣ ଧ୍ୱନିର ବିଭିନ୍ନତାକୁ ସେ ସୂଚାଇଛନ୍ତି। ମାନ୍ଦ୍ରାଜ ଅଞ୍ଚଳର ଲୋକଙ୍କ ଜ୍ଞାନଲିପ୍ସା ଏବଂ ସରଳତା ତାଙ୍କୁ ଆକର୍ଷିତ କରିଛି। ପ୍ରତିଟି ପରିଚ୍ଛେଦରେ ସେ କିମ୍ବଦନ୍ତୀ, ଉପକାହାଣୀ, ସଂସ୍କୃତ ଶ୍ଳୋକ ଓ ଓଡ଼ିଆ କବିତାଂଶ ସଂଯୁକ୍ତ କରି ରଚନାଟିକୁ ହୃଦୟସ୍ପର୍ଶୀ ଏବଂ କଳାତ୍ମକ କରିଛନ୍ତି।

ବିଭିନ୍ନ ଅଞ୍ଚଳର ଭୌଗୋଳିକ ଅବସ୍ଥା, ଦର୍ଶନୀୟ ସ୍ଥାନର ବର୍ଣ୍ଣନା ସହିତ ରାଜ୍ୟର ଲୋକସଂଖ୍ୟା, ସାଧାରଣ ଲୋକଙ୍କ ଆୟ ପ୍ରଭୃତି ଉପରେ ମଧ୍ୟ ସେ ଆଲୋକପାତ କରିଛନ୍ତି। ମାନ୍ଦ୍ରାଜ, ତ୍ରିଚିନାପଲ୍ଲୀ, ପର୍ଣ୍ଣଚେରୀ, ରାଜମହେନ୍ଦ୍ରୀ, ବିଜୟୱାଡ଼ା, କୁର୍ନୁଲ୍, କାକିନାଡ଼ା, କୋଡ଼ାଇକେନାଲ, ତାଞ୍ଜୋର, କାଞ୍ଜିଭରମ୍, ମଦୁରାଇ, ଶ୍ରୀରଙ୍ଗପଟନମ୍ ପ୍ରଭୃତି ଅଞ୍ଚଳର ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି। ପ୍ରତି ଅଞ୍ଚଳର ଶିଳ୍ପ, ଭାସ୍କର୍ଯ୍ୟ, କଳାଚାତୁରୀର ଅପରୂପ ବର୍ଣ୍ଣନା ପୁସ୍ତକଟିକୁ ଆକର୍ଷଣୀୟ କରି ତୋଳିଛି। ମଦୁରାଇର ମୀନାକ୍ଷୀ ମନ୍ଦିର, ତିରୁପତିର ବାଲାଜୀ, ଚିଦାମ୍ବରମ୍‌ର ସୁବର୍ଣ୍ଣେଶ୍ୱର ମନ୍ଦିର, ମାନ୍ଦ୍ରାଜର ଏଗମୋରଷ୍ଟେସନ, ନୀଳଗିରିର ପ୍ରାକୃତିକ ଦୃଶ୍ୟ, କାବେରୀ କୂଳରେ ସନ୍ଧ୍ୟାର ଦୃଶ୍ୟ ତାଙ୍କୁ ଭାବପ୍ରବଣ କରିଛି। ବିଭିନ୍ନ ଅଞ୍ଚଳରେ ସାହାଯ୍ୟ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ମସ୍ତକ ନତ ହୋଇଛି। ଦାକ୍ଷିଣାତ୍ୟର ଲୋକେ କିପରି ଚାକିରି ଅପେକ୍ଷା ବାଣିଜ୍ୟ ବ୍ୟବସାୟକୁ ଅଧିକ ଗୁରୁତ୍ୱ ଦିଅନ୍ତି, ତାହା ସେ ଲକ୍ଷ୍ୟ କରିଛନ୍ତି। ଲୋକେ କର୍ମଠ ଓ କାର୍ଯ୍ୟକୁଶଳ। କୂପମଣ୍ଡୁକତା ନାହିଁ। ଅତୀତର ରୋମନ୍ଥନ କରି ଅଳସୁଆମି ହେବା ଏମାନଙ୍କ ଜାତକରେ ନାହିଁ। ଦାକ୍ଷିଣାତ୍ୟର ଧନଶାଳୀ ଲୋକେ ଅନେକ କୀର୍ତ୍ତି ଯଥା-ପୁଷ୍କରିଣୀ ଖନନ ଓ ମନ୍ଦିର ନିର୍ମାଣ ପ୍ରଭୃତି କରି ଲୋକଙ୍କର ଅଶେଷ ହିତସାଧନ କରିଛନ୍ତି। ବୈଦେଶିକ ଆକ୍ରମଣ ଯୋଗୁ ଆର୍ଯ୍ୟାବର୍ତ୍ତରେ ବିପ୍ଳବ ଓ ପରିବର୍ତ୍ତନ ସଂଘଟିତ ହୋଇଛି। ଅଥଚ ଦାକ୍ଷିଣାତ୍ୟରେ ପରିବର୍ତ୍ତନ ସେତେଟା ହୋଇନାହିଁ। ଉଦ୍ୟାନ ପ୍ରୀତି ଓ ଫଳପ୍ରିୟତା ଦୃଷ୍ଟିରୁ ଦାକ୍ଷିଣାତ୍ୟର ଲୋକମାନେ ଆଦର୍ଶସ୍ଥାନୀୟ।

'ଦାକ୍ଷିଣାତ୍ୟ ଭ୍ରମଣ'ରେ କେବଳ ଦକ୍ଷିଣ ଅଞ୍ଚଳର ବର୍ଣ୍ଣନା ନାହିଁ, ଆମ ସାହିତ୍ୟ-ସଂସ୍କୃତିର ଅନେକ ଅନାଲୋଚିତ ପ୍ରସଙ୍ଗ ରହିଛି। ବହୁ ପ୍ରସିଦ୍ଧ ବ୍ୟକ୍ତିଙ୍କ ସ୍ମୃତିଚାରଣ କ୍ରମରେ ତାଙ୍କ ପ୍ରତିଭାର ବିକାଶ ପର୍ବର ସୂଚନା ସେ ଦେଇଛନ୍ତି। ଯଥା: କୁମାରଙ୍ଗ ଅଞ୍ଚଳର ପ୍ରସିଦ୍ଧ ଆଶୁକବି ଦାଶରଥି କବିଚନ୍ଦ୍ର। ପ୍ରତିଟି ବର୍ଣ୍ଣନାକ୍ରମରେ ଶଶିଭୂଷଣ ସ୍ଥାନୀୟ ପ୍ରବାଦ, ପ୍ରବଚନ ଏବଂ ଢଗଢମାଳିକୁ ଉପଯୁକ୍ତ ଭାବେ ସ୍ଥାନିତ କରିଛନ୍ତି; ଯେମିତି ସୋଲରୀ ଶିଖ, ମୟୂରବାଙ୍କ, କଂସାରୀ ନଇ, ବାଣପୁରିଆ ଭାଇ ଏହାଙ୍କୁ ପରତେ ନାହିଁ, ପାରିକୁଦରେ ମଲେ କଉଡ଼ି, ବ୍ରାହ୍ମଣ ଭାତ-କପାଳେ ହାତ ଇତ୍ୟାଦି। ୪ ସେପ୍ଟେମ୍ବର ୧୯୫୩ରେ ଏହି ମହାନ୍ ଲେଖକଙ୍କର ପରଲୋକ ହୋଇଥିଲା।

ମୋ: ୯୪୩୭୨୫୬୧୭୬

> ଶଶିଭୂଷଣ ରାୟଙ୍କ ରଚିତ 'ଦାକ୍ଷିଣାତ୍ୟ ଭ୍ରମଣ' ପ୍ରାରମ୍ଭିକ ଓଡ଼ିଆ ଭ୍ରମଣ ସାହିତ୍ୟର ଏକ ବିଶିଷ୍ଟ କୃତି। ଶଶିଭୂଷଣ ବିପୁଳ ଗଦ୍ୟ ସାହିତ୍ୟର ସ୍ରଷ୍ଟା। ତତ୍କାଳୀନ ଓଡ଼ିଆ ସାହିତ୍ୟର ପ୍ରାୟ ପତ୍ରପତ୍ରିକା ତାଙ୍କ ପ୍ରବନ୍ଧ ଦ୍ୱାରା ସମୃଦ୍ଧ। ପିତା ରାଧାନାଥ ରାୟଙ୍କ ପ୍ରତିଭା ଆଢୁଆଳରେ ରହି ଶଶିଭୂଷଣଙ୍କ ପ୍ରତିଭା ଓଡ଼ିଆ ସାହିତ୍ୟରେ ଉପଯୁକ୍ତ ମୂଲ୍ୟାୟନର ଅବକାଶ ପାଇନାହିଁ। ହେଲେ ତାଙ୍କ ଗଦ୍ୟ ସାହିତ୍ୟ ମୌଳିକତା ଓ ବିବିଧତାରେ ପୂର୍ଣ୍ଣ।






## ପୁସ୍ତକ ପରିଚୟ

### ଆମେ ଦିନେ ଦେଖାହେବା



**କବି:** ବିଜୟଲକ୍ଷ୍ମୀ ପରିଡ଼ା
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୩୯/-

ମୋଟ ୫୧ଟି କବିତା ୧୧୨ ପୃଷ୍ଠାର କଳେବରରେ। ଚାଉଳବଟା ଝୋଟିରେ ଯେମିତି କିଏ କୋଉ ଗାଁର କାନ୍ଥକୁ ଚିତ୍ରେଇ ଦେଇଛି– ଏପରି ଲାଗେ ପଢ଼ିବସିଲେ ବିଜୟଲକ୍ଷ୍ମୀଙ୍କ ଏ କବିତା ସବୁ। ସାନ ସାନ ଗପ ଜଟିଳ ଜୀବନର, ତହିଁରେ ପୁଣି କଳ୍ପନାର ନୂଆ ନୂଆ କାରିଗରି ପ୍ରାୟ କବିତାକୁ ଗଭୀର, ଅନୁଭବପ୍ରଖର କରି ଗଢ଼ିତୋଳିଥାଏ। କେତୋଟି ଉଦ୍ଧୃତି ନେବା– ୧. ''ଜହ୍ନ ନୂଆକରି ଉଇଁଥିବ ମୋ ସୁନ୍ଥାରେ/ ତୁମେ ଥରିକରି ଓହ୍ଲେଇ ଦେବ ପାଦ ବୋହୁଥିବା ନଈକୁ/ ମୁଁ କଞ୍ଚାପତ୍ରଟିଏ ହେଇ କଅଁଳୁଥିବି ନଈକୂଳେ।'' (ଗପ, ପୃ: ୯), ୨. ''ମୋ ଭିତରେ ବହୁଥିବା ନଈ/ ମୋତେ ଏକଲା କରି/ ବରଫ ପାଲଟିଛି କେବେଠୁଁ।'' (ପାଦଚଲା, ପୃ:୧୧), ୩. ''ପଡ଼ିଶାଘରର ସ୍ତ୍ରୀଲୋକ ନମାଜ ପଢୁଛି ବାଲ୍‌କୋନୀରେ/ ମୁଁ ତୁଳସୀ ପାଖକୁ ଯାଇପାରୁନି/ ମଝିରେ ପଡ଼ିଛି ଅସଜଡ଼ା ଜାମାପତ୍ର,/ ଝିଅର ରଙ୍ଗ ପେନ୍‌ସିଲ,/ ସ୍ୱାମୀଙ୍କ ମନ।'' (କେହି କିଛି କହୁଛ କି, ପୃ:୯୭) ଓ ୪. ''ସଞ୍ଜ ହେବ ହେବ ହେଉଛି/ ଆଉ କେତେଟା ମିନିଟ୍ ପରେ/ ବୁଢ଼ାଲୋକ ଝୁଣ୍ଟିପଡ଼ିବା ପରି/ ସୂର୍ଯ୍ୟ ଡେଇଁ ପଡ଼ିବେ ଅସ୍ତାଚଳକୁ।'' (କଥୋପକଥନ, ପୃ: ୬୪)। ଚିରାଚରିତ ଦୃଶ୍ୟ ସହିତ ଅଭାବିତ କଳ୍ପନାର ଯେଉଁ ଉନ୍ମେଷମାଳିନୀ ଯୋଗାଯୋଗ ଏସବୁ ଉଦ୍ଧୃତି ତଥା ଅନ୍ୟ ଅନେକ କବିତାରେ ପାଠକ ଲକ୍ଷ୍ୟକରେ, ତାହାହିଁ ବିଜୟଲକ୍ଷ୍ମୀଙ୍କ କବିତାରୁ ପାଠକର ମୂଲ୍ୟବାନ୍ ଉପାର୍ଜନ। 'ଅସଜଡ଼ା ଜାମାପତ୍ର', 'ଝିଅର ରଙ୍ଗ ପେନ୍‌ସିଲ' ସହ ମଝିରେ ପଡ଼ିଛି 'ସ୍ୱାମୀଙ୍କ ମନ'। କାହାକୁ କାହା ସହ ଯୋଡ଼ିଦେଇ ଅବାକ୍ କରିଦେବାର କିମିଆଁ ହିଁ ଆଲୋଚ୍ୟ କାବ୍ୟଗ୍ରନ୍ଥର ସାମର୍ଥ୍ୟ, ଯାହା ହାଲୁକା ମନକୁ ଓଜନିଆ କରିଦିଏ।

### ସଦାନନ୍ଦର ପୃଥିବୀ



**ଲେଖିକା:** ଭାନୁମତୀ ସାହୁ
**ପ୍ରକାଶକ:** କିତାବ ଭବନ, ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର-୧୫
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୮୦/-

ଆଲୋଚ୍ୟ ଉପନ୍ୟାସ 'ସଦାନନ୍ଦର ପୃଥିବୀ'ରେ ଔପନ୍ୟାସିକା ସଦାନନ୍ଦ ଚରିତ୍ର ମାଧ୍ୟମରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମୟର ପୃଥିବୀକୁ ରୂପାୟିତ କରିବାର ଉଦ୍ୟମ କରିଛନ୍ତି। ବ୍ରିଟିଶ୍ ଅମଳର ସାମାଜିକ ଚଳଣି, କର୍ମଠ ଜୀବନଯାପନ ଶୈଳୀ, ଦାଦନ ଶ୍ରମିକଙ୍କ ଦୁଃଖଦୁର୍ଦ୍ଦଶା, କରୋନା କାଳର ପୀଡ଼ା– ଏହିପରି ସମୟ ସ୍ରୋତରେ ସମାଜ ଓ ଜୀବନର ନାନା ବିବର୍ତ୍ତନ ହେଉଛି ଉପନ୍ୟାସର ଗତିପଥ, ଯାହାକୁ ଲେଖିକା ଅତି ସରଳ ଓ ସୁଖକର ବର୍ଣ୍ଣନା ମାଧ୍ୟମରେ ଆଗେଇ ନେଇଛନ୍ତି ପୃଷ୍ଠା ପରେ ପୃଷ୍ଠା। ଉପନ୍ୟାସର ଶେଷ ଅଧ୍ୟାୟରେ ସଦାନନ୍ଦଙ୍କୁ ତାଙ୍କର ପୁଅ କହୁଛି: ''ବାପା, ଆଗକୁ ଆହୁରି ଆଶ୍ଚର୍ଯ୍ୟ କରିବା କଥା ଆସିବ। ଆମ ପିଲାମାନଙ୍କ ଆଗରେ ଆମେ ପୁରୁଣାକାଳିଆ ହୋଇଯିବୁ।'' ସଦାନନ୍ଦ ଉତ୍ତରରେ କହୁଛନ୍ତି: ''ସତରେ ପୁଅ ଏ ଆଖି କ'ଣ ନ ଦେଖୁଛି! ତୁ କି ଇଣ୍ଟରନେଟ୍ କନେକ୍ଟେଡ୍ ଛତା ନେଇ ଯାଉଛୁ ଯେ କେତେବେଳେ ବର୍ଷା ହେବ ସେ ଜାଣିପାରୁଛି। ରୋବର୍ଟ ଔଷଧ ଦେଲାଣି। x x ତୋ ଆଖିର ଚଷମାରେ କମ୍ପ୍ୟୁଟର ଯୋଡ଼ା ହୋଇଛି କେମିତି? x x ଭାବିଲେ ମୋତେ ଆଶ୍ଚର୍ଯ୍ୟ ଲାଗୁଛି। ସ୍ୱର୍ଗ ପାଲଟିଯିବ କି ଆମ ପୃଥିବୀ? ଆସିଯିବ କି ସତ୍ୟଯୁଗ? ସୁତରାଂ 'ସଦାନନ୍ଦର ପୃଥିବୀ' ବାସ୍ତବରେ ପରିବର୍ତ୍ତିତ ସମୟର ଏକ ବିଶ୍ୱସ୍ତ ଦସ୍ତାବିଜ୍। ଏଥିରେ ପିଢ଼ି ପରେ ପିଢ଼ି ଜାଗତିକ ବିଶ୍ୱର ଯେଉଁ ବୈଜ୍ଞାନିକ ରୂପାନ୍ତରକୁ ପ୍ରତ୍ୟକ୍ଷ କରୁଛନ୍ତି, ତା'ରି ଛବି ଔପନ୍ୟାସିକା ଆଙ୍କିଛନ୍ତି ଖୁବ୍ ଆନ୍ତରିକତାର ସହ।

## କାଳକାଳକୁ



''ଥିଲାବାଲାଙ୍କର ନୈତିକତା, ଆଉ ନ ଥିଲାବାଲାଙ୍କର ଧର୍ମ।''
– ଖୁସ୍‌ୱନ୍ତ ସିଂହ

**ଖୁସ୍‌ୱନ୍ତ ସିଂହଙ୍କ** ଜନ୍ମ ୨ ଫେବୃଆରୀ ୧୯୧୫ରେ ପାକିସ୍ତାନର ପଞ୍ଜାବରେ ଓ ପରଲୋକ ୨୦ ମାର୍ଚ୍ଚ ୨୦୧୪ରେ ନୂଆଦିଲ୍ଲୀରେ। ସେ ଏକାଧାରରେ ଲେଖକ, ଆଇନଜୀବୀ, କୂଟନୀତିଜ୍ଞ, ବାର୍ତ୍ତାଜୀବୀ ଓ ରାଜନେତା। ତାଙ୍କର ସବୁଠୁଁ ପ୍ରସିଦ୍ଧ ଉପନ୍ୟାସ ହେଉଛି 'ଟ୍ରେନ୍ ଟୁ ପାକିସ୍ତାନ', ୧୯୪୭ର ଭାରତ ବିଭାଜନ ଯାହାର ପ୍ରସଙ୍ଗ। ୧୯୫୬ରେ ରଚିତ ଏହି ଉପନ୍ୟାସ ୧୯୯୮ରେ ଚଳଚ୍ଚିତ୍ରରେ ରୂପାୟିତ। ଖୁସ୍‌ୱନ୍ତଙ୍କର ଅନ୍ୟ ପ୍ରମୁଖ ପୁସ୍ତକ ମଧ୍ୟରେ ଅନ୍ତର୍ଭୁକ୍ତ 'ଆଇ ସେଲ୍ ନଟ୍ ହିଅର୍ ଦ ନାଇଟିଙ୍ଗଲ୍', 'ଦ ହିଷ୍ଟ୍ରି ଅଫ୍ ଶିଖ୍ସ', 'ଦିଲ୍ଲୀ: ଏ ନଭେଲ୍', 'ଦ କମ୍ପାନୀ ଅଫ୍ ୱିମେନ୍', 'ଟ୍ରୁଥ୍, ଲଭ୍ ଆଣ୍ଡ ଏ ଲିଟିଲ୍', 'ମାଲିସ: ଏନ୍ ଅଟୋବାଇଓଗ୍ରାଫି' ଓ 'ହ୍ୱାଇ ଆଇ ସପୋର୍ଟେଡ୍ ଦ ଇମର୍ଜେନ୍ସି'। ଭାରତୀୟ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ମିଳିଛି 'ପଦ୍ମଭୂଷଣ', 'ପଦ୍ମବିଭୂଷଣ', 'ପଞ୍ଜାବ ରତନ' ଓ 'ସାହିତ୍ୟ ଏକାଡେମୀ ଫେଲୋଶିପ୍'। ସେ କହନ୍ତି: ''ପୁରୁଷ ନ ଥିଲେ ସବୁ ନାରୀ ସତୀ।''

## କବିତା

### ମୁଁ ଚାଷୀ... ଅବିନାଶୀ

ଉମା ଶଙ୍କର ପାଳ

ସକାଳୁ ଉଠି ସୂର୍ଯ୍ୟଙ୍କୁ ପାଣିଦିଏ
ଭୂମିକୁ ପ୍ରଣାମ କରେ
ମୋ ହାତର ସା-ରେ-ଗା-ମା ଛୁଆଁରେ
କ୍ଷେତର ଫସଲ ପବନରେ ଗୀତ ଗାଉଥାଏ।

ପ୍ରକୃତିକୁ ଦେଇ ପୂଜାପଣା
ଚର, ଅଚର, ସୁର, ଅସୁର, ଭୂତ, ଅଭ୍ୟାଗତଙ୍କୁ
ସେମାନଙ୍କ ଭାଗର ପାଉଣା
ରାଜା, ଜମିଦାର, ସର୍କାରଙ୍କୁ ଖଜଣା
ଅବଶିଷ୍ଟାଂଶରେ କରୁଥାଏ
ସାରା ବର୍ଷର ମୋ' ସଂସାର ମାଜଣା।

ମୋ' ସ୍ୱେଦ ଶୋଣିତର ଘୃତ
ଜଗତର ଜଠରାଗ୍ନିରେ ଆହୁତି
ଅନ୍ନ ଯଜ୍ଞରେ ସୃଷ୍ଟିର ସନ୍ତୋଷରେ
ମୋର ଆତ୍ମତୃପ୍ତି
ଲୋଡ଼ାନାହିଁ ପ୍ରତିଦାନ, ପଦକ, ପ୍ରଶସ୍ତି
ତୁମ ଅନୁକମ୍ପା, ରିହାତି, ସହାନୁଭୂତି
ମୋତେ ନେଇ ଖବରର ଶିରୋନାମ, ରାଜନୀତି।

ମୁଁ ଚାଷୀ, ମୋତେ ଗର୍ବିତ କରେ ମୋ' ବୃତ୍ତି
ଜଗତ କଲ୍ୟାଣର ମନ୍ତ୍ରଜପି
ମୋର ଧର୍ମ କର୍ମ ହର୍ଷ ବିଷାଦ
ଭାଗ୍ୟ ଭବିଷ୍ୟ ନେଇ ମୁଁ ଖୁସି
ସୁଖ ମୋ' କ୍ଷେତରେ
ଲହଡ଼ିମାରୁଥାଏ ବାରମାସୀ।

ଶତାବ୍ଦୀ ଶତାବ୍ଦୀ ଧରି
ପ୍ରାକୃତିକ ଘାତ ପ୍ରତିଘାତର
ପ୍ରସ୍ତର ଭେଦି
କୃତ୍ରିମ ଅବରୋଧକୁ ପ୍ରତିହତ କରି
ମୁଁ ବାରମ୍ବାର ଉଠୁଥାଏ ମୁଣ୍ଡ ଟେକି
ଯାବତ୍ ସୃଷ୍ଟିର ସ୍ଥିତି
ତାବତ୍ ମୁଁ ଅବିନାଶୀ।

ମୋ: ୯୫୫୬୮୮୮୭୦୮

### ବ୍ୟଙ୍ଗ କବିତା

### ମନଲାଖି ବର

କାହ୍ନୁ ଚରଣ ମୁଦୁଲି

ପୁଅଟା ନିଜର ବୁଲେ ବାରଦ୍ୱାର
ସମ୍ପୂର୍ଣ୍ଣ ସେ ବେକାରିଆ
ଝିଅ ପାଇଁ ମା' ଖୋଜୁଅଛି ବର
ସରକାରୀ ଚାକିରିଆ।

ପୁଅଟା ଗଧିଆ ଫେଲ୍ ହୋଇଛି
ସପ୍ତମରେ ସାତ ଥର
ଝିଅ ପାଇଁ ମା' ଖୋଜୁଅଛି ବର
ହୋଇଥିବ ଡାକତର।

ନିଜ ପରିବାର ରୁହନ୍ତି ଗାଁରେ
ଶୁଭେ ବିଲୁଆର ରବ
ଝିଅ ପାଇଁ ମା' ଖୋଜେ ଶାଶୁଘର
ସହରରେ ହୋଇଥିବ।

ନିଜ ପରିବାର ବହୁତ ଦୁର୍ବଳ
ମୁଣ୍ଡରେ ବାଜୁଛି ଚାଳ
ଝିଅ ପାଇଁ ମା' ଖୋଜେ ଶାଶୁଘର
କୋଠା ଥିବ ବହୁତଳ।

ବରଟିର ଯଦି ବାପା ମା' ନଥାଇ
ଏକୁଟିଆ ରହୁଥିବ
ମା' ମନେମନେ ଖୋଜେ ଏହି ବର
ତାକୁ ଝିଅ ବାହା ଦେବ।

ଦିନରେ ସପନ ଦେଖୁଥିବ ଯିଏ
ସମୟ ଯିବ ତା' ଗଡ଼ି
ମନଲାଖି ବର କେବେ ମିଳିବନି
ଝିଅ ହୋଇଯିବ ବୁଢ଼ୀ।

ନିଜ ସମାସ୍କନ୍ଧ ବନ୍ଧୁ ଖୋଜୁଥାଅ
ନିଜ ସମକକ୍ଷ ଘର
ଅଯଥାରେ ଉଚ୍ଚ ଆଶା କରିବାରେ
ଦୁଃଖ ପାଇବାଟା ସାର।

ମୋ: ୯୭୭୬୦୯୭୬୧୨

### ଗୀତି-କବିତା

### ନୀଳବରଣା

ଜୟନ୍ତୀ ସାହୁ

ନଦୀ ମୁଁ ଯେ ସେହି ପାହାଡ଼ୀ କନ୍ୟା
ମୁଁ ପୁଣି ଚପଳଛନ୍ଦା,
ଦୁଇ କୂଳ ଖାଇ ଯାଏ ଦୂରେ ବହି
ଅନେକ ନାମରେ ବନ୍ଧା।

ମୋ ବକ୍ଷେ ଶୀତଳ ମନ୍ଦାକିନୀ ଧାରା
ତୃଷିତର ତୃଷା ହରେ,
ସ୍ୱର୍ଗୀୟ ସୁଷମା ଭରା ସବୁଜିମା
ରଚେ ମୋ' ତଟ କେଦାରେ।

ଧାରା ଶ୍ରାବଣରେ ଅନ୍ତଃସତ୍ତ୍ୱା ହୋଇ
ବନ୍ୟାରେ ଲଙ୍ଘଇ କୂଳ,
କେତେକେତେ କବି କାବ୍ୟ ରଚିଛନ୍ତି
ମୋ' ରୂପରେ ହୋଇ ଭୋଳ।

କେତେ ସୀମନ୍ତିନୀ ପାଦର ଅଳତା
ଧୋଇଛି ମୁଁ ସରାଗରେ,
କେତେ ବିଧବାଙ୍କ ଲୁହ ଓ କୋହକୁ
ବୋହିଛି ମୁଁ ବିଷାଦରେ।

ମୁଁ ଯେ ବହୁଥାଏ ଆଗକୁ ଆଗକୁ
ନୂଆ ନୂଆ ଜଳ ନେଇ,
ପଛେ ଛାଡ଼ିଯାଏ କେତେ ଜନପଦ
ରହେନି ପଛକୁ ଚାହିଁ।

ପାଲଟିଛି କେବେ ଅଳସୀ କନ୍ୟା ମୁଁ
ବେଣୀରେ ଗୁନ୍ଥିଛି ସ୍ମୃତି,
ଭାବପ୍ରବଣ ସେ ନିଶୀଥ ଆକାଶେ
ପବନେ ଶୁଣାଏ ଗୀତି।

ବଉଦ ଫାଙ୍କରେ ଜହ୍ନର ଜୋଛନା
ଶୀତଳ କରିଛି ଛାତି,
ସିନ୍ଦୁର ମଧୁ ବନ୍ଧନ ସ୍ୱପ୍ନେ ମୁଁ
ବିଭୋର ହୋଇଛି ନିତି।

ଲକ୍ଷ୍ୟ ମୋର ସ୍ଥିର ଗତି ମୋ' ଚଞ୍ଚଳ
ସାଥେ ଘେନି ଝର ଝରଣା,
ସାଗର ପ୍ରିୟା ମୁଁ ନୀଳ ସମୁଦ୍ରରେ
ମିଶି ହେବି ନୀଳବରଣା।

ମୋ: ୮୦୯୩୪୮୬୬୭୪

### ସ୍ମୃତି

ତେଜସ୍ୱିନୀ ପଣ୍ଡା

ସ୍ମୃତି କେବେ
ଶିଶିର ବୁନ୍ଦାରେ ଟୋପାଏ
ମୋତିର ଭ୍ରମିତ ଅନୁଭୂତି,
ସ୍ମୃତି କେବେ
ଜୀବନ-ଗୀତିର ଅଛୁଆଁ ଭାବର
ଚିରନ୍ତନ ଅନୁଭୂତି।

ସ୍ମୃତି କେବେ
ଦୁଇହଳ ଆଖିର ଜ୍ୟୋତ୍ସ୍ନାବିଧୌତ
ପହିଲି ବାସ୍ନାର ରାତି,
ସ୍ମୃତି କେବେ
ନୀଳ ଲଫାପାରେ ପ୍ରଣୟ
ଅନୁଭବର ରାତି।

ସ୍ମୃତି କେବେ
ଭ୍ରମିତ ପକ୍ଷୀର ଆସନ୍ତା ଠିକଣାରେ
ଅପେକ୍ଷାରତ ଇତି,
ସ୍ମୃତି କେବେ
ଗାଁ ଶେଷାର୍ଦ୍ଧରେ ସଦା
ପ୍ରବାହିତ ଏକ ନଦୀ।

ସ୍ମୃତି କେବେ
ଝରାବଉଳର ରୁପେଲି
ତୃପ୍ତିର ସାଥୀ,
ସ୍ମୃତି କେବେ
ଝରୁନଥିବା ଲୁହର
ପାହିଆସୁଥିବା ରାତି।

ମୋ: ୯୬୯୨୩୬୧୪୦୪

## ହନିଟ୍ରାପ୍‌ର ଶିକାର

ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ଫେରୋମନ୍ ଟ୍ରାପ୍‌ରେ ପଡ଼ି ଛଟପଟ ହେଉଛି ଫଳବିନ୍ଧା ମାଛିଟି। ତାକୁ ମାୟାବିନୀର କୁହୁକ ପରି ଲାଗୁଛି ସବୁକିଛି। ଯେଉଁ ନାରୀ ସଙ୍ଗିନୀର ଅହେତୁକ ଆକର୍ଷଣରେ ଟାଣି ହୋଇ ଆସିଥିଲା ସେ ଏଇ ଟ୍ରାପ୍ ଭିତରକୁ, ତା'ର ଦେଖା କାହିଁ? ଚିହ୍ନବର୍ଣ୍ଣ କିଛି ତ ଦିଶୁନାହିଁ। ତେବେ ଏଇ ଆହ୍ୱାନ, ଏଇ ମିଳନ ଆକାଂକ୍ଷା, ସବୁ କ'ଣ ମିଛ? ସବୁ ମାୟା? କେବଳ ଛଳନା ବ୍ୟତୀତ ଆଉ କିଛି ନୁହେଁ? ନାରୀ ସଙ୍ଗିନୀର ଫେରୋମନ୍ ଗନ୍ଧ ତଥାପି ଆସୁଛି କୋଉଠୁ? ଏଇଠି କେଉଁଠି ଥିବ ସେ। ଆଃ... ଏବେ ମଧ୍ୟ ମୋହାଚ୍ଛନ୍ନ କରି ରଖିଛି ତା' ଆକର୍ଷଣ, ତା' ମିଳନ ଆହ୍ୱାନ। ହେଲେ କାହିଁ? କୋଉଠି ସେ ମାୟାବିନୀ? ଦେଖାଯାଉନି ଯେ!

ଏ ତ କୀଟ ପତଙ୍ଗଶୂନ୍ୟ ନିବୁଜ କୋଠରି। ଭିତରକୁ ପଶିବାର ବାଟ ଅଛି। ହେଲେ ଫେରିବାକୁ ଚାହିଁଲାବେଳକୁ ହଜିଯାଉଛି ଜ୍ଞାନ। ବଣା ହେଉଛି ବୁଦ୍ଧି। ଏଇଠୁ ଫେରିବାର ବାଟ କାହିଁ? କୁଆଡ଼େ ଗଲା ବାଟ? ଆଉ କାହିଁ? କୁଆଡ଼େ ଗଲା ସେ ନାରୀ ସଙ୍ଗିନୀ? ଏଇ ନିବୁଜ କୋଠରି ଭିତରକୁ ଆମନ୍ତ୍ରଣ କରୁଥିଲା ସିଏ ଅତି ଆଦରରେ? ଏଇ କାମିନୀ କାଞ୍ଚନର ମୋହ ହିଁ ଏମିତି। ଖୁବ୍ ଭୟଙ୍କର। ଖୁବ୍ କଷ୍ଟପ୍ରଦ। ଥରେ ତା'ର ଶିକାର ହୋଇଗଲେ ମୁକୁଳିବାର ବାଟ ନଥାଏ ଆଉ। ତା'ପରେ ସର୍ବସ୍ୱ ହରେଇ ଆଜୀବନ ଭ୍ରମୁଥାଅ ଚକ୍ରବ୍ୟୂହ ଭିତରେ, ଠିକ୍ ସେଇ ହନିଟ୍ରାପ୍‌ର ଶିକାର ହୋଇଥିବା କୋଉ ସୈନିକ କି କୋଉ ଦାୟିତ୍ୱବାନ୍ ଅଫିସର ପରି। ଏତକ ଭାବିଭାବି ନିଜକୁ ନିଜେ ଧିକ୍କାର କରୁଥିଲା ଫଳବିନ୍ଧା ମାଛିଟି।

ମୋ: ୮୨୪୯୮୦୭୨୬୭



## ଫୁଲତୋଡ଼ା

ପଦ୍ମାଳୟା ସାମଲ

ଲଘୁଗଳ୍ପ

ନୂତନ ବର୍ଷକୁ ସ୍ୱାଗତ କରି ଜାନୁଆରୀ ପହିଲାଦିନ ଚାଲିଥାଏ ସାହିତ୍ୟ ସଭା। ମୋ' ମନରେ ସନ୍ଦେହ ହେଲା– ସାମ୍ନା ଧାଡ଼ିରେ କ'ଣ ବସିଛି ଜରିନା? ଦୁଇ ତିନି ଥର ଭଲକରି ଚାହିଁଲି। ସନ୍ଦେହ ରହିଲା ନାହିଁ।

ଦୁଇ ଘଣ୍ଟା ଅତିବାହିତ ହୋଇ ସାରିଥାଏ। ଆଲୋଚନାର ବିଷୟ- ଓଡ଼ିଆ ସାହିତ୍ୟରେ ସାମାଜିକ ଗଣମାଧ୍ୟମର ପ୍ରଭାବ। ଅତିଥିମାନେ ଭାବପ୍ରବଣ ହୋଇ କହିଚାଲିଥା'ନ୍ତି। ଏକଲୟରେ ଭାଷଣ ଶୁଣୁଥାଏ ଜରିନା। ଏପରି ଆଲୋଚନା ଶୁଣିବା ପାଇଁ କାହିଁକି ଆସିଛି ସେ? କଲେଜରେ ତା'ର ତ ଓଡ଼ିଆ ଏମ୍.ଆଇ.ଏଲ୍. ନଥିଲା। ସେ ଅବଶ୍ୟ ଓଡ଼ିଆ କହିପାରେ, କିନ୍ତୁ ପଢ଼ିପାରେ ନାହିଁ କି ଲେଖିପାରେ ନାହିଁ। ଜରିନାର ମାତୃଭାଷା ଓଡ଼ିଆ ନୁହେଁ।

ବକ୍ତାମାନଙ୍କ ଦୀର୍ଘ ଭାଷଣ ମଧ୍ୟରେ ଅଧାଅଧି ଶ୍ରୋତା ସଭା ଛାଡ଼ିଲେ। ଜରିନା ସେମିତି ବସିଥାଏ, ଧ୍ୟାନ କରିବା ଭଙ୍ଗୀରେ। ଶୁଣୁଥାଏ ଆଲୋଚନା। ମଝିରେ ମଝିରେ ତାଳିମାରି ଖୁସି ହେଉଥାଏ।

ମୁଁ ଥିଲି ସଭାର ସଭାପତି। ପାଞ୍ଚମିନିଟ୍ ଭିତରେ ମୋ' ଭାଷଣ ଶେଷ କଲି। ମୁଁ କହୁଥିବା ସମୟରେ ଜରିନା ବିରକ୍ତ ହୋଇ ଉଠି ଚାଲିଯାଉ, ଏକଥା ଆଦୌ ଚାହୁଁ ନଥିଲି।

ସଭା ସରିଲା। ମୋତେ ମିଳିଥିବା ଫୁଲତୋଡ଼ାଟି ଧରି ମଞ୍ଚ ଉପରୁ ଓହ୍ଲାଇ ସିଧା ଗଲି ଜରିନା ନିକଟକୁ। ପ୍ରାୟ ତିରିଶ ବର୍ଷ ତଳେ ଆମେ ପଢୁଥିଲୁ ଗୋଟିଏ ସ୍କୁଲ୍‌ରେ ଏବଂ ପରେ ଗୋଟିଏ କଲେଜରେ ସାଙ୍ଗ ହୋଇ। ଏବେ ବି ଜରିନାର ଚେହେରାରେ ଆକର୍ଷଣ ଥିଲା, ବେଶି ବଦଳି ନ ଥିଲା। ଅବଶ୍ୟ ବୟସର ଛାପ ବାରି ହେଉଥିଲା।

'ତୁମେ କେବେଠୁ ଓଡ଼ିଆ ସାହିତ୍ୟରେ ଆଗ୍ରହୀ ହେଲ?' ମୁଁ ପଚାରିଲି। ସେ ହସିଲା, ଠିକ୍ ଯେମିତି ହସୁଥିଲା କଲେଜରେ ପଢୁଥିବା ସମୟରେ। କହିଲା, ''ତୁମ ଭାଷଣ ଶୁଣିବା ପାଇଁ ଆସିଥିଲି। ଆମ ଘର ତ ଖୁବ୍ ନିକଟରେ। ଆମ ଘରେ ଭଡ଼ାରେ ରହୁଥିବା ବ୍ୟକ୍ତି ଜଣକ ଲେଖାଲେଖିରେ ଆଗ୍ରହ ରଖନ୍ତି, ସାହିତ୍ୟ ସଭାକୁ ଯାଆନ୍ତି। ତାଙ୍କଠାରୁ ଜାଣିଲି ଆଜି ତୁମେ ଏ ସଭାର ସଭାପତି। କ'ଣ କିଛି ଭୁଲ କଲି?''

ମୁଁ ଧରିଥିବା ଫୁଲତୋଡ଼ାଟା ତା' ହାତକୁ ବଢ଼ାଇ ଦେଇ କହିଲି, 'ନୂତନ ବର୍ଷର ଅଭିନନ୍ଦନ'। ସେ ଫୁଲତୋଡ଼ାଟି ନେଲା ଓ ପୁଣି ଥରେ ରହସ୍ୟମୟ ହସଟେ ହସିଲା। ମୋର ମନେହେଉଥିଲା ଯେମିତି ନୂତନ ବର୍ଷର ଅଭିନନ୍ଦନ ଜଣାଇ ଏଇ ଫୁଲତୋଡ଼ାଟି ତା' ହାତକୁ ବଢ଼ାଇ ଦେଉଛି ତିରିଶ ବର୍ଷ ତଳେ!



ମୋ: ୭୦୦୮୩୪୮୧୭୨

# କ୍ୟାବିନେଟ୍ ନିଷ୍ପତ୍ତି ନେଇ ଆଜି ସୂଚନା ଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୨ (ବନ୍ଦନା ସେଠୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଲୋକସେବା ଭବନଠାରେ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ଶନିବାର ସକାଳ ୯.୩୦ରେ ଲୋକସେବା ଭବନଠାରେ ଗଣମାଧ୍ୟମକୁ ସେ ସୂଚନା ଦେବେ। ଏନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶୁକ୍ରବାର ରାତି ୧୦ଟାରେ ଜଣାଇ ଦିଆଯାଇଛି।

# ଆଇଇଡି ବିସ୍ଫୋରଣ: ୫ ମାଓବାଦୀ ଗିରଫ

ମାଲକାନଗିରି, ୭।୨(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ କାଙ୍କେର ଜିଲା ପୋଲିସ ଆଇଇଡି ବିସ୍ଫୋରଣ ଘଟଣାରେ ୫ ମାଓବାଦୀଙ୍କୁ ଶୁକ୍ରବାର ଗିରଫ କରିଛି। ଏମାନେ ହେଲେ ବୁଦ୍ଧୁରାମ କବାଟୀ, ବାଗିନ୍ଦରଉ ସେଡ଼ି, ସୁରେଶ କୁମେଟି, ବାଲସଗୀ ନବଗୋ ଓ ଦଶରଥ ନବଗୋ। ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଜିଲାର କୋୟଲୀବେଡ଼ା ଥାନା ଅଞ୍ଚଳର ଜଙ୍ଗଲରେ ଯବାନମାନେ ସର୍ଚ୍ଚ କରିଥିଲେ। ଏହି ସମୟରେ ହେଟାରକସା ଜଙ୍ଗଲରେ ୫ ମାଓବାଦୀ ଥିବା ଜଣାପଡ଼ିଥିଲା।

# ପ୍ରସ୍ତାବିତ ଅର୍ଥନୈତିକ ରିଜିଅନ ଗ୍ରେଟର ଭୁବନେଶ୍ୱର | ୫୦ ବର୍ଷର ବିକାଶ ଯୋଜନା



**ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ** ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୭।୨ (ବନ୍ଦନା ସେଠୀ)

୨୦୩୬ ବିକଶିତ ଓଡିଶା ଗଠନ ପାଇଁ ଉଭୟ ସହରୀକରଣ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ପ୍ରସ୍ତାବିତ ଅର୍ଥନୈତିକ ରିଜିଅନ ଗ୍ରେଟର ଭୁବନେଶ୍ୱରର ଆବଶ୍ୟକତା ରହିଛି। ଏହି କ୍ରମରେ ସମୁଦାୟ ୮୫୦୦ ବର୍ଗ କି.ମି. ଅଞ୍ଚଳକୁ ସମାବେଶୀ, ବାସୋପଯୋଗୀ ଏବଂ ଦୀର୍ଘସ୍ଥାୟୀ ଅର୍ଥନୈତିକ ରିଜିଅନ ଭାବେ ବିକଶିତ କରିବା ପାଇଁ ଯୋଜନା ରହିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ଲୋକସେବା ଭବନରେ ଗୃହ ଓ ନଗର ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ବୈଠକରେ ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପକୁ ନେଇ ପ୍ରସ୍ତାବିତ ଅର୍ଥନୈତିକ ରିଜିଅନ ଗ୍ରେଟର ଭୁବନେଶ୍ୱର ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଆଗାମୀ ୫୦ବର୍ଷକୁ ଆଖି ଆଗରେ ରଖି ଆବଶ୍ୟକସ୍ଥଳେ ଆଉ ଅଧିକ ଅଞ୍ଚଳ ଏଥିରେ ଅନ୍ତର୍ଭୁକ୍ତ କରାଯିବ। ଏଥିସହିତ ପ୍ରକଳ୍ପ ନିର୍ମାଣ ପୂର୍ବରୁ ଅନ୍ୟ ରାଜ୍ୟଗୁଡ଼ିକୁ ଗସ୍ତକରି ସେମାନଙ୍କ ଯୋଜନାକୁ ଅନୁଧ୍ୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ନିକଟବର୍ତ୍ତୀ ଅଞ୍ଚଳରେ ଆଉ ଏକ ନୂତନ ସହର ନିର୍ମାଣ ଏବଂ ମେଟ୍ରୋ ରେଳ ଚଳାଚଳ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟର ସହରାଞ୍ଚଳ ବିକାଶ ପାଇଁ ଏକ ଯୋଜନା ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଭି.ଭି. ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ୧୨ ସହରରେ 'ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ' ଆରମ୍ଭ ହେବ

ଭୁବନେଶ୍ୱର, ୭।୨ (ବନ୍ଦନା ସେଠୀ)

ଓଡ଼ିଶା ଦ୍ରୁତ ଆର୍ଥିକ ଅଭିବୃଦ୍ଧି, ସହରୀକରଣ ଏବଂ ଶିଳ୍ପାୟନ ଦେଇ ଗତି କରୁଛି। ସହରାଞ୍ଚଳରେ ଜନସଂଖ୍ୟା ବୃଦ୍ଧି ଯୋଗୁ ଗୃହ ନିର୍ମାଣ ଏବଂ ପରିବହନରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ଫଳରେ ଯାନବାହନ ଚଳାଚଳ, ରାସ୍ତା ଧୂଳି, ଘରୋଇ ରୋଷେଇ, ଅଳିଆ ଏବଂ ବାୟୋମାସ୍ ପୋଡ଼ିବା ଆଦି ଦ୍ୱାରା ବାୟୁ ପ୍ରଦୂଷଣ ବୃଦ୍ଧି ପାଇଛି। ତେଣୁ ବାୟୁ ପ୍ରଦୂଷଣ ସମସ୍ୟାର ସମାଧାନ ପାଇଁ ଶୁକ୍ରବାର ୯ମ ରାଜ୍ୟସ୍ତରୀୟ ବାୟୁ ଗୁଣବତ୍ତା ମନିଟରିଂ କମିଟି (ଏକ୍ୟୁଏମ୍‌ସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନ୍‌ସିଏପି) ଅଧୀନରେ ଭୁବନେଶ୍ୱର, କଟକ, ରାଉରକେଲା, ଅନୁଗୋଳ, ତାଳଚେର, କଳିଙ୍ଗନଗର ଏବଂ ବାଲେଶ୍ୱର ଆଦି ୭ଟି ସହରରେ ବାୟୁ ଗୁଣବତ୍ତା ଉନ୍ନତି ପାଇଁ ଅନେକ କାର୍ଯ୍ୟକଳାପ କାର୍ଯ୍ୟକାରୀ ହେଉଛି। ସେହିପରି ସମ୍ଭାବ୍ୟ ବାୟୁ ପ୍ରଦୂଷଣ ବିପଦ ଥିବା ଅନ୍ୟ ଅନେକ ସହରକୁ ଏନ୍‌ସିଏପିରେ ଏଯାଏ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ଅପରପକ୍ଷେ ଏକ୍ୟୁଏମ୍‌ସି କମିଟି ସମ୍ବଲପୁର, ବ୍ରହ୍ମପୁର, ପୁରୀ,

**୯ମ ରାଜ୍ୟସ୍ତରୀୟ ବାୟୁ ଗୁଣବତ୍ତା ମନିଟରିଂ କମିଟି ବୈଠକ**

ପାରାଦୀପ, କେଉଁଝର, ଯୋଡା, ବଡ଼ବିଲ, ବଣାଇ, ରାଜଗାଙ୍ଗପୁର, ଝାରସୁଗୁଡ଼ା, ବ୍ରଜରାଜନଗର ଏବଂ ବେଲପାହାଡ଼ ଭଳି ୧୨ଟି ସହରରେ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏସ୍‌ସିଏପି) ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଆଗାମୀ ୫ବର୍ଷ ପାଇଁ ଏସ୍‌ସିଏପି ଚଲାଇବା ପାଇଁ ବଜେଟରେ ବରାଦ ଲାଗି ରାଜ୍ୟ ସରକାରଙ୍କୁ ଏକ ପ୍ରସ୍ତାବ ପ୍ରଦାନ କରିବ ବୋଲି ସୂଚନା ଦିଆଯାଇଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡ. କେ. ମୁରୁଗେସନ, ପରିବେଶ ନିର୍ଦ୍ଦେଶକ ପ୍ରେମ କୁମାର ଝା, ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର, ଗୃହ ଏବଂ ନଗର ଉନ୍ନୟନ ବିଭାଗ, ଶିଳ୍ପ ବିଭାଗର ଅଧିକାରୀ ଏବଂ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଓଡ଼ିଶାକୁ ମିଳିଥିବା ୧୦,୫୮୬ କୋଟିରୁ ୮୬୫୭.୨୩ କୋଟି ଖର୍ଚ୍ଚ

## ୨୦୨୪-୨୫ ରେଳ ବଜେଟ

ଭୁବନେଶ୍ୱର,୭।୨ (ଅନୁରାଧା ମହାରଣା)

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଓଡ଼ିଶାରେ ରେଳ ପ୍ରକଳ୍ପ ପାଇଁ ମୋଟ ବଜେଟ ଆବଣ୍ଟନ ୧୦,୫୮୬ କୋଟି ଟଙ୍କା ମଧ୍ୟରୁ ୮୧.୭୮% ଖର୍ଚ୍ଚ ହୋଇଛି। ଚଳିତ ଆର୍ଥିକ ବର୍ଷର ଜାନୁଆରୀ ସୁଦ୍ଧା ସଂଯୋଗୀକରଣ, ସୁରକ୍ଷା ଏବଂ ଭିତ୍ତିଭୂମି ବିକାଶ ଆଦି ରେଳ ପ୍ରକଳ୍ପ ବାବଦକୁ ୮୬୫୭.୨୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଦିଆଯାଇଛି। ୨୬୯ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚରେ ଭୁବନେଶ୍ୱର ରେଳ ଷ୍ଟେଶନ ଏବଂ ପ୍ରକଳ୍ପ କାର୍ଯ୍ୟ ୬୦% ସମ୍ପୂର୍ଣ୍ଣ ହୋଇଛି। ଏହା ବ୍ୟତୀତ ପୁରୀ ରେଳ ଷ୍ଟେଶନରେ ୫୦ କୋଟି ଟଙ୍କା ଏବଂ କଟକ ରେଳ ଷ୍ଟେଶନରେ ୧୬୮.୩୯ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ୧୯୯୪-୯୫ ମସିହାରେ ମଞ୍ଜୁର ହୋଇଥିବା ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ଜମି ଅଧିଗ୍ରହଣ ସମସ୍ୟାରୁ ବିଳମ୍ବିତ ହେଉଥିବାବେଳେ ଏହି ପ୍ରକଳ୍ପ ପାଇଁ ୧୧୬୦ କୋଟି ବ୍ୟୟ ବରାଦ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୯୧୩ କୋଟି ଖର୍ଚ୍ଚ ହୋଇଛି ଓ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଖର୍ଚ୍ଚ ପରିମାଣ ୧,୧୦୦ କୋଟିରୁ ଅଧିକ ହେବ ବୋଲି ଆଶା କରାଯାଉଛି। ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ସୋନପୁର ଏବଂ ପୁରୁଣାକଟକ ମଧ୍ୟରେ ୭୪ କି.ମି. ରେଳ ଲାଇନ ନିର୍ମାଣ କାର୍ଯ୍ୟ ଲକ୍ଷ୍ୟ ଧାର୍ଯ୍ୟ ପୂର୍ବରୁ ସମାପ୍ତ ହୋଇସାରିଥିବା ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଓଡ଼ିଶାର ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୮ଟି ନୂତନ ରେଳ ପ୍ରକଳ୍ପ ମଞ୍ଜୁର କରାଯାଇଛି, ଯାହାର ପରିମାଣ ୧୮,୧୧୮ କୋଟି ଟଙ୍କା ରହିଛି। ୭୩.୬୨ କି.ମି. ବିଶିଷ୍ଟ ଗୁଣୁପୁର-ଥେରୁବାଲି ନୂତନ ଲାଇନ ପାଇଁ ୧,୩୨୬ କୋଟି, ୧୧୬.୨୧ କି.ମି. ବିଶିଷ୍ଟ ଜୁନାଗଡ ରୋଡ୍-ନବରଙ୍ଗପୁର ନୂତନ ଲାଇନ ପାଇଁ ୩,୨୭୪ କୋଟି, ୧୭୩.୬୧ କି.ମି. ବିଶିଷ୍ଟ ମାଲକାନଗିରି-ପାଣ୍ଡୁରଙ୍ଗପୁରମ ନୂତନ ଲାଇନ ପାଇଁ ୪,୧୦୯ କୋଟି, ୮୨.୦୬ କି.ମି. ବିଶିଷ୍ଟ ବାଦାମପାହାଡ଼-କେନ୍ଦୁଝରଗଡ଼ ନୂତନ ଲାଇନ ପାଇଁ ୨,୧୦୭ କୋଟି ଟଙ୍କା, ୮୫.୬୦ କି.ମି. ବିଶିଷ୍ଟ ବାଙ୍ଗିରିପୋଷି-ଗୋରୁମହିଷାଣୀ ନୂତନ ଲାଇନ ପାଇଁ ୨,୫୪୯ କୋଟି ଟଙ୍କା, ୫୯.୯୬ କି.ମି. ବିଶିଷ୍ଟ ବୁଢ଼ାମରା-ଚକୁଳିଆ ନୂତନ ଲାଇନ ପାଇଁ ୧,୬୩୯ କୋଟି, ୧୩୮.୩୨ କି.ମି. ବରଗଡ଼ ରୋଡ୍‌ରୁ ନୂଆପଡା ରୋଡ୍ ଲେନ୍ ପାଇଁ ୨,୬୨୧.୯୨ କୋଟି ଟଙ୍କା, ୩୨ କି.ମି. ବିଶିଷ୍ଟ ପୁରୀ-କୋଣାର୍କ ରେଳ ଲାଇନ୍ ପାଇଁ ୪୯୨ କୋଟି ମଞ୍ଜୁର କରାଯାଇଛି। ଟ୍ରେନ ସେବାକୁ ଆଧୁନିକୀକରଣ ଏବଂ ଉନ୍ନତ କରିବା ପ୍ରୟାସର ଏକ ଅଂଶ ଭାବରେ ୧୧୭୩.୧୨ କୋଟି ଟଙ୍କା ବ୍ୟୟରେ ୫ଟି ପ୍ରମୁଖ ରେଳ ଫ୍ଲାଏଓଭରକୁ ମଞ୍ଜୁର କରାଯାଇଛି ଏବଂ ଗୋଟିଏ ଡବଲ ଲାଇନ ଫ୍ଲାଏ ଓଭରର ଏଫ୍‌ଏଲଏସ୍ ପାଇଁ ମଞ୍ଜୁରୀ ଦିଆଯାଇଛି।

# ଇଟା ବୋଝେଇ ଟ୍ରାକ୍ଟର ଓଲଟିଲା, ଦମ୍ପତି ମୃତ

## ୩ ଗୁରୁତର

ଗୁଣପୁର/ରାମନାଗୁଡ଼ା, ୭।୨(ପ୍ରଦୀପ କୁମାର ପାଢ଼ୀ/ ସଞ୍ଜୟ ପ୍ରଧାନ )

ରାୟଗଡା ଜିଲା ରାମାନାଗୁଡା ବ୍ଲକ ଅନ୍ତର୍ଗତ ଗୁଲୁମୁଣ୍ଡା ପାକା ନିକଟରେ ଶୁକ୍ରବାର ସକାଳେ ଏକ ଇଟା ବୋଝେଇ ଟ୍ରାକ୍ଟର ଓଲଟି ପଡିବାରୁ ଘଟଣାସ୍ଥଳରେ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସ୍ୱାମୀ ଚୈତନ୍ୟ ଶବର ଓ ସ୍ତ୍ରୀ ମମିତା ଶବର। ସମସ୍ତ ଶ୍ରମିକ ଗୁଣୁପୁର ବ୍ଲକ ଓମ୍ପୈରା ଗ୍ରାମର ବୋଲି ସୂଚନା ମିଳିଛି। ଗୁଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଏକ ଟ୍ରାକ୍ଟର ଗୁଲୁମୁଣ୍ଡା ପାକା ନିକଟସ୍ଥ ଫ୍ୟାକ୍ଟ୍ରିରୁ ଇଟା ବୋଝେଇ କରି ଗୁଣପୁର ଅଭିମୁଖେ ଆସୁଥିଲା। ଟ୍ରାକ୍ଟରରେ ଡ୍ରାଇଭରଙ୍କ ସହ ୬ ଜଣ ଶ୍ରମିକ ଡାଲାରେ ବସି ଗୁଣପୁର ଫେରୁଥିଲେ। ଗୁଲୁମୁଣ୍ଡା ପାକା ନିକଟରେ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିବାରୁ ଘଟଣାସ୍ଥଳରେ ୨ ଜଣ ଶ୍ରମିକ ଡାଲା ତଳେ ଚାପି ହୋଇ ରହିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ୨ ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଚଳାଇଛି। ୩ ଆହତ ଶ୍ରମିକଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଗଜପତି ଜିଲା ପାରଳାଖେମୁଣ୍ଡି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୨ ଜଣ ଶ୍ରମିକଙ୍କ ଗୁଣପୁର ଉପଖଣ୍ଡ ମେଡିକାଲରେ ଚିକିତ୍ସା ଚାଲିଥିବା ଡାକ୍ତର ସୁଜାତା ଗମାଙ୍ଗ ସୂଚନା ଦେଇଛନ୍ତି।




# ମାର୍ଚ୍ଚ ୩୧ ସୁଦ୍ଧା ଗଞ୍ଜେଇ ଚାଷର ମୂଳୋତ୍ପାଟନ ପାଇଁ ଡିଜିପିଙ୍କ ନିର୍ଦ୍ଦେଶ

- ଗଞ୍ଜେଇ ଚାଷ ବିରୋଧରେ ପୋଲିସର ସ୍ୱତନ୍ତ୍ର ଅଭିଯାନ
- ୫୯୧ ମାମଲା, ୨୫୦୦୦ ଏକର ଗଞ୍ଜେଇ ଚାଷ ନଷ୍ଟ

କଟକ/ଭୁବନେଶ୍ୱର,୭।୨ (କାର୍ତ୍ତିକ ସାହୁ/ସୂର୍ଯ୍ୟକାନ୍ତ ବେହେରା)

ଗଞ୍ଜେଇ ଚାଷ ବିରୋଧରେ ରାଜ୍ୟ ପୋଲିସ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ରାଜ୍ୟରୁ ଗଞ୍ଜେଇ ଚାଷ ମୂଳପୋଛ କରିବାକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଭୁବନେଶ୍ୱରଠାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଡିଜିପି ଖୁରାନିଆ ଗଞ୍ଜେଇ ମାଫିଆମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ଜିଲା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସ୍ୱତନ୍ତ୍ର ଅଭିଯାନ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଏହି ସମୟ ସୀମା ମଧ୍ୟରେ ଗଞ୍ଜେଇ ଚାଷର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ନିମନ୍ତେ କାର୍ଯ୍ୟ କରିବାକୁ ଡିଜିପି ଖୁରାନିଆ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଗଞ୍ଜେଇ ଚାଷ ବିରୋଧରେ ଅଭିଯାନ ଗତବର୍ଷ ନଭେମ୍ବର ପହିଲାରୁ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ଥାନାରେ ୫୯୧ଟି ମାମଲା ରୁଜୁ କରାଯାଇ ୨୫ ହଜାର ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି। ଚଳିତବର୍ଷ ଜାନୁଆରୀ ଶେଷ ସୁଦ୍ଧା ରାଜ୍ୟର ବିଭିନ୍ନ ଥାନାରେ ୨୧୩ଟି ମାମଲା ରୁଜୁ କରାଯାଇଥିବାବେଳେ ୮୨୬୯ ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ହଜାର ହଜାର ଏକର ଗଞ୍ଜେଇ ଚାଷ ନଷ୍ଟ କରିବା ପୋଲିସ ପାଇଁ ବଡ଼ ସଫଳତା ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୪ ମସିହାରେ ଏ ସଂକ୍ରାନ୍ତରେ ୩୫୦ଟି ମାମଲା ରୁଜୁ କରାଯାଇଥିଲା। ଏଥିସହ ୧୫,୦୦୦ ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା। ସେହିପରି ୨୦୨୩ରେ ୪୨୮ଟି ମାମଲା ରୁଜୁ ହୋଇ ୧୦,୫୪୧ ଏକର, ୨୦୨୨ରେ ୫୭୦ଟି ମାମଲା ରୁଜୁ ହୋଇ ୨୪,୩୯୫ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା। ରାଜ୍ୟର ୮ଟି ଜିଲାରେ ଗଞ୍ଜେଇ ଚାଷ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ରାୟଗଡ଼ା, ମାଲକାନଗିରି, କୋରାପୁଟ, ବୌଦ୍ଧ, କନ୍ଧମାଳ, ଗଜପତି, ଗଞ୍ଜାମ ଏବଂ ନବରଙ୍ଗପୁର ଜିଲାରେ ବେଆଇନ ଗଞ୍ଜେଇ ଚାଷ କରାଯାଉଥିବାବେଳେ ଏହାର ମୂଳୋତ୍ପାଟନ ନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ଅଭିଯାନ ଚାଲିଛି। ଡ୍ରୋନ୍ ଏବଂ ସାଟେଲାଇଟ୍ ମାଧ୍ୟମରେ ଏକର ଏକର ଗଞ୍ଜେଇ ଚାଷ ଜମିକୁ ଚିହ୍ନଟ କରାଯିବା ପରେ ଏହାକୁ ନଷ୍ଟ କରାଯାଉଛି। ଏଥିସହ ଗଞ୍ଜେଇ ଚାଷ କରୁଥିବା ଲୋକଙ୍କୁ ପୋଲିସ ସଚେତନ କରାଉଛି। ଗଞ୍ଜେଇ ଚାଷ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଜିପି ଖୁରାନିଆ ଚେତାବନୀ ଦେଇଛନ୍ତି।

ଏହି ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଆଇଜିପି (ଅପରେଶନ) ଜୟନାରାୟଣ ପଙ୍କଜ, ଡିଆଇଜି (ଅପରେଶନ) ଅଖିଳେଶ୍ୱର ସିଂ, ଡିଆଇଜି (ଏସ୍‌ଆଇଡବ୍ଲ୍ୟୁ) ଡ. କନୱର ବିଶାଲ ସିଂଙ୍କ ସମେତ ବିଭିନ୍ନ ରେଞ୍ଜର ଆଇଜି, ଡିଆଇଜି ଏବଂ ଜିଲା ଏସ୍‌ପିମାନେ ଉପସ୍ଥିତ ଥିଲେ।

# ମହାବୀର ଫେରୋ ଆଲଏଜ୍‌ରେ ବିସ୍ଫୋରଣ, ଏକାଧିକ ଆହତ

ରାଉରକେଲା,୭।୨(ସଙ୍ଗୀତା ଜେନା)



ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଆଇଡିସିରେ ଥିବା ମହାବୀର ଫେରୋ ଆଲଏଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ଇଣ୍ଡକ୍ସନରେ ଶୁକ୍ରବାର ଅପରାହ୍ନ ସାଢ଼େ ୪ଟାରେ ପ୍ରଚଣ୍ଡ ବିସ୍ଫୋରଣ ହେବା ଯୋଗୁ ୩ରୁ ଉର୍ଦ୍ଧ୍ୱ ଶ୍ରମିକ ଆହତ ହୋଇଥିବା ସୂଚନା ମିଳିଛି। ଏହି ଦୁର୍ଘଟଣାରେ ହାତୀବାରୀ ବେମଟା ଗ୍ରାମର ରାଜୁ ଗଞ୍ଜୁ ପୋଡ଼ିଯାଇଥିବାବେଳେ ମନୋଜ ଭଙ୍ଗୱାରୀ ଏବଂ ଜାକିର ଅନ୍‌ସାରୀ ସାମାନ୍ୟ ଆହତ ହୋଇଛନ୍ତି। ରାଜୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ତୁରନ୍ତ ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ମନୋଜ ଓ ଜାକିରଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି। ସେହିପରି ଅନ୍ୟ ୨ଜଣ ଶ୍ରମିକ ମଧ୍ୟ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। କାର୍ଯ୍ୟସ୍ଥଳରେ କୁଆଡେ ସୁରକ୍ଷା ମାନଦଣ୍ଡ ପାଳନ କରାଯାଉ ନ ଥିବା ଯୋଗୁ ଏପରି ବିସ୍ଫୋରଣ ହୋଇଥିବା ଚର୍ଚ୍ଚା ହେଉଛି। ସୂଚନା ପାଇବା ପରେ ପ୍ଲାଣ୍ଟ ଗେଟ୍‌ରେ ପ୍ରବଳ ଗହଳି ହୋଇଥିଲା। ଘଟଣାସ୍ଥଳରେ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସର ଏକ ଟିମ୍ ପହଞ୍ଚି ପରିସ୍ଥିତି ଉପରେ କଡା ନଜର ରଖିଛି। ଏ ନେଇ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗର ଡେପୁଟି ଡାଇରେକ୍ଟର ଇଂ. ବିଭୁ ପ୍ରସାଦଙ୍କୁ ପଚରାଯିବାରୁ ସେ କହିଥିଲେ, ପ୍ଲାଷ୍ଟର ଷ୍ଟିଲ ମେଲ୍ଟିଂ ଶପ୍ (ଏସ୍‌ଏମ୍‌ଏସ୍) ଫର୍ନେସ ନିକଟରେ ଏହି ଅଘଟଣ ହୋଇଥିଲା। ୩ଜଣ ପୋଡାଜଳା ଆହତଙ୍କୁ କାରଖାନା ପକ୍ଷରୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତୁରନ୍ତ ଉକ୍ତ ଫର୍ନେସକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହାସହ କାରଖାନା ଉପରେ କଟକଣା ନୋଟିସ ମଧ୍ୟ ଜାରି କରାଯିବ। ଘଟଣାର ଅନୁସନ୍ଧାନ କରାଯାଉଛି ବୋଲି ପ୍ରସାଦ କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ କାରଖାନାରେ ଅନେକ ଦୁର୍ଘଟଣା ଘଟୁଥିବା ବେଳେ କିଛି ମାତ୍ର ଲୋକଲୋଚନକୁ ଆସୁଥିବା ଚର୍ଚ୍ଚା ହେଉଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆଶ୍ରୟର ଦିବ୍ୟାଙ୍ଗ କବି ସମ୍ମିଳନୀ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ପଲଟିକାଲ ସାଇନ୍ସ ଆସୋସିଏଶନର ୩୦ତମ ସମ୍ମିଳନୀ, ସ୍ଥାନ: ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ, ପଟିଆ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ କର୍ମଚାରୀ ସଂଘର ୩୮ତମ ବାର୍ଷିକ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏମ୍‌ଡି କ୍ରିଏଶନ ଆଣ୍ଡ ଗ୍ରୁପ ପକ୍ଷରୁ ଆମେ ଓଡ଼ିଆ ଆମ ଭାଷା ଓଡ଼ିଆ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୫ତମ ବାର୍ଷିକୋତ୍ସବ, ସ୍ଥାନ: ଶ୍ରୀଅରବିନ୍ଦ ନଗର, ପାଣ୍ଡରା, ଜିଜିପି କଲୋନୀ, ସମୟ: ଅପରାହ୍ନ ୫ଟା।
- ଧଉଳି-କଳିଙ୍ଗ ମହୋତ୍ସବ, ସ୍ଥାନ: ଧଉଳି ପାଦଦେଶ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ୱାଏମ୍‌ସିଏ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଅନୁଷ୍ଠାନ ପରିସର, ମିଶନ ରୋଡ୍, ସମୟ: ସକାଳ ୮ଟା।
- ଓଡ଼ିଆ ଗୀତିକବି ସମାଜର ବାର୍ଷିକ ଅଧିବେଶନ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ପୂର୍ବାହ୍ନ ୯ଟା।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ କର୍ମଶାଳା ଓ ରକ୍ତଦାନ ଶିବିର, ସ୍ଥାନ: ଓଷ୍ଟା ମୁଖ୍ୟାଳୟ ସମ୍ମିଳନୀ କକ୍ଷ, ନୟାସଡ଼କ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରାଇଟ୍ ଫ୍ୟୁଚର ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ରୟାଲ ଗାର୍ଡେନ, ମହମ୍ମଦିଆ ବଜାର, ସମୟ: ସନ୍ଧ୍ୟା ୫ଟା।
- ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ସ୍ମୃତି ଉତ୍ସବ ଓ ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: କଟକ ସାରଳା ଭବନ, ସମୟ : ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- କୁନ୍ତଳା କୁମାରୀ ସାବତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ଗୀତାଭବନ, ସମୟ: ଅପରାହ୍ନ ୩ଟା ୩୦।

## ବାଲେଶ୍ୱର

- ଇ-ରିକ୍ସା ବଣ୍ଟନ ଶିବିର,ସ୍ଥାନ:ଗାନ୍ଧୀ ସ୍ମୃତି ଭବନ,ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ବାଇକ୍ ଶୋଭାଯାତ୍ରା,ସ୍ଥାନ:ଟେକନିକାଲ ପଡ଼ିଆ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ସଭା,ସ୍ଥାନ:ନୂତନ ଜିଲା କାର୍ଯ୍ୟାଳୟ, ଖାନନଗର, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୧ଟା।
- ଭାଗବତ କଥାମୃତ ମହୋତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ: ଗୋଛାୟତ ମାର୍କେଟ୍ କମ୍ପ୍ଲେକ୍ସ, ରୂପ୍‌ସା,ସମୟ:ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟା,ସ୍ଥାନ:ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ ରୌପ୍ୟ ଜୟନ୍ତୀ ସମାରୋହର ତୃତୀୟ ସନ୍ଧ୍ୟା,ସ୍ଥାନ:ଚାନ୍ଦିପୁର, ବାଲେଶ୍ୱର,ସମୟ:ସନ୍ଧ୍ୟା ୭ଟା।

## ଭଦ୍ରକ

- ଟିଲୋ କପ୍ ଦ୍ୱିତୀୟ ଲିଗ୍ ମ୍ୟାଚ୍, ସ୍ଥାନ: ହନୁମାନଜୀଉ ମିନିଷ୍ଟାଡିୟମ୍, ବନ୍ତ, ସମୟ: ସକାଳ ୯ଟା।
- ସାଳନ୍ଦୀ ସାହିତ୍ୟ ସଙ୍ଗମ, ସ୍ଥାନ: ସଙ୍ଗମ କନ୍‌ଭେନ୍‌ସନ୍, ଭଦ୍ରକ ବାଇପାସ୍, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ବଡ଼ଗୋପାଳସାହି, ସାବରଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ୯ମ ବାର୍ଷିକ ପାଲା ଓ ଲୋକକଳା ମହୋତ୍ସବ, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ଉତ୍ସବ, ସ୍ଥାନ: ସାବରଙ୍ଗ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ନାୟକାଣିଡିହୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଶନିଙ୍କ ମନ୍ଦିରରେ ମେଳା ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ସରଙ୍ଗମୋଟରାଗଡ଼ିଆ, ସମୟ: ସକାଳ ୮ ଏବଂ ସନ୍ଧ୍ୟା ୬ ଟା।
- କ୍ରିକେଟ୍ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ନନ୍ଦିପଦା, ବାଲିବରେଇ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା।
- ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ କଳସ ବୁଡ଼ା ଶୋଭାଯାତ୍ରା , ସ୍ଥାନ: ଗଳିଗୋପାଳପୁର, ହାଟଡ଼ିହୀ, ସମୟ : ସନ୍ଧ୍ୟା ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ଘଟ ଉତ୍ତୋଳନ, କଳସ ଶୋଭାଯାତ୍ରା, ସ୍ଥାନ : ସୋସୋ, ହାଟଡ଼ିହୀ, ସମୟ : ଅପରାହ୍ନ ୩ ଟା।

## ମୟୂରଭଞ୍ଜ

- ତ୍ରିଦିବସୀୟ ଗାୟତ୍ରୀ ଯଜ୍ଞ, ସ୍ଥାନ: ମଣିନାଗେଶ୍ୱର ମନ୍ଦିର ପରିସର, ଉଦଳା, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ଭଗବତଜୀଉ ମନ୍ଦିରର ଏକାଦଶ ବାର୍ଷିକ ଶ୍ରୀମଦ ଭାଗବତ ପୋଥିପାଠ ଉତ୍ସବ,ସ୍ଥାନ:ମାଳିହାଟୀ,ମାଣତ୍ରୀ, ବଡ଼ସାହି,ସମୟ:ସକାଳ ୯ଟା।
- ଡିଆରକେ(ଏ) ସହିତ ବିସିଏ କ୍ରିକେଟ ମ୍ୟାଚ, ସ୍ଥାନ: ବାରିପଦା ଷ୍ଟାଡିୟମ,ସମୟ: ସକାଳ ୯ଟା।
- ଦି ଇଉଫରିଆ-୨୦୨୫, ସ୍ଥାନ:ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା,ସ୍ଥାନ: ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସେବକ ଗୋପାଳ ଦାସଙ୍କ ପ୍ରବଚନ,ସ୍ଥାନ: ମାଳିହାଟୀ, ମାଣତ୍ରୀ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।
- ପଞ୍ଚ ଦିବସୀୟ ଭୀମ ମେଳା ଓ ହରିନାମ ସଂକୀର୍ତ୍ତନ, ସ୍ଥାନ: ଧେଣ୍ଡଗାଁ, ସାରସକଣା, ସମୟ: ଦିବସ ବ୍ୟାପୀ।

## ବ୍ରହ୍ମପୁର

- ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଜାତୀୟ ସମ୍ମିଳନୀ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଡିଆନ ବ୍ୟାଙ୍କ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ,ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ଉଦଘାଟନୀ , ସ୍ଥାନ: ଜିଲା କୋର୍ଟ, ସମୟ: ପୂର୍ବାହ୍ନ ୧୧ଟା୩୦।

## ଗଞ୍ଜାମ

- ବୁଦ୍ଧଖୋଲ ମହୋତ୍ସବର ଶୁଭାରମ୍ଭ, ସ୍ଥାନ: ବୁଦ୍ଧଖୋଲ ମହୋତ୍ସବ ପଡ଼ିଆ ବୁଗୁଡ଼ା, ସମୟ: ସନ୍ଧ୍ୟା ୬ ଟା।

## ଢେଙ୍କାନାଳ

- ପ୍ରଥମ ଢେଙ୍କାନାଳ ବ୍ୟାଡମିଣ୍ଟନ ପ୍ରିମିୟର ଲିଗ୍ ଉଦ୍‌ଘାଟନ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟର ୧୭ ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଭୁବନ ଜେଏମ୍‌ଏଫ୍‌ସି କୋର୍ଟ ପରିସର, ସମୟ: ଦିନ ୧୧ଟା ୩୦।
- ଅବିଭକ୍ତ ଢେଙ୍କାନାଳ ଜିଲାର ଇତିହାସ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।
- କପିଳାସ ନାଟ୍ୟ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା୩୦।

## ଜଗତ୍‌ସିଂହପୁର

- ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂତନ ପାଠଶାଳା ଉପଲକ୍ଷେ ରାଜଯୋଗ ଶିବିର, ସ୍ଥାନ: ବୃନବେଲାରୀ, ପାରାଦୀପ, ସମୟ: ସକାଳ ୬ ଟା।
- ପାରାଦୀପ କଲେଜ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସରେ ଯୁବ ପ୍ରତିଭା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କଲେଜ ପରିସର, ନୂଆବଜାର, ପାରାଦୀପ ସମୟ: ପୂର୍ବାହ୍ନ ୧୧ଟା।
- ସିରସ୍ତା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ସିରସ୍ତା, ସାମନ୍ତରାପୁର, ତିର୍ତ୍ତୋଲ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ:କଜଳା, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ଦିବ୍ୟ ଜୀବନ ସଂଘ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଅଲ ଓଡିଶା ଇଜତେମା, ସ୍ଥାନ: ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ରାଜକନିକା ଆଥେଲେଟିକ ଆସୋସିଏଶନ ପକ୍ଷରୁ ରାଜକନିକା କପ୍ କ୍ରିକେଟ, ସ୍ଥାନ: ଆର୍‌ଏନ୍ ହାଇସ୍କୁଲ ମିନି ଷ୍ଟାଡିୟମ, ରାଜକନିକା, ସମୟ:ପୂର୍ବାହ୍ନ ୧୦ଟା।
- ଗୋପୀନାଥଜୀଉଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମଲ୍ଲିକେଶ୍ୱର ମହାଦେବ ମନ୍ଦିର, ଅଡଙ୍ଗା, ଡେରାବିଶ, ସମୟ: ସକାଳ ୬ଟା।

## ନୟାଗଡ଼

- ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱାଦଶ ଦିବସ, ସ୍ଥାନ:କଣ୍ଟିଲୋ ପଲଟନ ମିନି ଷ୍ଟାଡିୟମ, ସମୟ:ପୂର୍ବାହ୍ନ ୧୧ଟା।
- ଓଡଗାଁ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ୩ୟ ଦିବସରେ ସାଂସ୍କୃତିକ ଆସର ଓ ସଭା, ସ୍ଥାନ:ଓଡ଼ଗାଁ ମହୋତ୍ସବ ପଡ଼ିଆ, ସମୟ:ଅପରାହ୍ନ ୫ଟା।
- ୮୩ ତମ ବିଶ୍ୱ ଶାନ୍ତି ଶୈବଯଜ୍ଞ ଓ ୩୯ତମ ବାର୍ଷିକ ସପ୍ତଶମ୍ଭୁ ମିଳନ ମହୋତ୍ସବର ୨ୟ ଦିବସ, ସ୍ଥାନ: ଓଡ଼ଗାଁ ଜାମୁପାଟଣାସ୍ଥ ଶ୍ରୀ ଦୂତିକେଶ୍ୱର ମହାଦେବ, ସମୟ:ସକାଳ ୮.୩୫।
- ସପ୍ତାଙ୍ଗ କାର୍ଯ୍ୟକ୍ରମର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଜଗନ୍ନାଥପ୍ରସାଦ ମହିଷାଷୁଣୀ ପୀଠ, ସମୟ: ସକାଳ ୮ଟା।
- ମା'ଭାନୁମତି ମନ୍ଦିରର ପ୍ରତିଷ୍ଠା ବାର୍ଷିକ ଉତ୍ସବର ଉଦ୍‌ଘାଟନ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଘଣାଶାଳିଆ, ସମୟ: ସକାଳ ୮ଟା।

## ରାୟଗଡ଼ା

- ଭୀଷ୍ମ ଏକାଦଶୀ ପାଇଁ ଅଷ୍ଟପ୍ରହର ନାମ ଯଜ୍ଞ, ସ୍ଥାନ: ରାୟଗଡ଼ା କୋର୍ଟ ନିକଟ ତ୍ରିନାଥ ମନ୍ଦିର, ସମୟ: ସକାଳ ୬ଟା।
- ବାସବୀ କନିକା ପରମେଶ୍ୱରୀ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: କନିକା ପରମେଶ୍ୱରୀ ମନ୍ଦିର, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ରାମ ଚରିତ ମାନସ ଜ୍ଞାନଯଜ୍ଞ ଅରଣ୍ୟ କାଣ୍ଡ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୭ ଟା।

## ନବରଙ୍ଗପୁର

- ଓଡିଶା ରାଜସ୍ୱ କ୍ଷେତ୍ର କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ମିଶନଶକ୍ତି ସମ୍ମିଳନୀ କକ୍ଷ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ବାର୍ଷିକ ଆଥଲେଟିକ ମିଟ, ସ୍ଥାନ: ପୋଲିସ ପଡ଼ିଆ, କୋରାପୁଟ, ସମୟ: ସକାଳ ୯ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରସର, ସମୟ: ସକାଳ ୬ଟା।
- ମା' ବୈଷ୍ଣୋଦେବୀ ମନ୍ଦିର ପ୍ରତିଷ୍ଠା ଦିବସ ସକାଶେ କଳସ ଯାତ୍ରା, ସ୍ଥାନ: ମହାନଦୀ ସମଲେଶ୍ୱରୀ ମନ୍ଦିର ଘାଟ, ସମୟ: ସକାଳ ୮ଟା।
- ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ହୋମଲୋନ ଏକ୍ସପୋ-୨୦୨୫, ସ୍ଥାନ: ବୁଢ଼ାରଜା ସ୍ଥିତ ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- କୁଚିଣ୍ଡା ବ୍ଲକର ଖଣ୍ଡୋକଟାରେ ୩୨ତମ ଧନୁଯାତ୍ରା ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଖଣ୍ଡୋକଟା ଧନୁଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ମା' ବୈଷ୍ଣୋଦେବୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଆୟୋଜନରେ ବିଶାଳ ଜାଗରଣ କାର୍ଯ୍ୟକ୍ରମ, ସ୍ଥାନ: କ୍ଷେତରାଜପୁର ସ୍ଥିତ ମନ୍ଦିର ପରିସର, ସମୟ: ରାତି ୮ଟା।

## ବଲାଙ୍ଗୀର

- ଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ,ସ୍ଥାନ: ଲାଠୋର, ଖପ୍ରାଖୋଲ ବ୍ଲକ, ସମୟ:ପୂର୍ବାହ୍ନ ୧୧ ଟା।
- ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ସାମୂହିକ ଗାୟତ୍ରୀ ପାଠ ଉତ୍ସବ, ସ୍ଥାନ: ଗାୟତ୍ରୀ ପୀଠ, ସେକ୍ଟର-୨, ସମୟ: ସକାଳ ୬ଟା।
- ୧୨ତମ ଜୋନାଲସ୍ତରୀୟ ସ୍ୱାସ୍ଥ୍ୟ ସମ୍ମିଳନୀ, ସ୍ଥାନ: ଶ୍ରୀ ଅରବିନ୍ଦ ଯୋଗ ମନ୍ଦିର, ସେକ୍ଟର-୫, ସମୟ: ସକାଳ ୮ଟା ୩୦।
- ବେଦବ୍ୟାସ ସଂସ୍କୃତ କଲେଜରେ ବେଦ ଉପନିଷଦ ଅଧିବେଶନ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ଶୌଚାଳୟ ସମସ୍ୟା ନେଇ କମିଶନରଙ୍କୁ ସାକ୍ଷାତ, ସ୍ଥାନ: ଆରଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ପଞ୍ଚକୁଣ୍ଡୀୟ ଶିବଶକ୍ତି ଉପାସନା ମହାଯଜ୍ଞ, ସ୍ଥାନ: ନାଗେନପାଲି, ବରଗଡ଼, ସମୟ: ସକାଳ ୮ଟା
- ଜାତୀୟ କୃମିନାଶକ ଦିବସ ଅବସରରେ ସଚେତନତା ପ୍ରଶିକ୍ଷଣ,ସ୍ଥାନ: ରାଣାପ୍ରତାପ ସ୍କୁଲ, ବରଗଡ଼,ସମୟ: ସକାଳ ୯ଟା ୩୦ମିନିଟ୍
- ଉତ୍ତାଳଗଡ଼ ଉଚ୍ଛବ, ସ୍ଥାନ:ଖଗେଶ୍ୱର ମଣ୍ଡପ, ତାଲପଦର, ବିଜେପୁର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଜୁନାଗଡ ମହୋତ୍ସବ ପାଇଁ ଆଙ୍କର ଅଡିସନ, ସ୍ଥାନ: ଜୁନାଗଡ କଳାବିକାଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଖେଳ ମେଳା-୨୦୨୫ର ତୃତୀୟ ଦିବସ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଚତୁର୍ଥ ବାଉଁଶୁଣୀ ଲୋକମହୋତ୍ସବ ଉଦ୍‌ଘାଟନ ଉତ୍ସବ,ସ୍ଥାନ:ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ବୌଦ୍ଧ, ସମୟ:ଅପରାହ୍ନ ୫ଟା।
- ସପ୍ତମ ପରଗଳପୁର କପ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସ,ସ୍ଥାନ: ପରଗଳପୁର ଖେଳପଡ଼ିଆ, ପରଗଳପୁର, ହରଭଙ୍ଗା, ସମୟ ଅପରାହ୍ନ ୩ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

### ଝିଙ୍କିକା ମାରି ବଣି ପୋଷ; ନାହିଁ ଦୋଷ।

ବ୍ୟକ୍ତି ନିଜର ସ୍ୱାର୍ଥ ପୂରଣ ଲାଗି ବେଳେବେଳେ ଅନ୍ୟାୟ ଅନୀତିକୁ ପ୍ରଶ୍ରୟ ଦେଉଥିବା ଲକ୍ଷ୍ୟ କରାଯାଇଥାଏ। ତେବେ ନିଜ ସ୍ୱାର୍ଥ ସାଧନ ପାଇଁ ଦୁର୍ବଳ ଶ୍ରେଣୀର ବ୍ୟକ୍ତିକୁ ଦଣ୍ଡ ଦେଇ ସବଳ ବ୍ୟକ୍ତିର ଉପକାର କରିବା ଦୋଷାବହ ନୁହେଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

### ଝିମିଟି ଖେଳରୁ ମହାଭାରତ।

ସାମାନ୍ୟ ଝିମିଟି ଖେଳରୁ ପାଣ୍ଡବ ଓ କୌରବମାନଙ୍କ ମଧ୍ୟରେ ବିବାଦର ସୂତ୍ରପାତ ଓ ତହିଁରୁ ମହାଭାରତ ଯୁଦ୍ଧର ଉଦ୍ଭବ। ସାମାନ୍ୟ ବିଷୟ ବା ଘଟଣାରୁ ଦୁମୁଳକାଣ୍ଡର ସୂତ୍ରପାତ ଘଟିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ଜନସେବାର ମାଧ୍ୟମ ...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିଯୁକ୍ତମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ୯ଟି ବିଭାଗରେ ୬,୩୯୦ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସର୍ବାଧିକ ୨,୮୭୮ଜଣ ନିଯୁକ୍ତିପତ୍ର ପାଇଛନ୍ତି। ସେହିଭଳି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୨,୭୬୭, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗରେ ୨୩୨, ଅର୍ଥ ବିଭାଗରେ ୧୩୦, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୨୩, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗରେ ୧୦୪, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୬୨, ଜଳ ସମ୍ପଦ ବିଭାଗରେ ୫୭ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ୩୭ ଜଣଙ୍କୁ ନିଯୁକ୍ତିପତ୍ର ଦିଆଯାଇଛି।

ନବନିଯୁକ୍ତଙ୍କୁ ଉତ୍ସାହିତ କରିବା ସହ ମୁଖ୍ୟମନ୍ତ୍ରୀ କହିଲେ, ଗତ ୭ ମାସ ମଧ୍ୟରେ ଆମେ ୬ଥର ନିଯୁକ୍ତି ମେଳାର ଆୟୋଜନ କରି ୨୦ ହଜାରରୁ ଅଧିକ ନିଯୁକ୍ତି ପ୍ରଦାନ କରିଛୁ। ଆମ ସରକାରର ପ୍ରଥମ ଦୁଇବର୍ଷ ମଧ୍ୟରେ ୬୫ ହଜାରରୁ ଅଧିକ ନିଯୁକ୍ତି ଦିଆଯିବ ବୋଲି ସେ ଘୋଷଣା କରିଥିଲେ। ରାଜ୍ୟ ଜନସଂଖ୍ୟାର ଏକ ପ୍ରତିଶତରୁ ବି କମ୍ ଲୋକ ସରକାରୀ କ୍ଷେତ୍ରରେ କାର୍ଯ୍ୟ କରିବାକୁ ସୁଯୋଗ ପାଇଥାଆନ୍ତି। ଏପରି ସୁଯୋଗ ପାଇବାରେ ଆପଣମାନଙ୍କର କଠିନ ପରିଶ୍ରମ ଏବଂ ମାତାପିତାଙ୍କ ଆଶୀର୍ବାଦ ରହିଛି। ନବନିଯୁକ୍ତମାନେ ଏକ ଅଲେଖା ସିଲଟରେ ନିଜ କର୍ମମୟ ଜୀବନ ଆରମ୍ଭ କରିଛନ୍ତି। ଅଢ଼େଇ ଦଶନ୍ଧିର ଏକ ଶାସନ ବ୍ୟବସ୍ଥାର ହ୍ୟାଙ୍ଗ ଓଭର୍ ଆପଣଙ୍କ ପାଖରେ ନାହିଁ। ତେଣୁ ଖୋଲା ମନ, ଖୋଲା ହୃଦୟର ସହିତ ଆପଣମାନେ କାମ କରିବାର ସୁଯୋଗ ପାଇଛନ୍ତି। ଏହି ସୁଯୋଗର ସଦୁପଯୋଗ କରି ସମାଜର କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ନିଯୁକ୍ତି କ୍ଷେତ୍ରରେ ଆମର ଫୋକସ ଯୁବଶକ୍ତିର ଉପଯୋଗ ପାଇଁ ଆମ ପ୍ରତିବଦ୍ଧତାର ପରିଚାୟକ। ରାଜ୍ୟରେ ଶିଳ୍ପାୟନର ଏକ ନୂଆ ଯୁଗର ଆରମ୍ଭ କରି ବେସରକାରୀ କ୍ଷେତ୍ରରେ ନିଯୁକ୍ତିର ବିପ୍ଳବ ସୃଷ୍ଟି କରିବା ପାଇଁ ମଧ୍ୟ ଉଦ୍ୟମ ଆରମ୍ଭ କରାଯାଇଛି। ଉତ୍କର୍ଷ ଓଡ଼ିଶା-ମେକ ଇନ ଓଡ଼ିଶା କନ୍‌କ୍ଲେଭ ୨୦୨୫ରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶର ସୁଯୋଗ ଆସିଛି। ଏହାଦ୍ୱାରା ୧୩ ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି। ସବୁ କ୍ଷେତ୍ରରେ ଆମର ଦୁର୍ନୀତି ବିରୋଧୀ ଅଭିଯାନ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଏହି ନିଯୁକ୍ତି ମେଳାରେ ସ୍ୱାସ୍ଥ୍ୟ ବିଭାଗରେ ୨ ହଜାର ୭୫୩ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସହ ୧୨୫ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୮୯୪ ଜଣ ଅଧ୍ୟକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ୧୭୯୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକ, ଉଚ୍ଚ ମାଧ୍ୟମିକ ପରିଷଦ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ଓ ମାଧ୍ୟମିକ ଶିକ୍ଷା ପରିଷଦରେ ୭୫ ଜଣ କନିଷ୍ଠ ସହାୟକଙ୍କୁ ମିଶାଇ ମୋଟ୨ ହଜାର ୭୬୭ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗରେ ୨୧୨ ଜଣ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଏବଂ ୨୦ ଜଣ ସହାୟକ ମତ୍ସ୍ୟ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଜଳସମ୍ପଦ ବିଭାଗରେ ୫୭ ଜଣ, ଗୃହ ଓ ନଗର ଉନ୍ନୟନ ବିଭାଗରେ ୬୨ ଜଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ୩୭ ଜଣ, ଅର୍ଥ ବିଭାଗ ଅନ୍ତର୍ଭୁକ୍ତ ଲୋକାଲ ଫଣ୍ଡ୍ ଅଡିଟ୍‌ରେ ୧୩୦ ଜଣ, ଅନୁସୂଚିତ ଜାତି ଓ ଜନଜାତି ବିଭାଗରେ ୧୦୪ଜଣ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଏବଂ କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୨୩ ଜଣ ସହାୟକ ତାଲିମ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ କହିଲେ, ନିଯୁକ୍ତି କ୍ଷେତ୍ରରେ ଗତ ୮ ମାସ ମଧ୍ୟରେ ସରକାର ବ୍ୟାପକ ପରିବର୍ତ୍ତନ କରିଛନ୍ତି ଓ ଆଗାମୀ ଦିନରେ ମଧ୍ୟ ସରକାର ନିଜ ପ୍ରତିଶ୍ରୁତି ପୂର୍ଣ୍ଣ କରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଲେ, ଆଜିର ନବ ନିଯୁକ୍ତଙ୍କ କାନ୍ଧରେ ଉତ୍କୃଷ୍ଟ କଳାର କ୍ଷେତ୍ର ଓଡ଼ିଶା ଭବିଷ୍ୟତର ଉତ୍କର୍ଷ ଓଡ଼ିଶା ଅଭିମୁଖେ ଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନତ୍ୟାନନ୍ଦ ଗଣ୍ଡ, ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ଥିଲେ। ଗଣଶିକ୍ଷା ବିଭାଗର କମିଶନର ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଓ ସ୍ୱାସ୍ଥ୍ୟ ବିଭାଗର କମିଶନର ଅଶ୍ୱତୀ.ଏସ ଧନ୍ୟବାଦ ଅର୍ପଣ କରିଥିଲେ।

## ରେପୋ ରେଟ୍ ...

କରାଯାଇଥିଲା। ୨୦୨୩ ଫେବୃଆରୀରେ ଏହାକୁ ୨୫ ପଏଣ୍ଟ ବୃଦ୍ଧି କରାଯାଇ ୬.୫ ପ୍ରତିଶତ କରାଯାଇଥିଲା, ଯାହା ଏପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ତେବେ କୋଭିଡ୍ ମହାମାରୀ ପରେ ପ୍ରଥମ ଥର ପାଇଁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ମନ୍ଥର ହୋଇଛି। କେନ୍ଦ୍ର ସରକାର ଲୋକଙ୍କ କ୍ରୟଶକ୍ତି ବଢ଼ାଇବା ନିମନ୍ତେ ବଜେଟରେ ବ୍ୟକ୍ତିଗତ ଆୟକର ପୈଠ ପାଇଁ ଆୟସୀମା ୧୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପରେ ମୁଦ୍ରାନୀତି କମିଟି ରେପୋ ରେଟ୍ କମାଇବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଛି। ସୁଧ ହାର କମିବା ଫଳରେ ଋଣ ଶସ୍ତା ହେବ ଏବଂ ବ୍ୟୟ କରିବା ଓ ନିବେଶକୁ ପ୍ରୋତ୍ସାହିତ କରିବ। ଏହାଦ୍ୱାରା ଆର୍ଥିକ କାରବାର ଅଧିକ ସକ୍ରିୟ ହେବ। ଅର୍ଥନୈତିକ ପରିବେଶକୁ ପ୍ରଭାବିତ କରୁଥିବା ବାହ୍ୟ ପରିସ୍ଥିତିର ପରିବର୍ତ୍ତନର ମୁକାବିଲା ପାଇଁ ଦେଶର ଅର୍ଥବ୍ୟବସ୍ଥାକୁ ସକ୍ଷମ କରିବା ସକାଶେ ଏମ୍‌ପିସି ନିଜ ଆଭିମୁଖ୍ୟକୁ 'ନିଉଟ୍ରାଲ୍' ରଖିଥିବା ଆର୍‌ବିଆଇ ଗଭର୍ନର ମାଲହୋତ୍ରା କହିଛନ୍ତି।

୨୦୨୨ ମେ'ରୁ ୨୦୨୩ ଏପ୍ରିଲ ମଧ୍ୟରେ କ୍ରମାଗତ ୬ ଥରରେ ରେପୋ ରେଟ୍ ୨୫୦ ପଏଣ୍ଟ ବୃଦ୍ଧି ପାଇଥିଲା। ଏହା ପରେ ଏହି ବୃଦ୍ଧି ହାରକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା। ବଜେଟ ପରେ ଅର୍ଥନୀତି ଏବଂ ମୁଦ୍ରାନୀତି ଉତ୍ତରୋତ୍ତର ଭାବେ କାର୍ଯ୍ୟ କରିବା ଉଚିତ ବୋଲି ଅର୍ଥ ମନ୍ତ୍ରଣାଳୟ କହିଥିଲା। ଆୟକରରେ କୋହଳ ସମେତ କେନ୍ଦ୍ର ବଜେଟରେ ଅନେକ ପଦକ୍ଷେପ ଘୋଷଣା କରାଯିବା ପରେ ଆର୍‌ବିଆଇ ସୁଧ ହାର କମାଇବା ନେଇ ସୂଚନା ମିଳିଥିଲା। ଆର୍ଥିକ ନିଅଣ୍ଟକୁ କମାଇବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେବା ସହ ଏକ ଅଣମୁଦ୍ରାସ୍ଫୀତିକାରୀ ବଜେଟ ପ୍ରଦାନ କରିଥିବା ଅର୍ଥ ସଚିବ ତୁହିନକାନ୍ତ ପାଣ୍ଡେ କହିଥିଲେ। ଅଭିବୃଦ୍ଧିରେ ସହାୟତା ପାଇଁ ଆର୍‌ବିଆଇର ମୁଦ୍ରାନୀତି ଫିସ୍‌କାଲ ପଲିସି ସହ କାର୍ଯ୍ୟ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଚଳିତ ଆର୍ଥିକ ବର୍ଷରେ ଆର୍ଥିକ ନିଅଣ୍ଟ ପରିମାଣ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୪.୮ ପ୍ରତିଶତ ରହିଥିବାବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ଏହାକୁ ୪.୪ ପ୍ରତିଶତରେ ସୀମିତ ରଖିବା ପାଇଁ ଲକ୍ଷ୍ୟ ରଖାଯାଇଛି।

## ଆଜି ମିଳିବ ଚତୁର୍ଥ ...

କରିବା ପରେ ୬୮ହଜାର ଆବେଦନକାରୀ ଏନ୍‌ପିସିଆଇ କରିସାରିଛନ୍ତି। ତେବେ ଏବେବି କିଛି ଆବେଦନକାରୀଙ୍କ ଏନ୍‌ପିସିଆଇ ସମସ୍ୟା ରହିଛି। ସେମାନେ ବ୍ୟାଙ୍କ ଯାଇ ଯାଞ୍ଚ କରନ୍ତୁ। ପ୍ରାୟ ୧ଲକ୍ଷ ଆବେଦନକାରୀଙ୍କର ଇ-କେୱାଇସି ସମସ୍ୟା ରହିଛି। ଏହାକୁ ୮ତାରିଖ ଶନିବାର ସୁଦ୍ଧା ସମାଧାନ କରିଥିଲେ ସେହିଦିନ ହିଁ ତାଙ୍କୁ ସୁଭଦ୍ରା ଟଙ୍କା ମିଳିଯିବ। ଏସବୁ ସମସ୍ୟାରୁ ଯେଉଁମାନେ ଏବେ ଟଙ୍କା ପାଇବେନି, ସେମାନେ ଆସନ୍ତା ମାସେ ମଧ୍ୟରେ ଇ-କେୱାଇସି ଦାଖଲ କରିପାରିବେ। ମାର୍ଚ୍ଚ ୮ରେ ଦ୍ୱିତୀୟ କିସ୍ତିରେ ସେମାନେ ଉପକୃତ ହୋଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ଦିଲ୍ଲୀ ବିଧାନସଭା ...

ଇତିମଧ୍ୟରେ ଭାଜପା ଆପ୍ ପ୍ରାର୍ଥୀମାନଙ୍କୁ ଟଙ୍କା ଦେଇ କିଣିବା ଉଦ୍ୟମ କରିଥିବା ଏହାର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ଅଭିଯୋଗ ଆଣିଛନ୍ତି। ତାଙ୍କ ଅଭିଯୋଗ ପରେ ଦୁର୍ନୀତି ନିରୋଧୀ ସଂସ୍ଥା ଏସିବି ତାଙ୍କ ଘରେ ପହଞ୍ଚି ପଚରାଉଚରା କରିଛି। ବୁଧବାର ଅନୁଷ୍ଠିତ ନିର୍ବାଚନ ବେଳେ ୬୦.୫୪ ପ୍ରତିଶତ ଦିଲ୍ଲୀବାସୀ ମତଦାନ କରିଥିବାରୁ ଫଳାଫଳ କାହା ସପକ୍ଷରେ ଯାଉଛି ତାହା କହିବା କଷ୍ଟକର ହୋଇଥିଲେ ମଧ୍ୟ ଅଧିକାଂଶ ସର୍ଭେ ସଂସ୍ଥା ଭାଜପାର ବିଜୟ ସମ୍ଭାବନା ଉଜ୍ଜ୍ୱଳ ବୋଲି ଭବିଷ୍ୟବାଣୀ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରରେ ବିବାଦୀୟ ମନ୍ତବ୍ୟ ଦେଇ ସମାଲୋଚିତ ହୋଇପାରନ୍ତି। ଯାତ୍ରା, କାର୍ଯ୍ୟସାଧନ ସାଙ୍ଗକୁ ପାରିବାରିକ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିବେ। ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। କୃତ୍ତିକା ନକ୍ଷତ୍ରରେ ଭ୍ରମଣ ଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ବୃଷ**
ଆସନ୍ତାକାଲିର ମାଙ୍ଗଳିକ କାମ ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। ଗୁରୁତ୍ୱପୂର୍ଣ୍ଣ କାମରେ ବାହାରକୁ ଯିବା ପାଇଁ ଅପେକ୍ଷା କରିଥିବା ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ରୋହିଣୀ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ। ସମ୍ପର୍କୀୟଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ**
ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। ମୃଗଶିରା ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ବ୍ୟସ୍ତ ହେବେ। ମୂଲ୍ୟବାନ ଜିନିଷ କିଣିବା ସକାଶେ ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତ ବୋଧ କରିବେ।

**କର୍କଟ**
ବନ୍ଧୁଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କୀୟ ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ପୁଷ୍ୟା ନକ୍ଷତ୍ରର ଫେରନ୍ତା ବାଟରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହେବାର ସୂଚନା ରହିଛି। ପାରିବାରିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି।

**ସିଂହ**
ପରିବାରର ଆବଶ୍ୟକତା ଅନୁଯାୟୀ ସୌଖୀନ ପଦାର୍ଥ ଆଣିପାରନ୍ତି। ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। କଳା, ସାହିତ୍ୟ, ସାମ୍ବାଦିକତା ସାଙ୍ଗକୁ ଶିଳ୍ପ, ବାଣିଜ୍ୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଂଶସିତ ହେବେ।

**କନ୍ୟା**
ହସ୍ତା ନକ୍ଷତ୍ରର ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ତରବର ନ ହୋଇ କାମକଲେ ସମସ୍ୟାର ସରଳ ସମାଧାନ ହୋଇଯିବ। ଇଚ୍ଛା ନଥିଲେ ମଧ ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ପଡ଼ିପାରେ।

**ତୁଳା**
ପରିବାରରେ ବିଶୃଙ୍ଖଳା କାରଣରୁ ମନ ଭଲ ରହିବ ନାହିଁ। କୌଣସି ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ସ୍ୱାତୀ ନକ୍ଷତ୍ରର କର୍ମକ୍ଷେତ୍ରରେ, ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା**
ମନ ମୁତାବକ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପ୍ରଶାସନିକ ସ୍ତରରେ ସମସ୍ୟା ସରଳ ସମାଧାନ କରିବା କଷ୍ଟକର ହୋଇପାରେ। ଜ୍ୟେଷ୍ଠା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ସବୁ କଥାରେ ନୀରବ ରହିବାକୁ ପଡ଼ିବ। ଆଜିର ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିବେ।

**ଧନୁ**
କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ ଭାବୁଥିବା କଥାଟି ଆଜି ଯଥା ସମୟରେ ହୋଇଯିବ। ପ୍ରତିଯୋଗିତାରେ ଯୋଗଦେଲେ ଅବଶ୍ୟ ସଫଳତା ପାଇବେ। ପାରିବାରିକ ଆବଶ୍ୟକତାକୁ ଉପଲବ୍ଧିକରି ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ରର କଳା, ସାହିତ୍ୟ, ସାମ୍ବାଦିକତାରେ ଅଗ୍ରଗତି ଘଟିବ।

**ମକର**
ଦୀର୍ଘ ଦିନରୁ ସ୍ଥଗିତ ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବାର ସୂଚନା ରହିଛି। ବନ୍ଧୁମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଧନିଷ୍ଠା ନକ୍ଷତ୍ର କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ରରେ ଉନ୍ନତି କରିବେ। ଆତ୍ମୀୟଙ୍କ ପୃଷ୍ଠ ସାହାଯ୍ୟ ଲାଭକରି ଅର୍ଥ ଓ ସମ୍ମାନ ଲାଭ ଯୋଗ ରହିଛି।

**କୁମ୍ଭ**
ଭଲ ସମ୍ପର୍କ ନ ଥିବା ବନ୍ଧୁମାନେ ଯେତେ ସମସ୍ୟା ସୃଷ୍ଟି କଲେ ମଧ କିଛି ଅସୁବିଧା ହେବ ନାହିଁ। ଶତଭିଷା ନକ୍ଷତ୍ର ସକାଶେ ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମୀନ**
କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦକୁ ଟାଣି ହୋଇଯିବେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ଉତ୍ତରାଭାଦ୍ର ନକ୍ଷତ୍ର ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହୋଇପାରେ। କଠିନ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

ଆଜି ଫେବୃଆରୀ ୮ ତାରିଖ, ମାଘ ଶୁକ୍ଳପକ୍ଷର ସର୍ବସମ୍ମତ ଭୈମୀ ବଡ଼ ଏକାଦଶୀ, ଶନିବାର, କପୋତେଶ୍ୱର ଓ ବ୍ୟାସ ସରୋବର ଯାତ୍ରା, ଭକ୍ତ ଦାସିଆଙ୍କ ତିରୋଧାନ ତିଥି, ମହାପୁରୁଷ ଅଚ୍ୟୁତାନନ୍ଦ ଜୟନ୍ତୀ, ରାଶିନକ୍ଷତ୍ର-ମୃଗଶିରା/ମିଥୁନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୬ ଗତେ ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା, ଦିବା ଘ.୦୯।୧୧ ଗତେ ଘ.୧୦।୩୬ ମଧ୍ୟେ ରାହୁକାଳ ॥




# ଚୋରାଚାଲାଣ ହେଉଛି ଜବତ ଖଣିଜ

ଯୋଡ଼ା,୭।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଖଣିଜ ଚୋରି ଥମିବାରେ ନାଁ ଧରୁନି। ଖଣିଜ ଚୋରା ବ୍ୟବସାୟୀ ଜବତ ଖଣିଜକୁ ଚୋରାଚାଲାଣ କରୁଛନ୍ତି। ଖଣି ମଣ୍ଡଳ ଅନ୍ତର୍ଗତ ନୟାଗଡ଼ ରେଳ ସାଇଡିଂ ନିକଟରେ ଥିବା ଗଚ୍ଛିତ ଲୁହାପଥର ଷ୍ଟକ୍‌ରୁ ଦିନ ରାତି ପରିବହନ କରୁଛନ୍ତି। ଖଣି ବିଭାଗ ଓ ପୋଲିସ ପକ୍ଷରୁ ଚଢ଼ାଉ ହେଉଥିଲେ ବି ଖଣିଜ ଚୋରାଚାଲାଣକୁ ରୋକାଯାଇ ପାରୁନାହିଁ। ଚୋରା ବ୍ୟବସାୟୀ ମାଲାମାଲ ହେଉଥିବା ବେଳେ ସରକାରଙ୍କ ରାଜସ୍ୱହାନି ଘଟୁଛି।

ସୂଚନା ଅନୁଯାୟୀ, ୨୦୧୦ରୁ ନୟାଗଡ଼ ରେଳ ସାଇଡିଂ ନିକଟ ନୟାଗଡ଼-ପଳାସପଙ୍ଗା ରାସ୍ତାକଡ଼ରେ ଥିବା ଏକ ପ୍ଲଟ୍‌ରେ ଲୁହାପଥର ଗୁଣ୍ଡ ଏକ ରପ୍ତାନିକାରୀ ସଂସ୍ଥା ପକ୍ଷରୁ ଗଚ୍ଛିତ ରଖାଯାଇଥିଲା। ସେ ସମୟରେ ଖଣି ବିଭାଗ ଖଣି ବାହାର ଅଞ୍ଚଳରେ ଖଣିଜ ଗଚ୍ଛିତ ରଖୁଥିବାରୁ ସଂସ୍ଥାର ଷ୍ଟୋରିଂ ଲାଇସେନ୍ସ ରଦ୍ଦ କରିଥିଲା। ଫଳରେ ଏହି ଲୁହାପଥରର ଦାବିଦାର କେହି ସାମ୍ନାକୁ ଆସି ନ ଥିଲେ। ଏହାକୁ ଖଣି ବିଭାଗ ସମ୍ପୂର୍ଣ୍ଣ ଭାବେ ନିଜ ଅକ୍ତିଆରକୁ ନେଇ ରେଳ ସାଇଡିଂଠାରେ ଗଚ୍ଛିତ ରଖିଥିଲା। ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ପ୍ରତି ଖଣି ବିଭାଗର ଅବହେଳା ତଥା ଦୀର୍ଘ ବର୍ଷ ପରେ ମଧ୍ୟ ବିଭାଗ ଲୁହାପଥରକୁ ଜବତ କରି ନିଲାମ କରି ନ ଥିବାରୁ ଖଣିଜ

## ଅଥୁନି ଖଣିଜ ଚୋରି


ଗଚ୍ଛିତ ଜବତ ଖଣିଜରୁ ଖୋଳି ଚୋରାଚାଲାଣ ହୋଇଛି।

ଚୋରା ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ଲୁହାପଥର ଉପରେ ପଡ଼ିଛି। ସେହିପରି ସମ ଅବସ୍ଥାରେ ଜୁରୁଡ଼ି ବାଂଶପାଣି, ଦେଓଝର, ବଡ଼ବିଲ ରେଳ ସାଇଡିଂରୁ ୨୦୦୮ ରୁ ୨୦୧୦ ମସିହା ମଧ୍ୟରେ ଦାବିଦାର ନ ଥିବା ପ୍ରାୟ ଲକ୍ଷାଧିକ ମେଟ୍ରିକ ଟନ୍ ଲୁହାପଥର ଖଣି ବିଭାଗ ଓ ଜିଲା ପୋଲିସ ଜବତ କରିଥିଲା। ଯାହାର କି ବର୍ତ୍ତମାନ ବିଭାଗ ପାଖରେ ଠିକ୍ ହିସାବ ନାହିଁ। ତେଣେ ଅନେକ ହଜାର ମେଟ୍ରିକ୍ ଟନ୍ ଜବତ ଲୁହାପଥର ଆଶ୍ଚର୍ଯ୍ୟଜନକ ଭାବେ ଉଭାନ ହୋଇ ସାରିଲାଣି। ଗତ ବର୍ଷ ଖଣି ବିଭାଗ ଉକ୍ତ ଷ୍ଟକ୍‌ର ଯାଞ୍ଚ କରିବାରୁ ସେଠାରେ ପ୍ରାୟ ୪ ହଜାର ମେଟ୍ରିକ୍ ଟନ୍ ଗୁଣ୍ଡ ଲୁହାପଥର ଥିବା ସୂଚନା ଦେଇଛି। ଖଣିଜ ଚୋରି ରୋକିବାକୁ ଷ୍ଟେଟ୍ ଲେବେଲ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ, ଡିଷ୍ଟ୍ରିକ୍ଟ ଲେବଲ ଟାସ୍କଫୋର୍ସ, ଖଣି ବିଭାଗର ନିଜସ୍ୱ ଯାଞ୍ଚ ଟିମ୍ ଥାଇ ମଧ୍ୟ ଚୋରିକୁ ରୋକାଯାଇ ପାରୁନାହିଁ। କିଛି ଖଣିଜକୁ ଖଣି ବିଭାଗ ଓଡ଼ିଶା ଖଣି ନିଗମ ଜରିଆରେ ନିଲାମ କରିଥିବା ବେଳେ ଜବତ ଲୁହାପଥର ଥିଲା କେତେ, ନିଲାମ ହେଲା କେତେ ଏବଂ ବଳକା ହିସାବ ଖଣି ବିଭାଗ ଦେଇପାରିନାହିଁ। ଏହାର ଆମୂଳଚୂଳ ଯାଞ୍ଚ କରାଗଲେ ଖଣି ଦୁର୍ନୀତିର ଏକ ଦ୍ୱିତୀୟ ଅଧ୍ୟାୟ ଦୃଶ୍ୟମାନ ହେବ ବୋଲି ଆଲୋଚନା ହେଉଛି। ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ କୁମାର ଅଗ୍ରୱାଲ କହିଛନ୍ତି, ଚୋରିକୁ ରୋକିବା ପାଇଁ ସେ ପ୍ରଥମେ ବାମେବାରି ପୋଲିସକୁ ଜଣାଇବେ। ସେଠାରେ ପ୍ରାୟ ୪ ହଜାର ମେଟ୍ରିକ୍ ଟନ୍‌ରୁ ଊର୍ଦ୍ଧ୍ୱ ଖଣିଜ ଥିବାରୁ ଏହାର ନିଲାମ ପ୍ରକ୍ରିୟା ପାଇଁ ଓଡ଼ିଶା ଖଣି ନିଗମ ସହିତ କଥାବାର୍ତ୍ତା ହୋଇଯାଇଛି। ଓଡ଼ିଶା ଖଣି ନିଗମ ଗାଡ଼ି ଯୋଗାଇଲେ ଖଣିଜକୁ ଦୁବୁନା ସାକ୍ରିଡିହି ଖଣିରେ ଗଚ୍ଛିତ ରଖାଯିବ। ବର୍ତ୍ତମାନ ସମୟରେ ସୁରକ୍ଷାକର୍ମୀ ଯୋଗାଇ ଦେବା ପାଇଁ ଓଡ଼ିଶା ଖଣି ନିଗମ କୁ ଚିଠି କରିବେ। ସୂଚନାଯୋଗ୍ୟ, ଗତ ୨୭ ଡିସେମ୍ବର ୨୦୨୪ ରେ ଜିଲା ପୋଲିସ ଖଣିଜ ଚୋରାଚାଲାଣ ବେଳେ ଗୋଟିଏ ଜେସିବି ମେଶିନ ସହିତ ୨ ଖଣିଜ ବୋଝେଇ ଟ୍ରକ୍‌କୁ ଜବତ କରିଥିଲା।

# 'ଭାରତ ଦୁନିଆର ସବୁଠାରୁ ବଡ଼ ମାର୍କେଟ'

ଭୁବନେଶ୍ୱର,୭।୨(ବନ୍ଦନା ସେଠୀ)

## ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ନେଇ ସିଏସିପି ବୈଠକ

ଖରିଫ ଫସଲର ମୂଲ୍ୟ ତଥା ବିକ୍ରୟଭିତ୍ତିକ ନିୟାମକ ଗଠନ ନିମନ୍ତେ କୃଷି ମନ୍ତ୍ରଣାଳୟ ଅଧୀନ କମିଶନ ଫର୍ ଏଗ୍ରୀକଲ୍‌ଚରାଲ କଷ୍ଟ ଆଣ୍ଡ୍ ପ୍ରାଇସେସ୍(ସିଏସିପି)ର ପୂର୍ବାଞ୍ଚଳ ରାଜ୍ୟମାନଙ୍କ ସହ ଏକ ବୈଠକ ରାଜ୍ୟ ଅତିଥି ଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସିଏସିପି ଚେୟାରମ୍ୟାନ ପ୍ରଫେସର ବିଜୟ ପାଲ ଶର୍ମା ଚଳିତ ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ଆମେ ହେଉଛୁ ଦୁନିଆର ସବୁଠାରୁ ବଡ଼ ମାର୍କେଟ। ଧାନ, ଗହମରେ ଭାରତ ବଳକା ଦେଶ। ସେହିଭଳି 'ଶ୍ରୀ ଅନ୍ନ' ପୂର୍ବରୁ ଆମ ଖାଦ୍ୟର ଅଂଶ ଥିଲା। ଏବେ ଲୋକେ ହୃଦୟଙ୍ଗମ କରିବା ସହ ପୁନଃଶ୍ଚ ଏହାକୁ ଥାଳିରେ ଆଣିବାକୁ ପ୍ରଚେଷ୍ଟା କରାଯାଉଛି। ଏବେ ଆମକୁ ମଞ୍ଜିର ଗୁଣବତ୍ତା ଉପରେ ଧ୍ୟାନ ଦେବାକୁ ହେବ, ଯାହାଦ୍ୱାରା ଉତ୍କୃଷ୍ଟ ମାନର ଫସଲ ଫଳିବ ଏବଂ ବଳକା ଫସଲକୁ ବିଦେଶକୁ ରପ୍ତାନୀ କରିହେବ। ଏହାବ୍ୟତୀତ ଟ୍ରେଡ୍ ପଲିସିରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଏହା ହେଲେ ଚାଷୀଙ୍କୁ ବିଶେଷ ଭାବେ ଲାଭ ମିଳିବ। ଏଥିସହ ପ୍ରଫେସର ଶର୍ମା ମୃତ୍ତିକା ସ୍ୱାସ୍ଥ୍ୟ, ଫସଲ ବିବିଧିକରଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ।



ବୈଠକରେ ସିଏସିପି ଚେୟାରମ୍ୟାନ ପ୍ରଫେସର ବିଜୟ ପାଲ ଶର୍ମା, ଓଡ଼ିଶା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ବିଭାଗୀୟ ଅଧିକାରୀମାନେ।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ବୈଠକକୁ ଉଦଘାଟନ କରି କହିଲେ, ଓଡ଼ିଶାରେ ଉତ୍ପାଦିତ ହେଉଥିବା ଜିନିଷର ବିଦେଶରେ ବହୁତ ଚାହିଦା ରହିଛି। ଚଳିତବର୍ଷ ଓଡ଼ିଶାରେ ଉତ୍କୃଷ୍ଟ ମାନର ଷ୍ଟ୍ରବେରୀ ଫଳିଛି। ତେବେ ଉତ୍ପାଦିତ ଦ୍ରବ୍ୟର ବିଦେଶ ରପ୍ତାନୀ ପାଇଁ ଉତ୍ସର୍ଗୀକୃତ କାର୍ଗୋସେବା ଓ ଫ୍ରେଟ୍ କରିଡ଼ର କରାଯିବା ଆବଶ୍ୟକ। ଏତଦ୍‌ବ୍ୟତୀତ ଚାଷୀଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ମଧ୍ୟ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଓଡ଼ିଶା କୃଷି କ୍ଷେତ୍ରରେ ପ୍ରଗତି କରିଥିବା କହିଥିଲେ। ବିଶେଷକରି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଅଧିକ ୮୦୦ଟଙ୍କା ଇନ୍‌ପୁଟ ସହାୟତା ଚାଷୀଙ୍କୁ ପ୍ରୋତ୍ସାହିତ କରିଛି। କ୍ଷୁଦ୍ର ମିଲେଟ ଉତ୍ପାଦନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ ହୋଇପାରିଥିବା ସେ ମତ ରଖିଥିଲେ। ବୈଠକରେ ଓଡ଼ିଶା ସମେତ ଛତିଶଗଡ଼, ଝାରଖଣ୍ଡ, ପଶ୍ଚିମବଙ୍ଗ କୃଷି ବିଭାଗର ଅଧିକାରୀମାନେ ଯୋଗଦେଇଥିବାବେଳେ ବିହାରର ଅଧିକାରୀମାନେ ଆଭାସି ମାଧ୍ୟମରେ ଅଂଶଗ୍ରହଣ କରିଥିଲେ। କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଓଡ଼ିଶା ବିଷୟରେ ଉପସ୍ଥାପନା ପ୍ରଦର୍ଶନ କରିଥିଲେ। ଅତିରିକ୍ତ ନିର୍ଦ୍ଦେଶକ ଡ. ରାଜେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସତ୍ୟବାଦୀ ବକୁଳବନର ପୁନରୁଦ୍ଧାର ପାଇଁ ଯୋଜନା

# ଉତ୍କଳମଣିଙ୍କ ସ୍ୱପ୍ନ ସାର୍ଥକ ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୭।୨(ସୁଚିସ୍ମିତା ସାହୁ)

ପୁଣ୍ୟାତ୍ମା ପଞ୍ଚସଖାଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବକୁଳବନ ବିଦ୍ୟାଳୟର ଐତିହ୍ୟକୁ ସୁରକ୍ଷିତ ରଖିବା ସହ ପୁନରୁଦ୍ଧାର ଓ ବିକାଶ ଦିଗରେ ରାଜ୍ୟ ସରକାର ଯୋଜନା କରିଛନ୍ତି। ଐତିହ୍ୟସମ୍ପନ୍ନ ଦୃଷ୍ଟିରୁ ଗୁରୁତ୍ୱ ବହନ ରଖିଥିବା ଏହି ପବିତ୍ର ସ୍ଥାନର ପୁନରୁଦ୍ଧାର ହୋଇପାରିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଆ ଜାତି ପାଇଁ ଦେଖିଥିବା ସ୍ୱପ୍ନ ସାର୍ଥକ ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସତ୍ୟବାଦୀ ବକୁଳବନର ଉନ୍ନତିକରଣ ପାଇଁ ନିର୍ଦ୍ଦେଶ ଦେଇଥିବାରୁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଟୁଇଟ୍ କରି ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ବକୁଳବନ ବିଦ୍ୟାଳୟରୁ ହିଁ ପଣ୍ଡିତ ଗୋପବନ୍ଧୁଙ୍କ କଳ୍ପନାରେ ନୂଆ ଜାତୀୟ ଶିକ୍ଷା ନୀତିର ଅଭ୍ୟୁଦୟ ହୋଇଥିଲା। ତାଙ୍କ ତ୍ୟାଗପୂତ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ କୃପାସିନ୍ଧୁ ମିଶ୍ର ପ୍ରମୁଖ ମହାପୁରୁଷମାନେ ବକୁଳବନରେ ଛାତ୍ରୀଛାତ୍ରଙ୍କୁ ମୌଳିକ ଶିକ୍ଷା ସହ ରୋଜଗାର ଦେବା ଭଳି ଶିକ୍ଷା ପ୍ରଦାନ କରୁଥିଲେ।

# ସ୍କେଟିଂ ମାଧ୍ୟମରେ ୧୦୩ ଦିନରେ ଭାରତ ଭ୍ରମଣ କରିବେ ସୋନି

ଛତ୍ରପୁର,୭।୨(ଦିଲ୍ଲୀପ ସାମଲ/ସନ୍ତୋଷ ପାଢୀ)

ଏକ ଭାରତ, ଶ୍ରେଷ୍ଠ ଭାରତ ଓ ଅତୁଲ୍ୟ ଭାରତ ନାରା ଦେଇ ବାରାଣସୀର ସୋନି ଚୌରାସିଆ ସ୍କେଟିଂ ଯାତ୍ରା ମାଧ୍ୟମରେ ସାରା ଭାରତ ଭ୍ରମଣରେ ବାହାରିଛନ୍ତି । ସେ ଗତ ଜାନୁଆରୀ ୨୦ରୁ ବାରାଣସୀର କାଶୀଠାରୁ ବାହାରି ମେ' ୧୨ରେ ପ୍ରାୟ ୧୦୩ ଦିନରେ ସ୍କେଟିଂ ଯାତ୍ରା ମାଧ୍ୟମରେ ସାରା ଭାରତ ଭ୍ରମଣ କରି ପୁଣି କାଶୀଠାରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛନ୍ତି। ଭାରତ ବର୍ଷର ପ୍ରତ୍ୟେକ ବ୍ୟକ୍ତି ରୋଗମୁକ୍ତ ରହିବା ପାଇଁ ବିଭିନ୍ନ ପ୍ରକାର ବ୍ୟାୟାମକୁ ଆପଣାଇବା ଲାଗି ସେ ପରାମର୍ଶ ଦେଇଛନ୍ତି ।

ଭୁବନେଶ୍ୱରରୁ ଗଞ୍ଜାମ ଜିଲା ଛତ୍ରପୁରଠାରେ ସୋନି ଶୁକ୍ରବାର ପହଞ୍ଚିଥିଲେ। ଛତ୍ରପୁର ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ବରିଷ୍ଠ ନେତା ପଦ୍ମଚରଣ ସାହୁଙ୍କ ନେତୃତ୍ୱରେ ସୋନିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ ପାଢୀ, ଉପସଭାପତି ଚୈତନ୍ୟ ପ୍ରଧାନ, ସମ୍ପାଦକ ସୁରେଶ ପଟ୍ଟନାୟକ, ଆଇନଜୀବୀ କୁଶ ବେହେରା, ଛତ୍ରପୁର ମଣ୍ଡଳ ସଭାପତି ସଞ୍ଜିତ ରାଉଳ, କଣମଣା ମଣ୍ଡଳ ସଭାପତି ଏନ.ଦୀନବନ୍ଧୁ, ସମ୍ପାଦକ ପ୍ରଫୁଲ୍ଲ ପଣ୍ଡା, ପି.ରାମବାବୁ, କେ.ଦାଶରଥି, କେ.ଚନ୍ଦ୍ରଶେଖର ରେଡ୍ଡୀ, ରାଜେନ୍ଦ୍ର ପଲାଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୋନି ଶୁକ୍ରବାର ଛତ୍ରପୁର ସର୍କିଟହାଉସଠାରେ ରାତି ରହଣି କରି ଶନିବାର ସକାଳେ ପାଲାସା ଅଭିମୁଖେ ଯାତ୍ରା କରିବେ। ସୂଚନାଯୋଗ୍ୟ, ଉତ୍ତରପ୍ରଦେଶର କାଶୀରୁ ବାହାରିଥିବା ସୋନି ୨୦ଟି ରାଜ୍ୟ ଦେଇ ୧୦,୫୫୦ କି.ମି. ପର୍ଯ୍ୟନ୍ତ ଯାତ୍ରା କରିବେ। ୧୦ହଜାର ୯୬ କି.ମି. ଯାତ୍ରା କରି ଗିନିଜ ବୁକ୍ ଅଫ ରେକର୍ଡସରେ ସ୍ଥାନ ପାଇଥିବା କାନାଡାର ବ୍ୟକ୍ତିଙ୍କୁ ପଛରେ ପକାଇ ଭାରତର ନାଁକୁ ଗିନିଜ ବୁକ ଅଫ ରେକର୍ଡସରେ ସ୍ଥାନ ଦେବା ତାଙ୍କ ଲକ୍ଷ୍ୟ ରହିଛି।


ସୋନିଙ୍କୁ ଛତ୍ରପୁରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ସର୍ବଭାରତ ସ୍ତରୀୟ କାର୍ଟୁନ୍ ପ୍ରତିଯୋଗିତାରେ ଅଶ୍ୱିନୀ-ଅବନୀଙ୍କୁ ପ୍ରଥମ ପୁରସ୍କାର



ପୁରସ୍କୃତ ହୋଇଥିବା ଅଶ୍ୱିନୀ-ଅବନୀଙ୍କ ବ୍ୟଙ୍ଗଚିତ୍ର।

ବଲାଙ୍ଗୀର,୭।୨(ବୀରେନ୍ଦ୍ର କୁମାର ଝାଙ୍କର)

ଛତିଶଗଡ଼ ପରିବହନ ବିଭାଗ ସହାୟତାରେ ତଥା ରାୟପୁରସ୍ଥିତ ରାଡା ଏବଂ ପ୍ରତିଷ୍ଠିତ ମାସିକ କାର୍ଟୁନ୍ ପତ୍ରିକା 'କାର୍ଟୁନ୍ ୱାଚ୍'ର ମିଳିତ ଆବାହକତ୍ୱରେ ଆୟୋଜିତ ଏକ ସର୍ବଭାରତୀୟ କାର୍ଟୁନ୍ ପ୍ରତିଯୋଗିତାରେ ଓଡ଼ିଶାର ବହୁ ପରିଚିତ କାର୍ଟୁନିଷ୍ଟ ୨ଭାଇ ଅଶ୍ୱିନୀ-ଅବନୀଙ୍କ ଏକ କାର୍ଟୁନ୍ ପ୍ରଥମ ପୁରସ୍କାର ଲାଭ କରିବାର ସୌଭାଗ୍ୟ ଅର୍ଜନ କରିଛି। ଆଜିର ଦିନର ଦୁର୍ଘଟଣା ପ୍ରବଣତା ଓ ଏ ସମ୍ପର୍କିତ ସାମାଜିକ ସଚେତନତାକୁ ଦୃଷ୍ଟିରେ ରଖି ପ୍ରତିଯୋଗିତା 'ସଡ଼କ ସୁରକ୍ଷା' ବିଷୟବସ୍ତୁ ଉପରେ ଆଧାରିତ ହୋଇଥିଲା। ଯୁଗ୍ମ ଭାବରେ ପୁରସ୍କାର ଲାଭ କରିଥିବା ଅଶ୍ୱିନୀ-ଅବନୀଙ୍କ ବ୍ୟଙ୍ଗଚିତ୍ରରେ ସଡ଼କ ସୁରକ୍ଷାକୁ ନେଇ ଏକ ସାମାଜିକ ଦାୟିତ୍ୱବୋଧ ଯେ ରହିବା ଉଚିତ ତାହା ଅମିତାଭ-ଧର୍ମେନ୍ଦ୍ର ଯୋଡ଼ି ଅଭିନୀତ ପ୍ରସିଦ୍ଧ 'ଶୋଲେ' ସିନେମାର ଏକ ପୋଷ୍ଟର ମାଧ୍ୟମରେ ସୁନ୍ଦର ଚିତ୍ରଣ କରାଯାଇଛି। ପ୍ରତିଯୋଗିତାର ଅନ୍ୟ ବିଜେତାଙ୍କ ମଧ୍ୟରେ ଓଡ଼ିଶାର ଦେବାଶିଷଙ୍କୁ ମଧ୍ୟ ସ୍ୱୀକୃତିମୂଳକ ପୁରସ୍କାର ମିଳିଥିବା ସୂଚନା ମିଳିଛି।

ଦୀର୍ଘ ୩୫ ବର୍ଷରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଭାବରେ କାର୍ଟୁନକରି ଆସୁଥିବା ବିଶ୍ୱର ଏହି ଏକମାତ୍ର ଯୁଗଳ କାର୍ଟୁନିଷ୍ଟ ଅଶ୍ୱିନୀ-ଅବନୀ ୨୦୧୪ ମସିହାରୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇସାରିଥିବା ବେଳେ ବହୁବାର ଅନ୍ତର୍ଜାତୀୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇସାରିଛନ୍ତି। ନେଟ୍ ଅଏଲ୍ କାର୍ଟୁନ୍ ପ୍ରତିଯୋଗିତା-ଫ୍ରାନ୍ସ, ଗୁରା ହ୍ୟୁମରୁଲୁଇ-ରୋମାନିଆ, ଡିକାକୋ-ସାଉଥ କୋରିଆ, ସାଲୋନ୍ ଅଫ୍ ଗ୍ରାଫିକ୍ ହ୍ୟୁମର-ପେରୁ, ଏଫ୍‌ସିଡବ୍ଲ୍ୟୁ ଚୀନ୍ ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତା ତଥା ଇଣ୍ଡିଆନ୍ ଏକ୍ସପ୍ରେସ୍, ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ, ହିନ୍ଦୁସ୍ଥାନ ଟାଇମ୍ସ, କାର୍ଟୁନ୍ ୱାଚ୍ ଦ୍ୱାରା ଆୟୋଜିତ ଜାତୀୟ ପ୍ରତିଯୋଗିତାରେ ସେମାନଙ୍କର ଉଲ୍ଲେଖନୀୟ କୃତିତ୍ୱ ତଥା ସମ୍ମାନଜନକ ପି.ସି. ରଥ ମୋମୋରିଏଲ ଅନ୍ତର୍ଜାତୀୟ କାର୍ଟୁନ୍ ପ୍ରତିଯୋଗିତାର ସଫଳ ଆୟୋଜନ ଓଡ଼ିଶାର ଏହି ଭ୍ରାତୃଦ୍ୱୟଙ୍କୁ ବିଶ୍ୱ ବ୍ୟଙ୍ଗଚିତ୍ର ଜଗତରେ ବେଶ୍ ପରିଚିତି କରିଛି।



ଧନ ନିମିତ୍ତ ଧନୀ ପାଖରେ ମସ୍ତକ ନତ କରିବ ନାହିଁ। ତାଙ୍କର ଆଡ଼ମ୍ବର, ପ୍ରତିପତ୍ତି ବା ପ୍ରଭାବରେ କେତେବେଳେ ବି ବଶୀଭୂତ ହେବ ନାହିଁ। -ଶ୍ରୀଅରବିନ୍ଦ

-ଭୈମୀ ଏକାଦଶୀ (ବଡ଼) ଉପବାସ, ବ୍ୟାସ ସରୋବର ମେଳା, ହଳ ନିଷେଧ



# ପରିବର୍ତ୍ତନର ସଙ୍କେତ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭାରତୀୟ ଜନତା ପାର୍ଟି (ଭାଜପା) ନେତୃତ୍ୱାଧୀନ ଓଡ଼ିଶା ସରକାର ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ପ୍ରକାଶ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପରାମର୍ଶଦାତା ଭାବେ କ୍ୟାବିନେଟ ର୍ୟାଙ୍କରେ ନିଯୁକ୍ତ କରିଛନ୍ତି। କେବଳ ମିଶ୍ରଙ୍କ ପାଇଁ ଏହା ଏକ ବଡ଼ ଦାୟିତ୍ୱ ନୁହେଁ, ବରଂ ଓଡ଼ିଶାର ରାଜନୈତିକ ଦୃଶ୍ୟପଟ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ମିଶ୍ରଙ୍କ କ୍ୟାରିୟରକୁ ଦେଖିଲେ ୨୦୧୪ରେ ମୋଦି ସରକାର ଯେତେବେଳେ କ୍ଷମତାକୁ ଆସିଲେ ସେତେବେଳେ ସଙ୍ଗେ ସଙ୍ଗେ ତାଙ୍କୁ ଭାରତର ସବୁଠୁ ବଡ଼ ଅର୍ଦ୍ଧସାମରିକ ବଳ ସିଆର୍‌ପିଏଫ୍‌ର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିଲା। ଅବସର ନେବା ପରେ ସେ କେନ୍ଦ୍ରର ଶୁଭ ଦୃଷ୍ଟିରେ ରହିଆସିଥିଲେ। ଶେଷରେ ସେ ଭାଜପାରେ ଯୋଗଦେଇ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ପ୍ରଶାସନିକ କ୍ୟାରିୟରରେ ସେ ବହୁ ବାଧାର ସମ୍ମୁଖୀନ ହୋଇଛନ୍ତି। ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଭାବେ ତାଙ୍କ କାର୍ଯ୍ୟକାଳ ହଠାତ୍ ଶେଷ ହୋଇଯାଇଥିଲା, ଯେତେବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସେହି ପଦବୀରୁ ହଟାଇ ଦେଇଥିଲେ। କିନ୍ତୁ ସେ ଦିଲ୍ଲୀରେ ପ୍ରଶାସନିକ ବ୍ୟବସ୍ଥାକୁ ଫେରି ପ୍ରମୁଖ ପଦବୀରେ ରହିଥିଲେ। ଏପରି କି ସେ ସିବିଆଇ ନିର୍ଦ୍ଦେଶକ ପଦବୀର ନିକଟତର ହୋଇଥିଲେ। କିନ୍ତୁ ୨୦୧୪ରେ ଯେତେବେଳେ ମିଶ୍ରଙ୍କ ନାମ ସିବିଆଇ ଶୀର୍ଷ ପଦବୀ ପାଇଁ ବିଚାର କରାଗଲା ସେତେବେଳେ ଓଡ଼ିଶା ସରକାର ତାଙ୍କ ନାମରେ ଏକ ଭିଜିଲାନ୍ସ କେସ୍ କଲେ। ଷ୍ଟେଟ୍ ପୋଲିସ ହାଉସିଂ ଆଣ୍ଡ୍ ୱେଲ୍‌ଫେୟାର କର୍ପୋରେଶନର ସିଏମ୍‌ଡି ଥିବାବେଳେ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ତାଙ୍କ ବିରୋଧରେ ଏହି କେସ୍ କରାଯାଇଥିଲା। ପରେ ୨୦୧୫ରେ ଓଡ଼ିଶା ଉଚ୍ଚନ୍ୟାୟାଳୟ ଏହି ମାମଲାକୁ ରଦ୍ଦ କରିବା ସହ ରାଜ୍ୟ ସରକାର ତାଙ୍କୁ ଟାର୍ଗେଟ କରିଥିବା କହିଥିଲେ। ଏବେ ଏକ ଦଶନ୍ଧି ପରେ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ ହୋଇଛି। ଭାଜପା ଅଭିଜ୍ଞ ଅମଲାତନ୍ତ୍ରୀଙ୍କ ଉପରେ ଅଧିକ ଭରସା କରୁଛି ଏବଂ ଓଡ଼ିଶା କ୍ଷମତା ପରିସରକୁ ମିଶ୍ରଙ୍କ ପୁନଃପ୍ରବେଶ ରାଜ୍ୟର ରାଜନୈତିକ ଗତିଶୀଳତାରେ ପରିବର୍ତ୍ତନ ସଙ୍କେତ ଦେଇଛି।

### ଅସହାୟ ସ୍ୱୀକାରୋକ୍ତି

ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ସ୍ୱୀକାରୋକ୍ତିକୁ ନେଇ ଏକ ପୁରୁଣା ପ୍ରଶ୍ନ ଉଠିଛି। ପ୍ରଶ୍ନଟି ହେଉଛି ବାସ୍ତବରେ କିଏ ଭାରତର ଶାସନକୁ ନିୟନ୍ତ୍ରଣ କରୁଛି– ନିର୍ବାଚିତ ସରକାର ନା ଅମଲାତାନ୍ତ୍ରିକ ପ୍ରକ୍ରିୟା। ସେ ପ୍ରକାଶ କରିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟିକସ ଛାଡ଼ କରିବାକୁ ଚାହୁଁଥିଲେ, କିନ୍ତୁ ଅମଲାତାନ୍ତ୍ରିକ ପ୍ରକ୍ରିୟା ଏହାକୁ ଧିମା କରିଦେଲା। ସେ ପ୍ରକୃତରେ କହିଥିଲେ, " ପ୍ରଧାନମନ୍ତ୍ରୀ ଅତ୍ୟନ୍ତ ସ୍ପଷ୍ଟ ଥିଲେ ଯେ, ସେ କିଛି କରିବାକୁ ଚାହୁଁଛନ୍ତି। ଏଣୁ ବୋର୍ଡକୁ ଅବଗତ କରିବା ଲାଗି ଅଧିକ କାମ କରିବା ଆବଶ୍ୟକ ଥିଲା। ଏଥିରୁ ବୁଝାପଡୁଛି ଯେ, ରାଜନୈତିକ ନେତୃତ୍ୱ ନିକଟରେ ବଡ଼ ବିଚାର ଥାଇପାରେ, କିନ୍ତୁ ତାହା ଯେତେବେଳେ ସାମ୍ନାକୁ ଆସେ ବାବୁମାନେ ହିଁ ନିଷ୍ପତ୍ତି ନିଅନ୍ତି। ଅର୍ଥମନ୍ତ୍ରୀଙ୍କର ଏହା ଏକ ଅସହାୟ ବା ଦୁର୍ବଳ ସ୍ୱୀକାରୋକ୍ତି। ବାସ୍ତବରେ ବାବୁମାନେ ରାଜନୈତିକ ପରିସରରେ ସେମାନଙ୍କ କ୍ଷମତା ପ୍ରୟୋଗ ଜାରି ରଖିଛନ୍ତି କି? କିମ୍ବା ଅମଲାତନ୍ତ୍ରକୁ ତାହାର ଯଥୋଚିତ ପରିଶ୍ରମର ଏହା ଏକ ପରୋକ୍ଷ ପ୍ରଶଂସା, ଯାହା ନିଶ୍ଚିତ କରୁଛି କି ସେମାନଙ୍କ ଉଚିତ ଯାଞ୍ଚ ବିନା କିଛି ବି ଆଗେଇ ପାରିବ ନାହିଁ। ସେ ଯାହା ବି ହେଉ, ଏହା ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ, ଯିଏ କ୍ଷମତାରେ ଥାଆନ୍ତୁ ନା କାହିଁକି ବ୍ୟବସ୍ଥା ତା' ବାଟରେ କାମ କରେ। ଏବେ ଟିକସଦାତାମାନେ ଶୀଘ୍ର ମୁକ୍ତ ହେବାକୁ ଚାହାନ୍ତି। ସେମାନେ ଅଧିକ ଇଚ୍ଛୁକ, କିନ୍ତୁ ଫାଇଲ ପ୍ରୋସେସିଂରେ ଅଛି। ଏହା ମଧ୍ୟ ଏକ ଅସ୍ୱସ୍ତିକର ବାସ୍ତବତାକୁ ପ୍ରକାଶ କରୁଛି, ଯେଉଁଥିରେ ରାଜନେତାମାନେ ନୂଆ ଦୃଷ୍ଟିକୋଣ ଆଣିବେ କିନ୍ତୁ ତାହା କିଭଳି ତୁରନ୍ତ ଆଗକୁ ବଢ଼ିବ ତାହା ଅମଲାତନ୍ତ୍ରୀମାନେ ନିଷ୍ପତ୍ତି ନେବେ।

### ଚତୁର ନିଷ୍ପତ୍ତି

ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ରାଜ୍ୟରେ ନୂଆ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କ ପ୍ରବେଶକୁ ରୋକିବା ଲାଗି ନିଷ୍ପତ୍ତି ନେଇଛନ୍ତି, ଯାହାକୁ ନେଇ ବିବାଦ ଉଠିଛି। ତାଙ୍କର ଯୁକ୍ତି ହେଉଛି, ରାଜ୍ୟର ଲୋକସଂଖ୍ୟା ୭୦ ଲକ୍ଷ ହୋଇଥିବାରୁ ଏବେ କାର୍ଯ୍ୟରତ ୧୫୩ ଆଇଏଏସ୍ ଅଧିକାରୀ ଯଥେଷ୍ଟ। ସେ ମଧ୍ୟ ଭାରତୀୟ ବନସେବା (ଆଇଏଫ୍‌ଏସ୍) ଅଧିକାରୀ ସଂଖ୍ୟା ହ୍ରାସ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହା ଏକ ଚତୁର କାର୍ଯ୍ୟ, ହେଲେ ସମସ୍ତେ ଏହା ବୁଝନ୍ତି ନାହିଁ। ବିରୋଧୀ ନେତା ଜୟରାମ ଠାକୁର ସୁଖୁଙ୍କ ପଦକ୍ଷେପକୁ ବିରୋଧ କରିବା ସହ ଏହାକୁ ଶାସକୀୟ ବିଫଳତା ବୋଲି କହିଛନ୍ତି। ସୁଖୁଙ୍କ ପଦକ୍ଷେପ ବିରୋଧରେ ଯୁକ୍ତି କରାଯାଉଛି ଯେ, କମ୍ ଅଧିକାରୀ ରହିବା ଅର୍ଥ କାର୍ଯ୍ୟ ଚାପ ବଢ଼ିବ, ନିଷ୍ପତ୍ତିରେ ବିଳମ୍ବ ହେବ ଏବଂ ଅଧିକ ପ୍ରଶାସନିକ ଅବ୍ୟବସ୍ଥା ସୃଷ୍ଟି ହେବ। ସୁଖୁ କେବଳ ସଂଖ୍ୟା ହ୍ରାସ କରିବା କଥା ଚିନ୍ତା କରିନାହାନ୍ତି ବରଂ ଖର୍ଚ୍ଚ କମାଇବା ସହ ପ୍ରଶାସନକୁ ବ୍ୟବସ୍ଥିତ କରିବାର ଲକ୍ଷ୍ୟ ରଖିଛନ୍ତି। ଅନାବଶ୍ୟକ ସରକାରୀ ଖର୍ଚ୍ଚ କମାଇବା ଏକ ଚତୁର ରାଜନୈତିକ ନିଷ୍ପତ୍ତି । ଅମଲାତାନ୍ତ୍ରିକ ବ୍ୟବସ୍ଥାକୁ ବଢ଼ାଇବା ବଦଳରେ ସରକାର ଦକ୍ଷତା ପ୍ରତି ଗୁରୁତ୍ୱ ଦେଉଥିବା ସଙ୍କେତ ଦେଇଛନ୍ତି। ପ୍ରକୃତ ପ୍ରଶ୍ନ ହେଉଛି, ଏହା କ'ଣ ଏକ ଭଲ ସୁଶାସନକୁ ବାଟ ଦେଖାଇବ ନା ଶାସନ ଉପରେ ଅଧିକ ଚାପ ପକାଇ ନକାରାତ୍ମକ ପରିଣାମକୁ ଆମନ୍ତ୍ରଣ କରିବ?

Email: dilipcherian@gmail.com

# ଜନଗଣନା ଅର୍ଥନୈତିକ ଓ ବୃତ୍ତିଭିତ୍ତିକ ହେଉ



ହରିଶଙ୍କର ମିଶ୍ର

ଆମ ଦେଶରେ ଶେଷ ଜନଗଣନା ୨୦୧୧ ମସିହାରେ ହୋଇଥିଲେ ବି ୨୦୨୧ ମସିହାରେ କରୋନା ସଂକ୍ରମଣ ପାଇଁ ଦଶ ବାର୍ଷିକ ଜନଗଣନା ହୋଇ ନ ଥିଲା। ତେଣୁ ୨୦୨୫ ମସିହାରେ ଜନଗଣନା ଆରମ୍ଭ ହୋଇ ୨୦୨୬ ମସିହାରେ ଶେଷ ହେବ ବୋଲି କେନ୍ଦ୍ରରେ ନିଷ୍ପତ୍ତି ହୋଇଛି। ଜନଗଣନାରେ ଅନେକ ତଥ୍ୟର ପରିସଂଖ୍ୟାନ ରହିଥାଏ। କିନ୍ତୁ ଏହି ଜନଗଣନା ଜାତିଭିତ୍ତିକ କରିବା ପାଇଁ କିଛି ରାଜନୈତିକ ଦଳ ଦାବି କରୁଥିବାରୁ ତାହା ଅଭିସନ୍ଧିମୂଳକ ଓ ଭିନ୍ନ ଉଦ୍ଦେଶ୍ୟ ରଖୁଥିବା ମନେହୁଏ। ଗୋଟିଏ ବିକଶିତ ରାଷ୍ଟ୍ର ପାଇଁ ନାଗରିକଙ୍କ ଅର୍ଥନୈତିକ ସମୃଦ୍ଧି ଅପରିହାର୍ଯ୍ୟ। ପୂର୍ବରୁ ସାମାଜିକ ଚଳଣିରେ ସଂହତି ପାଇଁ ବୃତ୍ତିଭିତ୍ତିକ ଜାତିବାଦ ସୃଷ୍ଟି ହୋଇଥିଲା, ଯାହାକି ସମୟକ୍ରମେ ବଂଶାନୁକ୍ରମିକ ହୋଇଗଲା। ଏବେ କିନ୍ତୁ ବୃତ୍ତିର ପରିସଂଖ୍ୟାନ ଯଦି କରାଯାଏ ତେବେ ଜଣାଯିବ ଯେ ପ୍ରତ୍ୟେକ ବୃତ୍ତିରେ ପ୍ରତ୍ୟେକ ଜାତିର ବ୍ୟକ୍ତି ନିଶ୍ଚିତ ଅଛନ୍ତି।

ଦେଶ ସ୍ୱାଧୀନ ହେବାର ଅଠସ୍ତରି ବର୍ଷ ଅତିକ୍ରାନ୍ତ ହୋଇଯାଇଛି। ସାଧୀନ ଭାରତରେ ଅର୍ଥନୈତିକ ବିକାଶ ପାଇଁ କିଛି ନିର୍ଦ୍ଦିଷ୍ଟ ଜାତିକୁ ଅନୁସୂଚିତ ଘୋଷଣା କରି ସେମାନଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି କରାଯାଇଥିଲା, ଯାହାକି ଏବେ ବଳବତ୍ତର ରହି ସେମାନଙ୍କ ତୃତୀୟ ପିଢ଼ି ଉପଭୋଗ କରୁଛନ୍ତି। ଏବେବି ସର୍ବୋଚ୍ଚ ନ୍ୟାୟାଳୟରେ କିଛି ସମ୍ପ୍ରଦାୟକୁ ସେମାନଙ୍କ ସହ ସାମିଲ କରିବାକୁ ମାମଲା ଓ ଅଦାଲତ ଅବମାନନା ମାମଲା ଚାଲୁ ରହିଛି। କିନ୍ତୁ ବର୍ତ୍ତମାନ ରାଜନୈତିକ ସ୍ୱାର୍ଥ ପାଇଁ ଯେପରି ଜାତିକୁ ଗୁରୁତ୍ୱ ଦିଆଯାଉଛି ତାହା ସମାଜରେ ବିଷାକ୍ତ ପରିସ୍ଥିତି ସୃଷ୍ଟି କରୁଥିବା ଏବଂ ଅନେକ ସମୟରେ ତାହା ସ୍ୱର୍ଶକାତର ପ୍ରସଙ୍ଗ ହେଉଥିବାର ଖବର ହୋଇଯାଉଛି। ଜାତିକୁ ନେଇ ଆମ ଦେଶରେ ଆଇନରେ ଏଭଳି ବ୍ୟବସ୍ଥା ରହିଛି ଯେ, ତାହା ଅନେକ ସମୟରେ ଅପବ୍ୟବହାର ହୋଇ ପ୍ରତିଶୋଧ ପାଇଁ ଅମୋଘ ଅସ୍ତ୍ର ହୋଇଯାଉଛି। ଆମ ଦେଶ ବିଶ୍ୱଗୁରୁ ହେବାର ସମୟ ଆସିଯାଇଛି ବୋଲି ଯେଉଁମାନେ ଡିଣ୍ଡିମ ପିଟୁଛନ୍ତି ସେଇମାନେ ଶାସନ ତନ୍ତ୍ରକୁ ଅକ୍ତିଆର ପାଇଁ ଭୋଟ କାରକ ଉଦ୍ଦେଶ୍ୟରେ ଜାତି ପ୍ରୀତି ଦେଖାଉଛନ୍ତି। ଏହା ସତ୍ୟ ଯେ ରାଜନୈତିକ ସ୍ୱାର୍ଥ ସିଦ୍ଧି ପାଇଁ ୧୯୯୦ ମସିହାରେ ଯେତେବେଳେ ଅଳିଆଗଦାରୁ ଆଣି ମଣ୍ଡଳ କମିଶନ ରିପୋର୍ଟକୁ କାର୍ଯ୍ୟକାରୀ କରାଗଲା ସେତେବେଳେ ସାରା ଦେଶରେ ହିଂସାକାଣ୍ଡ ବ୍ୟାପକ ହୋଇଥିଲା। ଓଡ଼ିଶା ମଧ୍ୟ ସେଥିରୁ ବାଦ୍ ଯାଇନଥିଲା। କିନ୍ତୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ



ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ସ୍ପଷ୍ଟ କରିଥିଲେ ଯେ, ଗରିବର ଜାତି ନାହିଁ। ଅବଶ୍ୟ ସେଥିପାଇଁ ଓଡ଼ିଶାରେ ହିଂସାକାଣ୍ଡ କିଛି ମାତ୍ରାରେ ସୀମିତ ରହିଥିଲା। କିନ୍ତୁ କେନ୍ଦ୍ର ସରକାରଙ୍କ ପତନ ହୋଇଗଲା। ଗଣତାନ୍ତ୍ରିକ ବ୍ୟବସ୍ଥାରେ ତାକୁ ବିରୋଧ କରୁଥିବା ରାଜନୈତିକ ଦଳ ପରବର୍ତ୍ତୀ ଶାସନ କ୍ଷମତା ପାଇ ତାହାକୁ କାର୍ଯ୍ୟକାରୀ କରାଇଲେ। ଏବେବି ଅନେକ ଯୋଜନା ଓ କର୍ମନିଯୁକ୍ତି ପାଇଁ ଜାତିଭିତ୍ତିକ ସୁଯୋଗ ଦିଆଯାଉଛି। କିନ୍ତୁ କୌଣସି ସର୍ବେକ୍ଷଣ ସଂସ୍ଥା ବା ରାଜନୈତିକ ଦଳ ଦେଶର କୌଣସି ଜାତି ସମ୍ପୂର୍ଣ୍ଣ ଅବହେଳିତ ବା କୌଣସି ଜାତି ସମ୍ପୂର୍ଣ୍ଣ ବିକଶିତ ବୋଲି ପ୍ରାମାଣିକ ତଥ୍ୟ ଦେଇପାରିବେ ନାହିଁ, କାରଣ ଏବେ ପ୍ରତ୍ୟେକ ଜାତିରେ ଅର୍ଥନୈତିକ ସବଳ ଓ ଦୁର୍ବଳ ଶ୍ରେଣୀର ଲୋକ ରହିଛନ୍ତି। ବରଂ ଏହି ଜାତିଭିତ୍ତିକ ସୁଯୋଗ ତେଲିଆ ମୁଣ୍ଡରେ ତେଲ ପରି କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପାଇଁ ବରଦାୟକ ହେଉଛି।

ରାଜନୀତି ବା ପ୍ରଶାସନର ମର୍ଯ୍ୟାଦାଜନକ ପଦବୀରେ ଥିବା ବ୍ୟକ୍ତିଙ୍କ ଉତ୍ତର ଦାୟାଦ ପୁନଶ୍ଚ ଜାତିଭିତ୍ତିକ ସମସ୍ତ ସୁଯୋଗ ପାଉଥିବା ବେଳେ ସେମାନଙ୍କ ଘରେ ଥିବା ରୋଷେୟା ଚାକର ଥିବା ବ୍ୟକ୍ତିଙ୍କ ଦାୟାଦ ଯୋଗ୍ୟତା ଥାଇ ସୁଦ୍ଧା ଉଚ୍ଚ ଜାତି ଆଧାରରେ ସେଥିରୁ ବଞ୍ଚିତ ହୋଇ ସେଇ ବୃତ୍ତିକୁ ହିଁ ଆଦରି ନେଉଛନ୍ତି। ଆମ ସମ୍ବିଧାନରେ ଯଦି ସମସ୍ତେ ସମାନ ଏଂ ସାଛନ୍ଦ୍ୟ ଚଳଣି ପାଇଁ ସମସ୍ତଙ୍କର ଅଧିକାର ରହିଛି ତେବେ ସରକାର ଦେଶର ଅର୍ଥନୈତିକ ପ୍ରଗତି ପାଇଁ ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କୁ ଗୋଟିଏ ବର୍ଗରେ ସ୍ଥାନିତ କରିବା ଜରୁରୀ ନୁହେଁ କି?

ଦ୍ୱିତୀୟତଃ ଏହା ସ୍ୱୀକାର୍ଯ୍ୟ ଯେ ଆମ ଦେଶ ଓ ରାଜ୍ୟରେ ଅନେକ ଯୋଜନା ରାଜନୈତିକ ଇଚ୍ଛାଶକ୍ତିରେ ପରିଚାଳିତ ହେଉଥାଏ। ଯେଉଁମାନେ ଶାସକ ଦଳର କର୍ମୀ ସେମାନେ ସମସ୍ତ ସରକାରୀ ସହାୟତା ପାଉଥିବା ବେଳେ ବିରୋଧୀ ଦଳର କର୍ମୀ ସେଥିରୁ ବଞ୍ଚିତ ହୁଅନ୍ତି। ଯେଉଁମାନେ କୌଣସି ଦଳର ସମର୍ଥକ ନୁହନ୍ତି ସେମାନେ ଭାଗ୍ୟ ଆଦରି କୌଣସି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରନ୍ତି ନାହିଁ। ଏବେ ଅବସ୍ଥା ଏପରି ବିଚିତ୍ର ହୋଇଛି ଯେ ଯେଉଁମାନେ ଭୂମିହୀନ ଭାବେ ସମସ୍ତ ସରକାରୀ ସୁଯୋଗ ପାଉଛନ୍ତି ସେମାନେ ମଧ୍ୟ ବହୁ ପରିମାଣର ଧାନ ବିକ୍ରି ପାଇଁ ନାମ ଅନୁବନ୍ଧିତ କରୁଛନ୍ତି। ଦେଶରେ ଆଧାର କାର୍ଡ ଏକକ ପରିଚୟପତ୍ରର ମାନ୍ୟତା ପାଇଛି। ତେଣୁ ତାହା ଆଧାରରେ ଜନଗଣନା କରାଯିବାରେ କୌଣସି ପ୍ରତିବନ୍ଧକ ନାହିଁ। ଏଥିସହ ପ୍ରତ୍ୟେକ ବ୍ୟକ୍ତିର ବୃତ୍ତି ଏବଂ ଅର୍ଥନୈତିକ ସ୍ଥିତିକୁ ବୈଷୟିକ ଜ୍ଞାନକୌଶଳ ଆଧାରରେ ସମୟ ଭିତ୍ତିକ ପର୍ଯ୍ୟବେକ୍ଷଣ ପାଇଁ ସୁରକ୍ଷିତ କରାଯିବା ଉଚିତ। ଜନଗଣନା ପୂର୍ବରୁ ପରିବାରର ସଂଜ୍ଞା ମଧ୍ୟ ନିର୍ଦ୍ଧାରଣ କରାଯିବାର ଆବଶ୍ୟକତା ରହିଛି। ଏହା ଆମର ସଂସ୍କୃତି ଭିତ୍ତିକ ହେବା ଉଚିତ। ନଚେତ୍ ସରକାରୀ ଦଳର କରିତ୍‌କର୍ମାମାନେ ମାଗଣା ଯୋଜନାରେ ବାପପୁଅ, ସ୍ୱାମୀସ୍ତ୍ରୀଙ୍କୁ ତଫାତ କରାଇ ଏକାଧିକ ସୁଯୋଗ ନେବା ଆଦୌ ଅସମ୍ଭବ ନୁହେଁ। ଆମ ରାଜ୍ୟରେ କାଳିଆ ଯୋଜନାରେ କୃଷି ଶ୍ରମିକ ଭାବରେ ସହାୟତା ପାଇଥିବା ଅନେକ ବ୍ୟକ୍ତି ନିଜେ ବା ତାଙ୍କର ପତ୍ନୀ ନିର୍ମାଣ ଶ୍ରମିକ ଭାବରେ ପଞ୍ଜୀକରଣ କରି ପାଉଥିବା ସୁଯୋଗ ପରି ତଥ୍ୟଭିତ୍ତିକ ଖବର ଅଭାବ ନାହିଁ। ସେମାନଙ୍କ ମଧ୍ୟରୁ କିଛି ପଡ଼ୋଶୀ ରାଜ୍ୟକୁ ଅଧିକ ରୋଜଗାର ପାଇଁ ଯାଉଥିବା ବେଳେ ଦାଦନ ଶ୍ରମିକ ବୋଲାଇ ଅନୁକମ୍ପା ପାଉଥିବା ମଧ୍ୟ ଅସତ୍ୟ ନୁହେଁ।

ନିକଟରେ ଅନେକ ସରକାରୀ କର୍ମଚାରୀ ଖାଉଟି ପତ୍ର ହାସଲ କରିଥିବା ଖବର ପ୍ରକାଶ ପାଇଛି। ଭୂତ ହିତାଧିକାରୀ ଅତୀତରେ ମାଗଣା ଆବାସ ଓ ଏବେ ଖାଉଟି ସାମଗ୍ରୀ ପାଉଥିବା କେବଳ ବ୍ୟବସ୍ଥାର ତ୍ରୁଟି ଯୋଗୁ ସମ୍ଭବ ହେଉଛି। ଗୋଟିଏ ପରିବାରର ବିଭିନ୍ନ ବ୍ୟକ୍ତି ବିଭିନ୍ନ ଶ୍ରମିକ ଭାବରେ ପଞ୍ଜୀକରଣ କରିଥିବାରୁ ଯଦି କୃଷି, ନିର୍ମାଣ,ଖଣି, କେନ୍ଦୁପତ୍ର, ଅଣକୁଶଳୀ ଶ୍ରମିକଙ୍କ ପରିବାରର ସଦସ୍ୟଙ୍କୁ ହିସାବ କରାଯାଏ ତେବେ ସେ ସଂଖ୍ୟା ରାଜ୍ୟ ଲୋକସଂଖ୍ୟାର ୮୦ ଶତାଂଶ ଏଂ ସଂରକ୍ଷିତ ବର୍ଗ ୩୮ ଶତାଂଶ ମିଶିଲେ ସମୁଦାୟ ଲୋକ ସଂଖ୍ୟାଠାରୁ ୮ ଶତାଂଶ ଅଧିକ ହୋଇଯିବେ। ଏକକୋଟି ସୁଭଦ୍ରା ଯୋଜନା ହିତାଧିକାରୀଙ୍କୁ ମିଶାଇଲେ ଫଳ ଯାହା ହେବ ସେଥିରୁ ସ୍ପଷ୍ଟ ଯେ ଗୋଟିଏ ପରିବାର ତିନୋଟିରୁ ଅଧିକ ସରକାରୀ ସହାୟତା ପାଉଛନ୍ତି। କିନ୍ତୁ ଏଥିରେ ମଧ୍ୟମ ବର୍ଗର ସାଧାରଣ ବ୍ୟକ୍ତି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ସରକାରୀ ସହାୟତା ଯଦି ଜାତିଭିତ୍ତିକ ହୁଏ ତେବେ ସେମାନଙ୍କ ମଧ୍ୟରେ ଥିବା ସ୍ୱଚ୍ଛଳ ବର୍ଗର ବ୍ୟକ୍ତି ଅଧିକ ଲାଭ ପାଇବେ। ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ସେହି ପର୍ଯ୍ୟାୟରେ ଆସୁଛି। ପୂର୍ବ ସରକାର ଏଭଳି ଅନେକ ଭୋଟ କାରକ ଯୋଜନା କରି ରାଜକୋଷକୁ ଭାରାକ୍ରାନ୍ତ କରିବା ସହ ରାଜ୍ୟ ଋଣଭାର ବଢ଼ାଇଥିଲେ। ଏହା ସତ୍ୟ ଯେ ରାଜ୍ୟ ସରକାର କୌଣସି ନିର୍ଦ୍ଦିଷ୍ଟ ଜାତି ବା ସମ୍ପ୍ରଦାୟର ବିବେଚିତ ହୋଇନଥାନ୍ତି। ତେଣୁ ପ୍ରସ୍ତାବିତ ଜନଗଣନା ବୃତ୍ତିଭିତ୍ତିକ କରି ପ୍ରକୃତ ଆର୍ଥିକ ଦୁର୍ବଳ ଶ୍ରେଣୀର ବ୍ୟକ୍ତିମାନଙ୍କୁ ଆର୍ଥିକ ସ୍ୱଚ୍ଛଳ କରାଇବା ସହ ଏକାଧିକ ସରକାରୀ ସହାୟତା ପାଉଥିବା ବ୍ୟକ୍ତିଙ୍କୁ ଗୋଟିଏ ଯୋଜନାରେ ସାମିଲ କଲେ ରାଜ୍ୟର ଆର୍ଥିକ ସ୍ଥିତି ବଦଳିଯିବ ଏବଂ ସରକାରଙ୍କ ଯଶ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ଓ ଐତିହାସିକ ହୋଇଯିବ।

୧୧୩– ଗୁଣ୍ଡିଚା ବିହାର, ପୁରୀ –୨
ମୋ: ୭୯୭୮୭୮୫୪୭୮

# 'ଉତ୍କଳ ଭାରତୀ' କୁନ୍ତଳା କୁମାରୀ



ବିଶ୍ୱବିଜୟୀ ଦାଶ

ଓଡ଼ିଶାରେ ସ୍ୱାଧୀନତା କାଳରେ ଯେଉଁ କେତେଜଣ ନାରୀକବି, ଲେଖିକାଙ୍କର ଆବିର୍ଭାବ ହୋଇଥିଲା ସେମାନଙ୍କ ମଧ୍ୟରୁ ମହୀୟସୀ ମହିଳା କୁନ୍ତଳା କୁମାରୀ ସାବତ ଅନ୍ୟତମ। ସେ ଜଣେ ସୁଦକ୍ଷ ଡାକ୍ତର, ଯଶସ୍ୱୀ କବୟିତ୍ରୀ, ଲେଖିକା,ସ୍ୱାଧୀନତା ସଂଗ୍ରାମୀ ଓ ସମାଜସେବୀ ଥିଲେ। ସେ ୧୯୦୧ ମସିହା ଫେବୃଆରୀ ୮ ତାରିଖରେ ବସ୍ତର ରାଜ୍ୟ (ବର୍ତ୍ତମାନ ଛତିଶଗଡ଼ର ବସ୍ତର ଜିଲା)ର ଜଗଦଳପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଡାନିଏଲ ସାବତ, ସେ ପେସାରେ ଡାକ୍ତର ଥିଲେ। ତାଙ୍କର ମାତାଙ୍କ ନାମ ମୋନିକା ସାବତ। ତାଙ୍କ ପିତାମହ ପୁରୀ ଜିଲାର ଦାଣ୍ଡମୁକୁନ୍ଦପୁରର ବାସିନ୍ଦା ଥିଲେ। କୌଣସି କାରଣବଶତଃ ତାଙ୍କ ପିତା ବସ୍ତର ଜିଲାକୁ ଚାଲି ଯାଇଥିଲେ ଓ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ। ତାଙ୍କ ଜନ୍ମର ଅଳ୍ପଦିନ ପରେ ତାଙ୍କ ପରିବାର ବର୍ମା ଚାଲି ଯାଇଥିଲେ ଓ କୁନ୍ତଳାଙ୍କୁ ୧୪ ବର୍ଷ ହେବା ପର୍ଯ୍ୟନ୍ତ ସେଠାରେ ଥିଲେ। ପରବର୍ତ୍ତୀ ସମୟରେ କୁନ୍ତଳା କୁମାରୀ ସାବତ ତାଙ୍କ ମାତାଙ୍କ ସହ ଓଡ଼ିଶା ଫେରି ଆସିଥିଲେ। ସେ ରେଭେନ୍‌ଶା ବାଳିକା ବିଦ୍ୟାଳୟରେ ଶିକ୍ଷା ଲାଭ କଲା ପରେ କଟକ ଡାକ୍ତରୀ ବିଦ୍ୟାଳୟରେ (ବର୍ତ୍ତମାନ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ବିଦ୍ୟାଳୟ) ଡାକ୍ତରୀ ଶିକ୍ଷା ଗ୍ରହଣ କରି ୧୯୨୧ ମସିହାରେ ସ୍ୱର୍ଣ୍ଣ ପଦକ ସହ ଏଲ୍.ଏମ୍.ପି. ଡିଗ୍ରୀ ପାଇ ଉତ୍ତୀର୍ଣ୍ଣ ହେଲେ। ସେ ଯୁଗରେ ନାରୀ ଶିକ୍ଷା ଆଦୌ ନ ଥିଲା। ଏହି ଶିକ୍ଷା ନିମନ୍ତେ ତାଙ୍କ ମାଆଙ୍କର ଅଦମ୍ୟ ଇଚ୍ଛା ଯୋଗୁ ସମ୍ଭବ ହୋଇଥିଲା। ଓଡ଼ିଆ ଭାଷା ଛଡ଼ା ସେ ବଙ୍ଗଳା, ଇଂଲିଶ ଓ ବର୍ମାର ଭାଷା ଶିଖିଥିଲେ।

ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ମହୀୟସୀ ମହିଳା କୁନ୍ତଳା କୁମାରୀ ସାବତଙ୍କ କାବ୍ୟ ଚିନ୍ତନ ଏକ ବିଶିଷ୍ଟ ପର୍ବ, ତାଙ୍କ ଜୀବନର ସ୍ୱଳ୍ପାୟୁଷ ସତ୍ତ୍ୱେ ସେ କେବଳ ଓଡ଼ିଶାର ନୁହନ୍ତି ସମଗ୍ର ଭାରତ ବର୍ଷର ବିପୁଳ ମାନସିକତା ତାଙ୍କଠାରେ ପରିଲକ୍ଷିତ ହେଲାବେଳେ ଜଣେ ସାହିତ୍ୟ ସ୍ରଷ୍ଟା ଭାବେ ସମାଜର ଭଲ ମନ୍ଦ, ନାରୀ ଜୀବନର ବିବିଧତା, ସ୍ୱକୀୟ ଜୀବନ ଦର୍ଶନ, ଦେଶପ୍ରୀତି ତଥା ସମସାମୟିକ ସାଂସ୍କୃତିକ ଚିତ୍ର ପ୍ରଦାନର କୁନ୍ତଳା କୁମାରୀ ସାବତଙ୍କ କଥା ଭାଗ ତଥା କଥା ସାହିତ୍ୟ ଯଦି ଦେଖିବା ତା' ସହ କବିତା



ପର୍ବ, ଆଧୁନିକ ଓଡ଼ିଆ ସାହିତ୍ୟ ପରିପ୍ରକ୍ଷୀରେ ବେଶ୍ ଉଲ୍ଲେଖନୀୟ ବୋଲି ମନେହୁଅନ୍ତି।

କୁନ୍ତଳା କୁମାରୀ ସାବତଙ୍କ ପ୍ରଥମ କବିତା ହେଉଛି 'ତାରା ପ୍ରତି'। ତାଙ୍କର ଆହୁରି କବିତା ଗୁଡ଼ିକ ହେଲା ଅଞ୍ଜଳି, ଉଚ୍ଛ୍ୱାସ, ଅର୍ଚ୍ଚନା, ସ୍ଫୁଲିଙ୍ଗ , ଆହ୍ୱାନ, ଆଜି ବାପା ତୋତେ କହିବି କଥାଟି, ପ୍ରେମ ଚିନ୍ତାମଣି, ଓଡ଼ିଆଙ୍କ କାନ୍ଦଣା , ଗଡ଼ଜାତ କୃଷକ, ଶେଫାଳି ପ୍ରତି, କୋଟିକୋଟି କଣ୍ଠେ ଆଜି ଅବହେଳିତ ଦେଶ, ପୂଜା, ଅଭିଶପ୍ତର ଅଭିମାନ, ମଣିକାଞ୍ଚନ (ସାବିତ୍ରୀ ଓ ସତ୍ୟବାନ ଉପାଖ୍ୟାନର ଅସମ୍ପୂର୍ଣ୍ଣ କାବ୍ୟ, ଯାହା ସାହିତ୍ୟିକାଙ୍କ ଜୀବନର ଆଦ୍ୟକାଳରେ ରଚିତ ),ବନଫୁଲ, ଉଦ୍ୟାନକୁସୁମ ଆଦି। ତାଙ୍କ ଲେଖନୀ ନିଃସୃତ ଅଞ୍ଜଳି, ଅର୍ଚ୍ଚନା, ପ୍ରେମ ଚିନ୍ତାମଣି କାବ୍ୟ ଗ୍ରନ୍ଥରେ ଗଭୀର ଭାବବୋଧ,ସାଙ୍ଗିତିକତା, ଲାଳିତ୍ୟ, ଚମତ୍କାର ଆବେଗ ପ୍ରବଣତାରେ ଉଦ୍ବେଳିତ କରିଛନ୍ତି ତାଙ୍କ କାବ୍ୟଗୁଡ଼ିକୁ। ତାଙ୍କ ଲେଖନୀ ନିଃସୃତ ଅନ୍ୟ ଏକ ଉଚ୍ଛ୍ୱାସ କବିତା କବିଙ୍କ ପ୍ରକୃତି ପ୍ରୀତ ଦୃଷ୍ଟିଭଙ୍ଗୀକୁ ସମ୍ପ୍ରସାରିତ କରିଛି। ତାଙ୍କର ଅନ୍ୟ ଦୁଇ କବିତା ସ୍ଫୁଲିଙ୍ଗ ଓ ଆହ୍ୱାନରେ ଦେଶାତ୍ମଭାବନାବୋଧରେ ପ୍ରଜ୍ୱଳିତ।

ପରବର୍ତ୍ତୀ ସମୟରେ ସେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନକୁ ସମର୍ଥନ କରି 'ଭାରତ ମାତା' କବିତା ଲେଖିଥିଲେ। ଏହି କବିତାରେ ଜାତୀୟତା,ଦେଶପ୍ରୀତିରେ କିପରି ଭାବରେ କୁନ୍ତଳା କୁମାରୀ ସାବତଙ୍କ ମନୋନିବେଶ ରହିଛି,ତାହାର ନିଦର୍ଶନ ଦେଖିବାକୁ ମିଳେ। ତାଙ୍କର ଅନେକ ଉପନ୍ୟାସ ହେଲା ଭ୍ରାନ୍ତି, ନଅତୁଣ୍ଡୀ,କାଳୀବୋହୂ, ରଘୁ ଅରକ୍ଷିତ, ପରଶମଣି, ଚିତ୍ରପଟ ଆଦି। ତାଙ୍କୁ ୧୯୨୫ ମସିହାରେ 'ଉତ୍କଳ ଭାରତୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଭାରତୀ ଭୂଷଣ ଉପାଧିରେ ଭୂଷିତ କରାଯାଇଥିଲା। ତାଙ୍କ ଲେଖନୀ ନିଃସୃତ କବିତା–

"ଆହାଃ କି ସୁନ୍ଦର ଶିଶୁ ଭାବନା ବିହୀନ,
ସୁଧାରସ ସିକ୍ତ ତବ ଏ ନବଜୀବନ,
ପ୍ରାତଃ ସମ ସୁମଧୁର ପ୍ରଶାନ୍ତ ଉଜ୍ଜ୍ୱଳ,
ଏ ନବଜୀବନେ ନାହିଁ ସଂସାର ଜଞ୍ଜାଳ"

ସେହି ମହୀୟସୀ ମହିଳା ୧୯୩୮ ମସିହା ଅଗଷ୍ଟ ୨୩ ତାରିଖରେ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦୁନିଆ ଛାଡ଼ି ଚାଲିଗଲେ। ଆଜି ତାଙ୍କର ଜୟନ୍ତୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଓ କୋଟି କୋଟି ପ୍ରଣାମ।

ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ମୋ: ୬୩୭୦୨୦୮୪୨୮

## ଏଇ ଭାରତରେ

ବେଳେବେଳେ ପିଲାମାନେ ବଞ୍ଚିଥିବାବେଳେ ମା'ବାପାଙ୍କର ସେବା କରିବା ଓ ସେମାନଙ୍କ ଦାୟିତ୍ୱ ନେବାକୁ ବୋଝ ବୋଲି ଭାବନ୍ତି। ହେଲେ ମୃତ୍ୟୁପରେ ଶୁଦ୍ଧିକର୍ମ କରି ନିଜକୁ ଯୋଗ୍ୟ ବୋଲି ସାବ୍ୟସ୍ତ କରିବାର ଚେଷ୍ଟା କରନ୍ତି। ଠିକ୍ ଏମିତି ଏକ ଘଟଣା ଦେଖିବାକୁ ମିଳିଛି ମଧ୍ୟପ୍ରଦେଶ ଟିକମଗଡ ଜିଲା ଲିଧୋରାତାଲ ଗାଁରେ। ଏମିତିକି ଅନ୍ତିମ ସଂସ୍କାରବେଳେ ବାପାଙ୍କ ମୃତଦେହକୁ ଦୁଇଭାଗ କରିବା ପର୍ଯ୍ୟନ୍ତ କଥା ଉଠିଥିଲା। ତେଣୁ ଘଟଣାଟି ପୋଲିସ ପାଖରେ ପହଞ୍ଚିଥିଲା। ପ୍ରକୃତ ଘଟଣା ହେଉଛି ଗାଁର ୮୪ ବର୍ଷୀୟ ଧ୍ୟାନୀ ସିଂହ ନିଜ ସାନ ପୁଅ ଦେଶରାଜ ପାଖରେ ରହୁଥିଲେ। ଦୀର୍ଘଦିନ ରୋଗରେ ପୀଡ଼ିତ ହେବା ପରେ ତାଙ୍କର ରବିବାର ମୃତ୍ୟୁ ହୋଇଥିଲା। ମୃତ୍ୟୁପରେ ଅନ୍ତିମ ସଂସ୍କାର ପାଇଁ ଦେଶରାଜ ସମସ୍ତ ବ୍ୟବସ୍ଥା କରିଥିଲେ। କିନ୍ତୁ ବାପାଙ୍କ ମୃତ୍ୟୁର ଖବର ପାଇଁ ସହରରେ ରହୁଥିବା ବଡ଼ ପୁଅ କିଶନ ଆସି ଅନ୍ତିମ ସଂସ୍କାର କରିବାକୁ ଦାବି କରିଥିଲେ। ଏଥିପାଇଁ ଦୁଇ ଭାଇଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଶେଷରେ ବାପାଙ୍କ ମୃତଦେହକୁ ଦୁଇଭାଗ କରି ଅନ୍ତିମ ସଂସ୍କାର କରିବା ପାଇଁ ବଡ଼ପୁଅ ଜିଦ୍ କରିଥିଲେ। ଶେଷରେ ଗାଁ ଲୋକଙ୍କ ହସ୍ତକ୍ଷେପ ପରେ ପୋଲିସ ସେଠାରେ ପହଞ୍ଚି ଘଟଣାର ସମାଧାନ କରିଥିଲା। ସମସ୍ତଙ୍କ ସମର୍ଥନରେ ସାନପୁଅ ଅନ୍ତିମ ସଂସ୍କାର କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୮ ଫେବୃଆରୀ ୧୯୭୬

- ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ରିଟ ଉଇକ ଘଟକଙ୍କ ୫୧ ବର୍ଷ ବୟସରେ ପରଲୋକ।
- ପେସାଦାର ସାମ୍ବାଦିକଙ୍କ ଲାଗି ସୁପ୍ରିମ୍‌କୋର୍ଟର ଅବସରପ୍ରାପ୍ତ ବିଚାରପତି ଡି.ଜି. ପାଲେକରଙ୍କ ଅଧ୍ୟକ୍ଷତାରେ ୩ୟ ମଜୁରୀବୋର୍ଡ ଗଠିତ।
- ଗୁଏଟମାଲାରେ ଭୟଙ୍କର ଭୂମିକମ୍ପ ଫଳରେ ପ୍ରାୟ ସାଢ଼େ ୬ ହଜାର ଲୋକଙ୍କ ପ୍ରାଣହାନୀ।

## ଚିରନ୍ତନୀ

ଆଜି ଭଦଭଦଳିଆ ଉଡ଼ିବ ବୋଲି ସେ
ମୋର ପଥେ ଅଛି ଚାହିଁ
ପ୍ରଭାତ କୁକ୍କୁଟ କଣ୍ଠ ସଜାଡ଼େ
ସେ ପରା ମୋହରି ପାଇଁ!
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| 3 | 5 | 8 | | | 7 | | | 2 |
| | | 1 | | | 3 | 8 | | |
| 1 | | | 7 | | | | 8 | |
| | | | | | | 4 | 1 | 3 |
| 4 | | | | 5 | | 6 | 2 | |
| | | | | 6 | | | | 9 |
| 8 | | | 3 | | | | | |
| | 6 | 7 | | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 7 | 2 | 3 | 9 | 5 | 6 | 4 |
| 2 | 5 | 3 | 4 | 6 | 8 | 9 | 1 | 7 |
| 9 | 6 | 4 | 5 | 7 | 1 | 8 | 3 | 2 |
| 3 | 9 | 2 | 7 | 4 | 5 | 1 | 8 | 6 |
| 6 | 4 | 5 | 1 | 8 | 3 | 2 | 7 | 9 |
| 8 | 7 | 1 | 6 | 9 | 2 | 3 | 4 | 5 |
| 7 | 3 | 8 | 9 | 5 | 6 | 4 | 2 | 1 |
| 4 | 2 | 9 | 8 | 1 | 7 | 6 | 5 | 3 |
| 5 | 1 | 6 | 3 | 2 | 4 | 7 | 9 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନୀତିକାନ୍ତିରେ ବାରମ୍ବାର ବିଭ୍ରାଟ

ମହାଶୟ,

ଲିଙ୍ଗରାଜଙ୍କ ସେବକମାନେ ବାରମ୍ବାର ନିଜ ଭିତରେ ବିଭିନ୍ନ ନୀତିକାନ୍ତିକୁ ନେଇ ମତାନ୍ତର ସୃଷ୍ଟିକରାଇ ଠାକୁରଙ୍କ ପୂଜା ବନ୍ଦ କରୁଛନ୍ତି। ଏହା ଭକ୍ତଙ୍କ ମନକୁ ଆଘାତ ଦେଉଛି । ଏଥିପାଇଁ ରାଜ୍ୟ ସରକାର ମନ୍ଦିର ରୀତିନୀତି କିପରି ସୁଚାରୁ ରୂପେ ଚାଲିପାରିବ ତାହା ଉପରେ ପଦକ୍ଷେପ ନେବା ନିହାତି ଜରୁରୀ । ସର୍ବଦା ସେବକଙ୍କ ମଧ୍ୟରେ ତାଳମେଳ ନ ରହିବା ଚିନ୍ତାର ବିଷୟ। ଏହିପରି ଅବସ୍ଥା ଅନେକ ବର୍ଷ ଆଗରୁ ସାକ୍ଷୀଗୋପାଳ ମନ୍ଦିର ସତ୍ୟବାଦୀରେ ସେବକ ଭକ୍ତମାନଙ୍କୁ ଖରାପ ବ୍ୟବହାର ଓ ଜବରଦସ୍ତ ଟଣାଟଣି କରିବା ଦ୍ୱାରା କିଛି ବର୍ଷ ପାଇଁ ସେଠାକୁ କୌଣସି ଯାତ୍ରୀ ଓ ପର୍ଯ୍ୟଟକ ଯିବା କମି ଯାଇଥିଲା। ଠିକ୍ ସେହିପରି ଯଦି ଲିଙ୍ଗରାଜ ମନ୍ଦିରରେ ସେବକମାନେ ଏପରି ଅନେକ ସମୟରେ ନୀତିକାନ୍ତି ବନ୍ଦକରନ୍ତି ଓ ରାଜ୍ୟ ସରକାର ଏହାର ସମାଧାନ ପାଇଁ କୌଣସି ଉଦ୍ୟମ ନ କରନ୍ତି ତା'ହେଲେ ଏଠାରେ ମଧ୍ୟ ଭକ୍ତ ଓ ପର୍ଯ୍ୟଟକମାନେ ଧୀରେ ଧୀରେ ଆସିବା ବନ୍ଦ କରିପାରନ୍ତି । ଯେଉଁ ସେବକମାନେ ଯେକୌଣସି ମନ୍ଦିରରେ ସେବା ନୀତି ରେ ବ୍ୟାଘାତ ସୃଷ୍ଟିକରି ଭକ୍ତଙ୍କ ମାନସିକତାରେ ଆଘାତ ଦେଉଛନ୍ତି ସେମାନଙ୍କ ଉପରେ କଠୋର ଦଣ୍ଡବିଧାନ ହେବା ଦରକାର। ଯଦିଓ ପୁଣି ଠାକୁରଙ୍କ ନୀତିକାନ୍ତି ଆରମ୍ଭ ହୋଇଛି ତେବେ ତାହାର କିଏ ଗ୍ୟାରେଣ୍ଟି ଦେବ ଯେ ଆଉ ଏପରି ସମସ୍ୟା ସୃଷ୍ଟିହୋଇ ନୀତିକାନ୍ତି ବନ୍ଦ ନ ହେବ । ମନେ ରଖିବାକୁ ହେବ ଯେ, ନୀତିକାନ୍ତିରେ ବାରମ୍ବାର ବିଭ୍ରାଟ ଘଟିଲେ ତାହା ଭକ୍ତଙ୍କ ଅଗମନକୁ ପ୍ରଭାବିତ କରିବ।

-ପ୍ରଦୀପ୍ତ କୁମାର କର, ସୂର୍ଯ୍ୟନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ 51 Years
# ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଫେବୃଆରୀ ୮/୨୦୨୫ Bhubaneswar, Saturday, February 8/ 2025



ବାରବାଟୀ ଷ୍ଟାଡିୟମ୍‌ରେ ଦିନିକିଆ କ୍ରିକେଟ ମ୍ୟାଚ୍ ଖେଳିବା ପାଇଁ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଥିବା ବାମରୁ ଇଂଲଣ୍ଡର ଫିଲ୍ ସଲ୍ଟ, ବେନ୍ ଡକେଟ ଓ ଭାରତର ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା ଓ ଯଶସ୍ୱୀ ଜୟସ୍ୱାଲ। (ଫଟୋ: ବିକାଶ ନାୟକ)

# ଭୁବନେଶ୍ୱରରେ ଭବ୍ୟ ସ୍ୱାଗତ

## ବାରବାଟୀରେ ଦିନିକିଆ

### ■ ଶୁକ୍ରବାର ପହଞ୍ଚିଲା ଟିମ୍ ଇଣ୍ଡିଆ ଓ ଇଂଲଣ୍ଡ ଦଳ

ଭୁବନେଶ୍ୱର, ୭।୨ (ତପନ ସ୍ୱାଇଁ)

କଟକର ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ହେବ ଭାରତ-ଇଂଲଣ୍ଡ ଦିବାରାତ୍ର ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ। ଚଳିତ ୩ ମ୍ୟାଚ ବିଶିଷ୍ଟ ସିରିଜର ଏହା ହେବ ଦ୍ୱିତୀୟ ଗେମ୍। ଗୁରୁବାର ନାଗପୁରରେ ପ୍ରଥମ ଦିନିକିଆ ଖେଳିବା ପରେ ଉଭୟ ଟିମ୍ ଇଣ୍ଡିଆ ଓ ଇଂଲଣ୍ଡ ଦଳ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଛି। ପାରମ୍ପରିକ ବାଦ୍ୟ ଓ ନୃତ୍ୟ ମଧ୍ୟରେ ଉଭୟ ଦଳକୁ ସ୍ୱାଗତ କରାଯାଇଛି। ସନ୍ଧ୍ୟା ୭ଟା ୪୦ ମିନିଟରେ ଭାରତ ଓ ଇଂଲଣ୍ଡ ଦଳ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୨ଟି ସ୍ୱତନ୍ତ୍ର ବସ୍ ଯୋଗେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ମେ ଫେୟାର ହୋଟେଲକୁ ଅଣାଯାଇଛି। ଉଭୟ ଦଳର ଖେଳାଳି ବିମାନବନ୍ଦର ଭିତରୁ ବସ୍‌ଯୋଗେ ବାହାରକୁ ଆସିଥିଲେ। ତେବେ କ୍ରିକେଟ ପାଇଁ ପାଗଳ ପ୍ରାୟ ପ୍ରଶଂସକମାନେ ସେମାନଙ୍କ ପ୍ରିୟ ଖେଳାଳିଙ୍କ ଟିକେ ଝଲକ ପାଇବା ପାଇଁ ବିମାନ ବନ୍ଦରଠାରୁ ଆରମ୍ଭ କରି ବିଭିନ୍ନ ଛକରେ ରାସ୍ତାର ଦୁଇପାର୍ଶ୍ୱ ଏବଂ ମେ ଫେୟାର ହୋଟେଲ ନିକଟରେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ମ୍ୟାଚକୁ ସଫଳତାର ସହ ଆୟୋଜନ ପାଇଁ ସରକାରୀ ସ୍ତରରୁ ଆରମ୍ଭ କରି ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଟୁଇନ୍ ସିଟିର ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ମ୍ୟାଚକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୫୦ ପ୍ଲାଟୁନ ଫୋର୍ସ ମୁତୟନ କରାଯିବାକୁ ନିଷ୍ପତ୍ତି ହୋଇଛି।



ମେ'ଫେୟାର ହୋଟେଲ ବାହାରେ ଉପସ୍ଥିତ କ୍ରିକେଟପ୍ରେମୀ।

### ବାରବାଟୀରେ ଆଜି ଅଭ୍ୟାସ

ଖେଳାଳିମାନେ ଶୁକ୍ରବାର ହୋଟେଲରେ ବିଶ୍ରାମ ନେବାପରେ ଶନିବାର ଅଭ୍ୟାସ ପାଇଁ ବାରବାଟୀ ଷ୍ଟାଡିୟମ ଯିବେ। ଉଭୟ ଦଳର ଖେଳାଳି ମେ ଫେୟାରରୁ ବାହାରି ଜାତୀୟ ରାଜପଥ ୧୬ ରସୁଲଗଡ ଦେଇ କଟକ ବାରବାଟୀ ଯିବାକୁ ରୁଟ ଲାଇନ ପ୍ରସ୍ତୁତ ହୋଇଛି। ଚୂଡ଼ାନ୍ତ ହୋଇଥିବା କାର୍ଯ୍ୟସୂଚୀ ଅନୁସାରେ ଇଂଲଣ୍ଡ ଦଳ ଅପରାହ୍ନ ୧ଟାରୁ ୪ଟା ପର୍ଯ୍ୟନ୍ତ ଅଭ୍ୟାସ କରିବ। ଏହାପରେ ଅପରାହ୍ନ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ଝାଳ ବୁହାଇବ ଟିମ୍ ଇଣ୍ଡିଆ। ଏହି ସମୟରେ ଉଭୟ ଦଳ ପଡ଼ିଆ ଓ ପିଚ୍ ନିରୀକ୍ଷଣ କରିବେ। ପ୍ରଥମ ମ୍ୟାଚରେ ଭାରତ ବିଜୟୀ ହୋଇଥିବାରୁ ଏଠାରେ ସେହି ପ୍ରଦର୍ଶନ ଦୋହରାଇ ସିରିଜ ବିଜୟୀ ହେବାକୁ ଚେଷ୍ଟା କରିବ। ଅନ୍ୟପକ୍ଷରେ ନାଗପୁର ପରାଜୟର କାରଣ ଖୋଜି ତ୍ରୁଟି ସୁଧାରିବାକୁ ଚେଷ୍ଟା କରିବ ଇଂଲଣ୍ଡ। ଏଥିପାଇଁ ସେମାନେ ଏହି ନେଟ୍ସରେ ହିଁ ନିଜର ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପଦେବେ।

# କୋହଲିଙ୍କୁ ନେଇ ଆଶା ଓ ଆଶଙ୍କାରେ କ୍ରିକେଟପ୍ରେମୀ



ଭୁବନେଶ୍ୱର, ୭।୨ (ତପନ ସ୍ୱାଇଁ)

ଭାରତୀୟ କ୍ରିକେଟରେ ସମ୍ପ୍ରତି କିଙ୍ଗ୍ କୋହଲି କ୍ରେଜ୍ କାହାକୁ ଅଛପା ନୁହେଁ। ଆସନ୍ତା ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁଥିବା ଭାରତ-ଇଂଲଣ୍ଡ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ବକ୍ସ ଅଫିସ ଟିକେଟ ୫ ତାରିଖରେ ଗୋଟିଏ ଦିନରେ ବିକ୍ରି ହୋଇଥିଲା। ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୪ ତାରିଖ ପୂର୍ବାହ୍ନରୁ ଅନେକ କ୍ରିକେଟପ୍ରେମୀ ଟିକେଟ କିଣିବା ପାଇଁ ଷ୍ଟାଡିୟମ ନିକଟରେ ପହଞ୍ଚି ଯାଇଥିଲେ। ସେମାନଙ୍କ ମଧ୍ୟରୁ ଅନେକେ ବିଶେଷ କରି ଯୁବ ଦର୍ଶକମାନେ ଗୋଟିଏ କଥା କହିଥିଲେ ଯେ, ସେମାନେ ବିରାଟ କୋହଲି ପ୍ରଶଂସକ ଓ ତାଙ୍କ ଖେଳ ଦେଖିବାପାଇଁ ଟିକେଟ କିଣିବାକୁ ଚାହୁଁଛନ୍ତି। କ୍ୟାରିୟରର ଶେଷ ପର୍ଯ୍ୟାୟ ଦେଇ ଗତି କରୁଥିବାରୁ ବାରବାଟୀ ଷ୍ଟାଡିୟମରେ କୋହଲିଙ୍କର ଏହା ସମ୍ଭବତଃ ଶେଷ ମ୍ୟାଚ ବୋଲି ଦର୍ଶକ ଭାବି ନେଇଛନ୍ତି। କାରଣ ନିକଟ ଭବିଷ୍ୟତରେ ଯଦିଓ ବାରବାଟୀକୁ ଟି୨୦ ମ୍ୟାଚ ମିଳେ ତେବେ ସେହି ଫର୍ମାଟରୁ କୋହଲି ଅବସର ନେଇ ସାରିଛନ୍ତି। ଦୀର୍ଘ ୫ ବର୍ଷ ବ୍ୟବଧାନରେ ବାରବାଟୀକୁ ଦିନିକିଆ ଫେରିବାକୁ ଯାଉଛି। ଗତ ୬ ତାରିଖରେ ନାଗପୁରରେ ଅନୁଷ୍ଠିତ ପ୍ରଥମ ଦିନିକିଆର ଟସ୍ ପରେ କୋହଲି ଖେଳିବେ ନାହିଁ ବୋଲି ଅଧିନାୟକ ରୋହିତ ଶର୍ମା ସ୍ପଷ୍ଟ କରିବାପରେ ତାଙ୍କ ପ୍ରଶଂସକମାନେ ନିରାଶ ହୋଇଥିଲେ। ଆଣ୍ଠୁରେ ଆଘାତ ଜନିତ ସମସ୍ୟା ଯୋଗୁ ସେ ଖେଳିବା ସମ୍ଭବ ହୋଇ ନ ଥିଲା। ଏବେ ସେ କେତେ ଫିଟ୍ ଅଛନ୍ତି ଏବଂ ବାରବାଟୀରେ ଖେଳିବେ କି ନାହିଁ ତାହାକୁ ନେଇ ଆଶା ଓ ଆଶଙ୍କାରେ ରହିଛନ୍ତି ଓଡ଼ିଶା କ୍ରିକେଟପ୍ରେମୀ। ତାଙ୍କର ଆହତ ସମସ୍ୟା ସେତେ ଗମ୍ଭୀର ନୁହେଁ ବୋଲି ପ୍ରକାଶ କରାଯିବା ସତ୍ତ୍ୱେ ଆଶ୍ୱସ୍ତ ହୋଇ ପାରୁନାହାନ୍ତି ତାଙ୍କର ଅଗଣିତ ସମର୍ଥକ। ଏଭଳି ଏକ ସମୟରେ କୋହଲିଙ୍କ ଫିଟ୍‌ନେସକୁ ନେଇ ଭୟ କରିବାର କିଛି କାରଣ ନାହିଁ ବୋଲି ଉପ-ଅଧିନାୟକ ଶୁବମନ ଗିଲ୍ ସ୍ପଷ୍ଟ କରିଛନ୍ତି। ସେ ସୁସ୍ଥ ହେଉଛନ୍ତି ଏବଂ ସମ୍ଭବତଃ ଦ୍ୱିତୀୟ ଦିନିକିଆ ବେଳକୁ ଫିଟ୍ ହୋଇଯାଇଥିବେ ବୋଲି ଗିଲ୍ ଆଶାବ୍ୟକ୍ତ କରିଛନ୍ତି। ଡିଜ୍‌ନି-ହଟ୍‌ଷ୍ଟାରକୁ ଗିଲ୍ କହିଛନ୍ତି ଯେ, କୋହଲିଙ୍କ ଆହତ ସମସ୍ୟା ଗୁରୁତର ନୁହେଁ। ବୁଧବାର ଅଭ୍ୟାସ ସମୟରେ ସେ କିଛି ଅସୁବିଧା ଅନୁଭବ କରି ନ ଥିଲେ। ମାତ୍ର ଗୁରୁବାର ସକାଳେ ତାଙ୍କ ଡାହାଣ ଆଣ୍ଠୁ ସାମାନ୍ୟ ଫୁଲି ଯାଇଥିଲା। ଏବେ ଠିକ୍ ଅଛନ୍ତି ଏବଂ ଦ୍ୱିତୀୟ ଦିନିକିଆରେ ସମ୍ଭବତଃ ଖେଳିବେ।

# ରେକର୍ଡ: ଭାରତ ୩, ଇଂଲଣ୍ଡ ୨

ଭୁବନେଶ୍ୱର, ୭।୨ (ତପନ ସ୍ୱାଇଁ)

ବାରବାଟୀରେ ଭାରତ ଓ ଇଂଲଣ୍ଡ ପରସ୍ପରକୁ ୫ଟି ମ୍ୟାଚରେ ଭେଟି ସାରିଛନ୍ତି। ଏଥିରୁ ଭାରତ ୩ଟି ଏବଂ ଇଂଲଣ୍ଡ ୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ତେଣୁ ଆଗାମୀ ମ୍ୟାଚ ହେବ ଉଭୟଙ୍କ ମଧ୍ୟରେ ୬ଷ୍ଠ ମୁକାବିଲା। ୧୯୮୨ ଜାନୁଆରୀ ୨୭ରେ ଅନୁଷ୍ଠିତ ପ୍ରଥମ ମୁକାବିଲାରେ ଭାରତ ୫ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ପରେ ୧୯୮୪ ଡିସେମ୍ବର ୨୭ ଇଂଲଣ୍ଡ ୧ ରନ୍‌ରେ ବିଜୟ ହାସଲ କରି ପରାଜୟର ପ୍ରତିଶୋଧ ନେଇଥିଲା। ପରବର୍ତ୍ତୀ ୨୦୦୨ ଜାନୁଆରୀ ୨୨ରେ ଅନୁଷ୍ଠିତ ମ୍ୟାଚରେ ମଧ୍ୟ ଇଂଲଣ୍ଡ ୧୬ ରନ୍‌ରେ ଭାରତକୁ ହରାଇ ଦେଇଥିଲା। ତେବେ ଶେଷ ଦୁଇ ମ୍ୟାଚରେ ଭାରତ ବିଜୟ ହାସଲ କରି ଆଗରେ ରହିଛି। ୨୦୦୮ ନଭେମ୍ବର ୨୬ରେ ଭାରତ ୬ ଉଇକେଟରେ ଏବଂ ୨୦୧୭ ଜାନୁଆରୀ ୧୯ରେ ୧୫ ରନ୍‌ରେ ବିଜୟ ହାସଲ କରିଥିଲା। ସୂଚନାଯୋଗ୍ୟ ଯେ, ଦିନିକିଆ ବିଶ୍ୱକପର ଏକ ମ୍ୟାଚ ୧୯୮୯ ଅକ୍ଟୋବର ୨୨ରେ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଂଲଣ୍ଡ ୪ ଉଇକେଟରେ ବିଜୟୀ ହୋଇଥିଲା। ତେଣୁ ଓଭରଅଲ୍ ଦେଖିବାକୁ ଗଲେ ବାରବାଟୀରେ ଇଂଲଣ୍ଡର ବିଜୟ/ପରାଜୟ ରେକର୍ଡ ୩-୩ ରହିଛି।

ଓଭରଅଲ୍ ବାରବାଟୀରେ ଭାରତ ସର୍ବାଧିକ ୧୭ଟି ମ୍ୟାଚ ଖେଳିଥିବାବେଳେ ଅଷ୍ଟ୍ରେଲିଆ ବିପକ୍ଷ ଗୋଟିଏ ମ୍ୟାଚ ବର୍ଷାରେ ଧୋଇଯାଇଛି। ଦ୍ୱିତୀୟ ସ୍ଥାନରେ ରହିଛି ଇଂଲଣ୍ଡ। ଏହି ଦଳ ଭାରତ ବିପକ୍ଷରେ ୫ଟି ଓ ପାକିସ୍ତାନ ବିପକ୍ଷରେ ଗୋଟିଏ ଏହିପରି ମୋଟ ୬ଟି ମ୍ୟାଚ ଖେଳିଛି। ୱେଷ୍ଟଇଣ୍ଡିଜ ୪ଟି, ଶ୍ରୀଲଙ୍କା ଓ ଜିମ୍ବାୱେ ୩ଟି ଲେଖାଏ ଏବଂ ନ୍ୟୁଜିଲାଣ୍ଡ ୨ଟି ମ୍ୟାଚ ଖେଳିଛି। ଅଷ୍ଟ୍ରେଲିଆ, କେନିୟା ଓ ପାକିସ୍ତାନ ଗୋଟିଏ ଲେଖାଏ ମ୍ୟାଚ ଖେଳିଛି।

### ବାରବାଟୀରେ କେଉଁ ଦଳ କେତେ ମ୍ୟାଚ୍

| ଦଳ | ସିଜନ | ମ୍ୟାଚ | ବିଜୟ | ପରାଜୟ | ବି.ପ୍ରତିଶତ |
|---|---|---|---|---|---|
| ଅଷ୍ଟ୍ରେଲିଆ | ୧୯୮୭-୧୯୮୭ | ୧ | ୧ | ୦ | ୧୦୦.୦୦ |
| ଭାରତ | ୧୯୮୨-୨୦୧୯ | ୧୭ | ୧୩ | ୪ | ୭୬.୪୭ |
| ଇଂଲଣ୍ଡ | ୧୯୮୨-୨୦୧୭ | ୬ | ୩ | ୩ | ୫୦.୦୦ |
| ନ୍ୟୁଜିଲାଣ୍ଡ | ୧୯୮୮-୨୦୦୩ | ୨ | ୧ | ୧ | ୫୦.୦୦ |
| ଶ୍ରୀଲଙ୍କା | ୧୯୯୦-୨୦୧୪ | ୩ | ୧ | ୨ | ୩୩.୩୩ |
| କେନିଆ | ୧୯୯୬-୧୯୯୬ | ୧ | ୦ | ୧ | ୦.୦୦ |
| ପାକିସ୍ତାନ | ୧୯୮୯-୧୯୮୯ | ୧ | ୦ | ୧ | ୦.୦୦ |
| ଜିମ୍ବାୱେ | ୧୯୮୭-୨୦୦୦ | ୩ | ୦ | ୩ | ୦.୦୦ |
| ୱେଷ୍ଟଇଣ୍ଡିଜ | ୧୯୯୪-୨୦୧୯ | ୪ | ୦ | ୪ | ୦.୦୦ |

(ବି.ଦ୍ର.- ୨୦୧୩ ଅକ୍ଟୋବର ୨୬ରେ ଭାରତ-ଅଷ୍ଟ୍ରେଲିଆ ଦିବାରାତ୍ର ମ୍ୟାଚ ବର୍ଷା ଏବଂ ତଜ୍ଜନିତ ପାଗ ଓ ପରିବେଶ ଯୋଗୁ ବାତିଲ ହୋଇଥିଲା। ଏହା ସେତେବେଳେ ୭ ମ୍ୟାଚ୍ ବିଶିଷ୍ଟ ସିରିଜର ୫ମ ଏକଦିବସୀୟ ଥିଲା।)

# ପାକିସ୍ତାନକୁ ସସ୍‌ପେଣ୍ଡକଲା ଫିଫା

**କରାଚୀ, ୭।୨ (ପି.ଟି.):** ଅନ୍ତର୍ଜାତୀୟ ଫୁଟ୍‌ବଲ ମହାସଂଘ (ଫିଫା) ପାକିସ୍ତାନ ଫୁଟ୍‌ବଲ ମହାସଂଘ (ପିଏଫ୍‌ଏଫ୍)କୁ ସସ୍‌ପେଣ୍ଡ କରିଛି। ଦେଶରେ ଖେଳର ସୁପରିଚାଳନା ପାଇଁ ସମ୍ବିଧାନରେ ଆବଶ୍ୟକ ସଂଶୋଧନ ଆଣିବାରେ ବିଫଳ ହେବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପିଏଫ୍‌ଏଫ୍ ଯେପର୍ଯ୍ୟନ୍ତ ଏହାର ସମ୍ବିଧାନରେ ସଂଶୋଧନ ନ କରିଛି, ସେ ପର୍ଯ୍ୟନ୍ତ ସସ୍‌ପେଣ୍ଡ ରହିବ ବୋଲି ଫିଫା କହିଛି। ପାକିସ୍ତାନ ଫୁଟ୍‌ବଲ ବର୍ତ୍ତମାନ ୨୦୧୯ରୁ ଫିଫା ଦ୍ୱାରା ଗଠିତ ନର୍ମାଲାଇଜେଶନ କମିଟି ଦ୍ୱାରା ପରିଚାଳିତ ହୋଇ ଆସୁଛି। ନିର୍ବାଚନ କରାଇବା ସହ ଫୁଟ୍‌ବଲ ସେଟ୍‌ଅପ୍‌ରେ ରହିଥିବା ସମାନ୍ତରାଳ ଗ୍ରୁପ୍‌ଗୁଡ଼ିକୁ ସଫା କରିବା ଦାୟିତ୍ୱ ଏହି କମିଟିକୁ ପ୍ରଦାନ କରାଯାଇଥିଲା।







ଅନ୍‌ଲାଇନ୍ ଟିକେଟ ବୁକ୍ କରିଥିବା କ୍ରିକେଟ ପ୍ରେମୀମାନେ ଶୁକ୍ରବାର କ୍ୟାମ୍ବ୍ରିଜ ସ୍କୁଲରେ ଥିବା କାଉଣ୍ଟରରେ ଟିକେଟ ରିଡେମ୍ପଶନ କରୁଛନ୍ତି। ଷ୍ଟାଡିୟମରେ ସ୍ପାଇଡର କ୍ୟାମେରା ଖଞ୍ଜାଯାଉଛି। ଆଲୋକରେ ଝଲସୁଛି ଓସିଏ ଅଫିସ। (ଫଟୋ: ରାଜକିଶୋର ମହାନ୍ତି)

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା–୮+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଫେବୃଆରୀ ୮/୨୦୨୫ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, February 8/2025 | Page 16 | ₹ 7.00 | RAYAGADA
୫୧ଶ ଭାଗ ୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 76 | ମୂଲ୍ୟ ₹୭/-





କଟକର ବାରବାଟୀ ଷ୍ଟାଡିୟମ୍‌ଠାରେ ରବିବାର ହେବାକୁ ଥିବା ଇଣ୍ଡିଆ–ଇଂଲଣ୍ଡ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଲାଗି ଉଭୟ ଦଳର ଖେଳାଳି ଶୁକ୍ରବାର ରାତିରେ ହୋଟେଲ ମେ'ଫେୟାରରେ ପହଞ୍ଚିଛନ୍ତି। ଭାରତୀୟ ଦଳର ତାରକା ଖେଳାଳି ବିରାଟ କୋହଲି (ବାମ) ଏବଂ ଇଂଲଣ୍ଡ ଟିମ୍‌ର ଖେଳାଳି ଜୋଫ୍ରା ଆର୍ଚର। **(ଫଟୋ: ବିକାଶ ନାୟକ)**

# ଆମେରିକାରୁ ବିଦାହେବେ ଆଉ ୪୮୭ ବେଆଇନ ପ୍ରବାସୀ ଭାରତୀୟ

**ନୂଆଦିଲ୍ଲୀ,୭।୨**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବେଆଇନ ପ୍ରବାସୀମାନଙ୍କୁ ଦେଶରୁ ତଡ଼ିବା ପାଇଁ କଠୋର ନିଷ୍ପତ୍ତି ନେବା ପରେ ପ୍ରଥମ ପର୍ଯ୍ୟାୟରେ ସେଠାରୁ ୧୦୪ ପ୍ରବାସୀ ଭାରତୀୟଙ୍କୁ ବିଦା କରାଯାଇଛି। ୨୦୦୯ରୁ ଆମେରିକାରୁ ୧୫,୬୬୮ ଜଣ ଭାରତୀୟଙ୍କୁ ବିଦା କରାଗଲାଣି। ସେଠାରେ ଆଉ ୪୮୭ ଜଣ ଭାରତୀୟ ପ୍ରବାସୀ ବେଆଇନ ଭାବେ ରହିଥିବା ଆମେରିକା କର୍ତ୍ତୃପକ୍ଷ ଚିହ୍ନଟ କରିଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଭାରତ ଫେରାଇଦିଆଯିବ ବୋଲି ୱାଶିଂଟନ ପକ୍ଷରୁ କୁହାଯାଇଥିବା କେନ୍ଦ୍ର ସରକାର ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ସଚିବ ବିକ୍ରମ ମିସ୍ରି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆମେରିକାରେ ବେଆଇନ ଭାବେ ଆହୁରି ଅଧିକ ଭାରତୀୟ ରହିଥାଇ ପାରନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଆମେରିକା କର୍ତ୍ତୃପକ୍ଷ ୪୮୭ ବେଆଇନ ଭାରତୀୟଙ୍କ ସମ୍ପର୍କରେ ଅବଗତ କରାଇଛନ୍ତି। ବିଦାହେବା ତାଲିକାରେ ଥିବା ଉକ୍ତ ଲୋକମାନଙ୍କ ପରିଚୟକୁ ସରକାର ଯାଞ୍ଚ କରୁଛନ୍ତି। ଗତ ୫ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଆମେରିକା ସେନା ବିମାନରେ ସ୍ୱଦେଶ ଫେରିଥିବା ପ୍ରବାସୀମାନଙ୍କ ପ୍ରତି କରାଯାଇଥିବା ବ୍ୟବହାରକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେମାନଙ୍କ ହାତ ଓ ଗୋଡ଼ରେ ବେଡ଼ି ପକାଇ ବିମାନରେ ଅଣାଯାଇଥିଲା ଏବଂ ଅକଥନୀୟ ବ୍ୟବହାର ପ୍ରଦର୍ଶନ କରାଯାଇଥିଲା। ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ☞ ପୃଷ୍ଠା–୩

**ବାରବାଟୀ ଦିନିକିଆ କ୍ରିକେଟ ମ୍ୟାଚ୍**

# ଟିକେଟ କଳାବଜାର, ୭ ଗିରଫ

**■ ୨୫ ଟିକେଟ, ୩୦ ହଜାର ଟଙ୍କା ଜବତ**
**■ ମାଧ୍ୟମ ପାଲଟିଛି ସୋସିଆଲ ମିଡିଆ**

**କଟକ,୭।୨(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ରବିବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିପାଇଁ ଅନ୍‌ଲାଇନ ଓ ଅଫ୍‌ଲାଇନ୍ ଜରିଆରେ ଟିକେଟ ବିକ୍ରି ଶେଷ ହୋଇଛି। ହେଲେ ଶତାଧିକ କ୍ରିକେଟ ପ୍ରେମୀ ଟିକେଟ୍ ନ ପାଇ ନିରାଶ ହୋଇଛନ୍ତି। ଟିକେଟ ନ ପାଇ ଖେଳ ଦେଖିବାକୁ ଆଶା କରୁଥିବାବେଳେ କ୍ରିକେଟ ପ୍ରେମୀଙ୍କ ପାଇଁ ଦଲାଲ ଏବେ ସକ୍ରିୟ ହୋଇଛନ୍ତି। ବାରବାଟୀ ଷ୍ଟାଡିୟମ ନିକଟ ସମେତ ସୋସିଆଲ ମିଡିଆରେ ଏବେ ଟିକେଟ କଳାବଜାର କରାଯାଉଛି। ଷ୍ଟାଡିୟମ ନିକଟରେ ଟିକେଟ୍ କଳାବଜାର କରୁଥିବା ୭ ଜଣଙ୍କୁ କ୍ୟାଣ୍ଟନମେଣ୍ଟ ଓ ଦରଘାବଜାର ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୨୫ଟି ଟିକେଟ୍, ୩୦ ହଜାର ଟଙ୍କା, ମୋବାଇଲ ଓ ବାଇକ୍ ଜବତ କରାଯାଇଛି। ଏନେଇ କ୍ୟାଣ୍ଟନମେଣ୍ଟ ଥାନାରେ ୩ଟି ଓ ଦରଘାବଜାର ଥାନାରେ ଗୋଟିଏ ମାମଲା ରୁଜୁ ହୋଇଛି।

ଅପରପକ୍ଷରେ ପ୍ରଥମ ଦିନିକିଆ ମ୍ୟାଚ୍ ଭାରତ ଜିତିବା ପରେ କ୍ରିକେଟ୍ ପ୍ରେମୀ ବେଶ୍ ଉତ୍ସାହିତ ଅଛନ୍ତି। ତେଣୁ ଦ୍ୱିତୀୟ ମ୍ୟାଚ୍‌କୁ ଦୃଷ୍ଟିରେ ରଖି ଦଲାଲମାନେ ଟିକେଟ ଦର ଦ୍ୱିଗୁଣା ବଢ଼ାଇ ବିକ୍ରି କରୁଛନ୍ତି। ସେଥିମଧ୍ୟରେ ୧ ଓ ୩ ନମ୍ବର ଗ୍ୟାଲେରିର ଗୋଟିଏ ଟିକେଟ ଦର ୧୧୦୦ ଥିବାବେଳେ ଏବେ ଏହାକୁ ୭ ହଜାର ଟଙ୍କାରେ ବିକ୍ରି କରାଯାଉଛି। ସେହିପରି ୨ ଓ ୪ ନମ୍ବର ଗ୍ୟାଲେରିର ଟିକେଟ୍ ଦର ୯୦୦ ଟଙ୍କା ଥିବାବେଳେ ଏବେ ଟିକେଟ୍ ଦର ୪୦୦୦ ଟଙ୍କା, ୫ ନମ୍ବର ଗ୍ୟାଲେରି ଟିକେଟ୍ ଦର ୧୨୦୦ ଟଙ୍କା ଥିବାବେଳେ ଏବେ ଦର ୬ ହଜାର ଟଙ୍କା, ୭ ନମ୍ବର ଗ୍ୟାଲେରି ଟିକେଟ୍ ☞ ପୃଷ୍ଠା–୩

# ଓସିଏସ୍ ପ୍ରିଲିମ ପରୀକ୍ଷାଫଳ ପ୍ରକାଶ

**୪୭୯୯ କୃତକାର୍ଯ୍ୟ**

**କଟକ,୭।୨(କାର୍ତ୍ତିକ ସାହୁ)**

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପ୍ରିଲିମିନାରି ପରୀକ୍ଷା–୨୦୨୩ର ଫଳ ଶୁକ୍ରବାର ପ୍ରକାଶ ପାଇଛି। ମୋଟ୍ ୪୭୯୯ ଜଣ ପରୀକ୍ଷାର୍ଥୀ ଓସିଏସ୍ ମେନ୍ ଲିଖିତ ପରୀକ୍ଷା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୫୭୩ ଜଣ ମହିଳା ଅଛନ୍ତି। ଓପିଏସ୍‌ସି ୱେବ୍‌ସାଇଟ୍ opsc.gov.inରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କ ରୋଲ ନମ୍ବର ପ୍ରକାଶିତ ହୋଇଛି। ଗତ ଡିସେମ୍ବର ୧୫ ତାରିଖରେ ହୋଇଥିବା ଏହି ପରୀକ୍ଷାରେ ଯୋଗ୍ୟ ବିବେଚିତ ପ୍ରାର୍ଥୀ ଓସିଏସ୍ ମେନ୍ ଲିଖିତ ପରୀକ୍ଷା ଦେବେ। ଓସିଏସ୍ ମେନ୍ ଲିଖିତ ☞ ପୃଷ୍ଠା–୩




# ଶିଳ୍ପ ଜିଲାରେ ନାଁକୁ ମାତ୍ର ଇଏସ୍‌ଆଇ ହସ୍ପିଟାଲ

■ କର୍ମଚାରୀ ଅଭାବରୁ ମିଳୁନି ରୋଗୀସେବା

■ ୧୪ ହଜାର ଇଏସ୍‌ଆଇ କାର୍ଡଧାରୀଙ୍କ ପରିବାର ସ୍ୱାସ୍ଥ୍ୟସେବାରୁ ବଞ୍ଚିତ

ରାୟଗଡ଼ା/ଜେକେପୁର,୭।୨ (ଆଶିଷ ରଞ୍ଜନ ପଣ୍ଡା/ରାଜେଶ ବିଶ୍ୱାଳ)



ଜେକେପୁରରେ ଥିବା ଇଏସ୍‌ଆଇ ହସ୍ପିଟାଲ।

ରାୟଗଡ଼ା ଜିଲାରେ ବହୁ ଛୋଟ ବଡ଼ ଶିଳ୍ପ କାରଖାନା ରହିଛି । ଉକ୍ତ କାରଖାନାରେ କାର୍ଯ୍ୟରତ କର୍ମଚାରୀଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଇଏସ୍‌ଆଇ କାର୍ଡ ସୁବିଧା ମଧ୍ୟ ଦେଇଛନ୍ତି। ଇଏସ୍‌ଆଇ ପାଇଁ କର୍ମଚାରୀଙ୍କ ଦରମାରୁ ନିୟମିତ ୧.୨୫% କଟୁଛି । କମ୍ପାନୀ କର୍ତ୍ତୃପକ୍ଷ ମଧ୍ୟ ୪% ଇଏସ୍‌ଆଇକୁ ପୈଠ କରୁଛନ୍ତି। ତେବେ ରାୟଗଡ଼ା ଜିଲାରେ ଜେକେପୁରସ୍ଥିତ କର୍ମଚାରୀ ରାଜ୍ୟ ବୀମା ଚିକିତ୍ସାଳୟ (ଇଏସ୍‌ଆଇ) ହସ୍ପିଟାଲ ଥିଲେ ମଧ୍ୟ ଆବଶ୍ୟକ କର୍ମଚାରୀ ନାହାନ୍ତି କି ଆନୁଷଙ୍ଗିକ ବ୍ୟବସ୍ଥା ଓ ଆଧୁନିକ ଯନ୍ତ୍ରାଂଶ ନାହିଁ । ଫଳରେ ରାୟଗଡ଼ା ଜିଲାରେ ରହିଥିବା ୧୪ହଜାର ଇଏସ୍‌ଆଇ କାର୍ଡଧାରୀ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ୧୪ହଜାର କାର୍ଡଧାରୀଙ୍କ ପରିବାରକୁ ମିଶାଇଲେ ଜିଲାରେ ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ଇଏସ୍‌ଆଇ ହସ୍ପିଟାଲରେ ମାଗଣା ଚିକିତ୍ସା ପାଇପାରିବେ । ହେଲେ ଏଠାରେ ଆବଶ୍ୟକ ଷ୍ଟାଫ୍ ନ ଥିବାରୁ କର୍ମଚାରୀ ଏବଂ ତାଙ୍କ ପରିବାର ଲୋକଙ୍କୁ ଉଚିତ ସ୍ୱାସ୍ଥ୍ୟସେବା ମିଳୁ ନ ଥିବା ଅଭିଯୋଗ ହୋଇଛି।

ମିଳିଥିବା ତଥ୍ୟ ଅନୁଯାୟୀ, ବିଭିନ୍ନ ପଦବୀ ପାଇଁ ୬୭ ଜଣ କର୍ମଚାରୀଙ୍କ ନିଯୁକ୍ତି ଅନୁମୋଦିତ ରହିଥିବାବେଳେ ସେଥିରୁ ମାତ୍ର ୩୧ଜଣ ରହିଛନ୍ତି । ବଳକା ୩୬ଟି ପଦବୀ ଖାଲି ରହିଛି ; ଯେଉଁଥିରେ ସିନିୟର ଓ ଜୁନିୟର ବ୍ରାଞ୍ଚ ପାଇଁ ମୋଟ ୧୪ଟି ମେଡିକାଲ ଅଫିସର ପଦବୀ ଅନୁମୋଦିତ ରହିଥିଲେ ହେଁ ମାତ୍ର ୪ଜଣ ନିଯୁକ୍ତି ପାଇଛନ୍ତି । ବଳକା ୧୦ଟି ଖାଲି ପଡ଼ିଛି । ଗୋଟିଏ ନର୍ସିଂ ଅଫିସର ପଦବୀ ରହିଥିଲେ ମଧ୍ୟ ତାହା ଦୀର୍ଘଦିନରୁ ଖାଲି ପଡ଼ିଛି । ଷ୍ଟାଫ୍ ନର୍ସ ୮ରୁ ୭, ଲାବ୍ ଟେକ୍ନିସିଆନ ୨ରୁ ୧ ଓ ଏଏନ୍‌ଏମ୍ ଗୋଟିଏ ପଦବୀ ଖାଲି ପଡ଼ିରହିଛି । ତେବେ ଦୈନିକ ୨୦୦ରୁ ୩୦୦ ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ ଜଣେ ନର୍ସ ଦୈନିକ ୭୦ରୁ ଊର୍ଦ୍ଧ୍ୱ ଇଞ୍ଜେକ୍ସନ ଦେବା ମୁସ୍କିଲ ହୋଇପଡୁଛି । ଷ୍ଟାଫ ନର୍ସ ନ ଥିବାରୁ ଓପିଡି ସୁଚାରୁରୂପେ କାର୍ଯ୍ୟକ୍ଷମ ହୋଇପାରୁନାହିଁ । ସେହିପରି ୨୫ଟି ଶଯ୍ୟା ବଦଳରେ ମାତ୍ର ୩ଟି ଶଯ୍ୟା କାର୍ଯ୍ୟକ୍ଷମ ରହିଛି । ଆନାସ୍ଥେସିଆ ବିଶେଷଜ୍ଞ ଓ ଷ୍ଟାଫ ନ ଥିବାରୁ ଅପରେଶନ ଥିଏଟର କାର୍ଯ୍ୟକ୍ଷମ ହୋଇପାରୁନାହିଁ । ସେହିଭଳି ଉକ୍ତ ଇଏସ୍‌ଆଇ ହସ୍ପିଟାଲରେ ରହିଥିବା ଅନ୍ୟାନ୍ୟ କର୍ମଚାରୀ ନ ଥିବା ଯୋଗୁ ନଥିପତ୍ର ତଦାରଖ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହୋଇପାରୁନାହିଁ । କେବଳ ସେତିକି ନୁହେଁ , ୨୦୨୧ ମସିହାରେ ଇଏସ୍‌ଆଇ ହସ୍ପିଟାଲରେ ଥିବା ଆମ୍ବୁଲାନ୍ସ ଦୁର୍ଘଟଣାରେ ଖରାପ ହେବା ପରେ ତାହାକୁ ନିଲାମ କରିଦିଆଯାଇଥିଲା । ହେଲେ ଏହାପରେ ଆଉ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇନାହିଁ । ଫଳରେ ଆମ୍ବୁଲାନ୍ସ ସେବା ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି । ତେବେ ଇଏସ୍‌ଆଇ ହସ୍ପିଟାଲରେ ଲାଗି ରହିଥିବା ସମସ୍ତ ସମସ୍ୟା ବିଷୟରେ ମେଡ଼ିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ବିରଞ୍ଚି ପଣ୍ଡାଙ୍କୁ ପଚାରିବାରୁ ବିଭିନ୍ନ ସମସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି । ବିଭାଗ ତରଫରୁ ଯାହା ନିଷ୍ପତ୍ତି ନିଆଯିବ । ତେବେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ୧୯୭୮ ମସିହାରେ ଜିଲାରେ ବିଭିନ୍ନ କମ୍ପାନୀ କର୍ମଚାରୀ ଓ ତାଙ୍କ ପରିବାରବର୍ଗଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଆରମ୍ଭ ହୋଇଥିବା ଏହି ଇଏସ୍‌ଆଇ ହସ୍ପିଟାଲରେ କେବେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆସିବ।

## ସେବାଶ୍ରମରେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

ରାୟଗଡ଼ା,୭।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ୍ ଅନ୍ତର୍ଗତ ପେନିକଣା ସେବାଶ୍ରମରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ଛାତ୍ର ହେଲେ ସାନ ଆଲୁବଡି ଗ୍ରାମର ରାଜୁ ଜିଲାକାରା। ସୂଚନା ମୁତାବକ, ଗତ ସୋମବାର ରାଜୁଙ୍କ ଦେହ ଅସୁସ୍ଥ ହେବାରୁ ଉକ୍ତ ବିଦ୍ୟାଳୟର ପିଅନ ପ୍ରତାପ ଟଇକା ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରିଥିଲେ। ମଙ୍ଗଳବାର ମେଡିକାଲରେ ଉକ୍ତ ଛାତ୍ରଙ୍କ ରକ୍ତ ସହ ଅନ୍ୟାନ୍ୟ ପରୀକ୍ଷା କରାଯାଇଥିଲା। କିନ୍ତୁ ବୁଧବାର ରାଜୁଙ୍କ ମା'ବାପା ମେଡିକାଲକୁ ଆସି ସେହିଦିନ ରାତିରେ ରାଜୁଙ୍କୁ ନିଜ ଗାଁକୁ ନେଇ ଚାଲି ଯାଇଥିଲେ। ରାଜୁ ଗୁରୁବାର ରାତିରେ ପ୍ରାଣ ହରାଇଥିବା ଘଟଣା ସାମ୍ନାକୁ ଆସିଛି। କିନ୍ତୁ ତାଙ୍କ ଭାଇ ବାହାର ରାଜ୍ୟକୁ କାମ କରିବାକୁ ଯାଇଥିବାବେଳେ ସେ ଫେରିବା ପରେ ଶୁକ୍ରବାର ଦିନ ଅନ୍ତିମ ସଂସ୍କାର କରାଯାଇଥିବା ସୂଚନା ମିଳିଛି। ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ଝଞ୍ଜାବତୀରୁ ଉଦ୍ଧାରହେଲା ଚୋରି ସ୍କୁଟି, ଟଙ୍କା ଗାଏବ


ଚୋରି ସ୍କୁଟି ନଦୀରୁ ଉଦ୍ଧାର କରାଯାଉଛି।

### ଲୁଟେରାଙ୍କ ପତ୍ତା ପାଉନି ପୋଲିସ

ରାୟଗଡ଼ା,୭।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରସ୍ଥିତ ନ୍ୟୁକଲୋନିରୁ ଗୁରୁବାର ଚୋରି ହୋଇଥିବା ସ୍କୁଟି ଶୁକ୍ରବାର ସକାଳେ ଠାବ ହୋଇଛି । ଏହି ସ୍କୁଟିକୁ ଜନଗହଳିପୂର୍ଣ୍ଣ ଝଞ୍ଜାବତୀ ନଦୀରୁ ଉଦ୍ଧାର କରିଛି ଟାଉନ ଥାନା ପୋଲିସ । ଝଞ୍ଜାବତୀ ନଦୀରେ ସ୍କୁଟି ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ । ଖବରପାଇ ଆଇଆଇସି କେକେବିକେ କହଁରଙ୍କ ନେତୃତ୍ୱରେ ପୋଲିସ ଟିମ୍ ସେଠାରେ ପହଞ୍ଚି ସ୍କୁଟିକୁ ନଦୀରୁ ବାହାର କରିଥିଲେ । ହେଲେ ସ୍କୁଟିରେ ଟଙ୍କା ନ ଥିବା ଦେଖିବାକୁ ମିଳିଛି।

ଘଟଣାରୁ ପ୍ରକାଶ, ସୁଧ ବ୍ୟବସାୟୀ ଟି. ଗୌରିଶଙ୍କର ଗତ ୨ ଦିନ ତଳେ ନିଜ ସ୍କୁଟି ଡିକିରେ ୫ ଲକ୍ଷ ଟଙ୍କା ନଗଦ ରଖି ଏକ ଦୋକାନକୁ ଯାଇଥିଲେ। ଦୋକାନୀ ସହିତ କଥା ହେଉଥିବା ବେଳେ କେହି ଜଣେ ଦୁର୍ବୃତ୍ତ ତାଙ୍କ ସ୍କୁଟି ନମ୍ବର (ଓଡି-୧୮-ଏନ୍-୦୫୩୬) ନେଇ ପଳାଇଯାଇଥିଲେ। ଗୌରୀଶଙ୍କର ବହୁ ସମୟ ଖୋଜାଖୋଜି କରିବା ପରେ ସ୍କୁଟି ନ ମିଳିବାରୁ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ କେସ୍ ନଂ. ୩୭ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଦୁର୍ବୃତମାନେ ଟଙ୍କା ଚୋରି କରି କୋରାପୁଟ ଅଭିମୁଖେ ଯାଇଥିବା ସନ୍ଦେହ ଉପୁଜିଥିବା ଆଇଆଇସି କହଁର ସୂଚନା ଦେଇଛନ୍ତି । ତେବେ ମାମଲା ରୁଜୁ ହେବାର ଦିନକ ପରେ ସହର ନିକଟସ୍ଥ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ନଦୀରେ ଭାସମାନ ଅବସ୍ଥାରେ ସ୍କୁଟି ମିଳିବା ଅନ୍ୟ ଆଡ଼କୁ ନିର୍ଦ୍ଦେଶ କରୁଛି । ଏହି ଚୋରି ମାମଲାରେ କାହାର ସମ୍ପୃକ୍ତି ରହିଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ଆଇଆଇସି କହଁର କହିଛନ୍ତି ।

## ୫୯ କେନ୍ଦ୍ରରେ ୧୦୫୪୮ ଛାତ୍ରୀଛାତ୍ର ଦେବେ ମାଟ୍ରିକ ପରୀକ୍ଷା

### ରାୟଗଡ଼ା ଜିଲା

ରାୟଗଡା,୭।୨(ଆଶିଷ ରଞ୍ଜନ ପଣ୍ଡା)

ଆସନ୍ତା ୨୧ରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ରାୟଗଡ଼ା ଜିଲାରେ ଚଳିତ ବର୍ଷ ୫୯ଟି କେନ୍ଦ୍ରରେ ୧୦ ହଜାର ୫୪୮ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି। ୫୮ଟି ପରୀକ୍ଷା କେନ୍ଦ୍ରରେ ୧୦ ହଜାର ୩୪୦ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଉଥିବା ବେଳେ ରାୟଗଡ଼ାରେ ଆଉ ଏକ ପରୀକ୍ଷା କେନ୍ଦ୍ରରେ ୨୪୮ ଛାତ୍ରୀଛାତ୍ର ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦେବେ। ଆସନ୍ତା ୨୧ରୁ ମାର୍ଚ୍ଚ ୬ ତାରିଖ ଯାଏ ପ୍ରତିଦିନ ସକାଳ ୯ରୁ ସାଢେ ୧୧ଟା ଯାଏ ପରୀକ୍ଷା ଅନୁଷ୍ଠିତ ହେବ। ତେବେ ଗଣିତ ବିଷୟରେ ଅଧିକ ୧୫ ମିନିଟ ଅର୍ଥାତ୍ ୧୧ଟା ୪୫ ମିନିଟରେ ପରୀକ୍ଷା ଶେଷ ହେବ। ଏଥିପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ରାୟଗଡ଼ା ଜିଲାର ୧୧ଟି ବ୍ଲକର ମୁଖ୍ୟାଳୟରେ ୧୧ଟି ନୋଡାଲ ସେଣ୍ଟର କରାଯାଇଛି। ସବୁ ନୋଡାଲ ସେଣ୍ଟରରେ ପରୀକ୍ଷା ଆରମ୍ଭ ହେବାର ୫ ଦିନ ପୂର୍ବରୁ ପ୍ରଶ୍ନପତ୍ର ଓ ଉତ୍ତର ଖାତା ଆସି ପହଞ୍ଚିବ। ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିଛି। କପି ରୋକିବାକୁ ତ୍ରିସ୍ତରୀୟ ସ୍କ୍ୱାର୍ଡ ଗଠନ କରାଯାଇଛି। ଚଳିତ ବର୍ଷ ଗଣଶିକ୍ଷା ବିଭାଗର ୧୫୯ଟି ସ୍କୁଲ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ୪୪ଟି ସ୍କୁଲ ଓ ୪ଟି ଶିଶୁ ମନ୍ଦିରର ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ।

## କଂଗ୍ରେସରେ ଯୋଗଦେଲେ ୨ ପୂର୍ବତନ ସରପଞ୍ଚ


ବିଧାୟକଙ୍କ ଉପସ୍ଥିତିରେ ଖାରିଗୁଡା ସରପଞ୍ଚ ବିଧିବଦ୍ଧ ଭାବେ କଂଗ୍ରେସରେ ସାମିଲ ହେଉଛନ୍ତି।

ଗୁଡାରି, ୭।୨ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରିରେ କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨ ଜଣ ପୂର୍ବତନ ସରପଞ୍ଚଙ୍କ ସହ ବହୁ କର୍ମୀ କଂଗ୍ରେସରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ। କଂଗ୍ରେସ ଦଳ, ବିଧାୟକ ଓ ଏମ୍‌ପିଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବ୍ଲକର ଖାରିଗୁଡା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ବାଳକୃଷ୍ଣ ଗମାଙ୍ଗ, ଅସଡା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଗୀତେଶ୍ୱରୀ ଶବର, କଦମା ଗ୍ରାମର ଅବସରପ୍ରାପ୍ତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାଶରଥି ଗମାଙ୍ଗ, ଅବସରପ୍ରାପ୍ତ ଶିକ୍ଷକ ପଦ୍ମନ ଶବର, ଶିରୀଗୁଡା ଗ୍ରାମପଞ୍ଚାୟତର ରଘୁନାଥ ବିଡ଼ିକା ପ୍ରମୁଖ ଶତାଧିକ ସମର୍ଥକଙ୍କ ସହ ବିଧିବଦ୍ଧ ଭାବେ କଂଗ୍ରେସରେ ସାମିଲ ହୋଇଛନ୍ତି। ମିଶ୍ରଣ ପର୍ବରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ପିସିସି ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ଶଙ୍କର୍ଷଣ ମଙ୍ଗରାଜ, ପାର୍ଥ ବର୍ଦ୍ଧନ, ବ୍ଲକ୍ ଏମ୍‌ପି ପ୍ରତିନିଧି ପି. ବାବୁ ରାଓ, ଏନ୍‌ଏସି ଏମ୍‌ପି ପ୍ରତିନିଧି ଏସ. ମୀନକେଶ ପ୍ରମୁଖ ଯୋଗଦେଇଥିଲେ। ବିଧାୟକ ଓ ବରିଷ୍ଠ କଂଗ୍ରେସ ନେତା ନୂତନ ଭାବେ ଦଳରେ ସାମିଲ ହୋଇଥିବା ବ୍ୟକ୍ତିଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ନୂଆ କର୍ମକର୍ତ୍ତାଙ୍କ କଂଗ୍ରେସରେ ଯୋଗଦାନ ଗୁଡାରିରେ ଦଳ ଅଧିକ ସୁଦୃଢ଼ ହେବ ବୋଲି ବିଧାୟକ ଗମାଙ୍ଗ କହିବା ସହ ଖୁବ କମ ଦିନରେ ଗୁଡାରି ବ୍ଲକର ଅନ୍ୟ ଗ୍ରାମପଞ୍ଚାୟତର ବହୁ ଆଗ ଧାଡ଼ିର ନେତା କଂଗ୍ରେସରେ ସାମିଲ ହେବେ ବୋଲି କହିଥିଲେ। ନୂତନ ଭାବେ ଯୋଗଦେଇଥିବା ନେତାମାନେ ଦଳରେ ଯୋଗଦେବା ଫଳରେ ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନରେ କଂଗ୍ରେସ ନିଶ୍ଚିତ ଭାବେ ଉଭୟ ବ୍ଲକ ଓ ଏନ୍‌ଏସି ରେ ଗାଦି ଅକ୍ତିଆର କରିବ ବୋଲି ବରିଷ୍ଠ ନେତା ଦୁର୍ଗା ପଣ୍ଡା ଦୃଢୋକ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ରେ ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗଦେଇଥିଲେ।

## ଜଗନ୍ନାଥପ୍ରସାଦ ରେଞ୍ଜରେ ମାଈ ହାତୀ ମୃତ

### କର୍ମଚାରୀ ଜାଣିପାରିଲେନି, ୩ ଦିନ ପରେ ଗାଈ ଚରାଳି ଦେଖିଲେ

ଭଞ୍ଜନଗର,୭।୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଜଗନ୍ନାଥପ୍ରସାଦ ରେଞ୍ଜ ଲୁଣ୍ଡିରିଖୋଲି ନିକଟରେ ଥିବା ଏକ ଖାତରେ ଗୋଟିଏ ମାଈ ହାତୀ ମରି ପଡିଥିବା ଶୁକ୍ରବାର ସନ୍ଧ୍ୟାରେ ଦେଖିବାକୁ ମିଳିଛି। କେଉଁ କାରଣରୁ ହାତୀଟିର ମୃତ୍ୟୁ ହୋଇଛି ତାହା ଜଣାପଡ଼ିନାହିଁ। ଖବରପାଇ ଡିଏଫଓ ହିମାଂଶୁ ଶେଖର ମହାନ୍ତି, ରେଞ୍ଜର ସୁଜାତାରାଣୀ ପଣ୍ଡାଙ୍କ ସମେତ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ଶନିବାର ହାତୀର ମୃତଦେହ ବ୍ୟବଚ୍ଛେଦ ହେବ। ପରେ ହାତୀମୃତ୍ୟୁର ସଠିକ କାରଣ ଜଣାପଡିବ ବୋଲି କୁହାଯାଇଛି।

ଖବରରୁ ଜଣାପଡିଛି, ଉତ୍ତର ଘୁମୁସର ବନଖଣ୍ଡ ଜଗନ୍ନାଥପ୍ରସାଦ ରେଞ୍ଜ ଲୁଣ୍ଡିରିଖୋଲି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଏକ ମାଈ ହାତୀ ମରି ପଡିଥିଲା। ଶୁକ୍ରବାର ସନ୍ଧ୍ୟାରେ ଗାଈ ଚରାଳିମାନେ ଗାଈ ଧରି ସେହିବାଟ ଦେଇ ଘରକୁ ଫେରୁଥିବା ବେଳେ ହାତୀ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ସେମାନେ ଏକଥା ଗ୍ରାମରେ କହିବାରୁ ବନ ବିଭାଗ କର୍ମଚାରୀମାନେ ଜାଣିବାକୁ ପାଇଥିଲେ। ବିଭାଗୀୟ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତ ହାତୀକୁ ଠାବ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଖବର ଲେଖା ହେବା ବେଳକୁ ଡିଏଫଓ ଏବଂ ଅନ୍ୟମାନେ ଘଟଣା ସ୍ଥଳକୁ ଯାଉଥିବା ଜଣାପଡିଛି। ହାତୀଟି ୩ ଦିନ ହେଲା ଜଙ୍ଗଲରେ ମରି ପଡ଼ିଥିବା ଅନୁମାନ କରାଯାଉଛି। ତେବେ କର୍ମଚାରୀମାନେ ଏସମ୍ପର୍କରେ ସାମାନ୍ୟ ସୁରାକ ପାଇପାରି ନ ଥିଲେ। ଏନେଇ ଡିଏଫଓ ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ଜଗନ୍ନାଥପ୍ରସାଦ ରେଞ୍ଜରେ ମାଈ ହାତୀଟିଏ ମରିଥିବା ଖବର ମିଳିଛି। ତେବେ କେଉଁ କାରଣରୁ ହାତୀଟିର ମୃତ୍ୟୁ ଘଟିଛି ତା'ର ଠିକ କାରଣ ଜଣାପଡିନି। ଖାଲରେ ପଡ଼ିଯିବାରୁ ହାତୀଟିର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି ବୋଲି ଡିଏଫଓ କହିଛନ୍ତି।

## ଉନ୍ନୟନ କାର୍ଯ୍ୟ ସମୀକ୍ଷାକଲେ ବିଧାୟକ

### ଗୁଡ଼ାରିରେ ପଞ୍ଚାୟତ ସମିତି ବୈଠକ

ଗୁଡାରି, ୭।୨ (ପ୍ରମୋଦ କୁମାର ପତି)

ଗୁଡାରି ବ୍ଲକ୍ କର୍ଯ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାହ୍ନ୧୦ଟାରେ ନବମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧକ୍ଷା ଲକ୍ଷ୍ମୀ ଶବରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଡିଓ ପ୍ରଦ୍ୟୁମ୍ନ ମଣ୍ଡଳ, ଜିଲା ପରିଷଦ ସଭ୍ୟ ପତି କ୍ରାସ୍କା, ଏମ୍‌ପି ପ୍ରତିନିଧି ପି. ବାବୁ ରାଓ ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ବୈଠକରେ ଉପସ୍ଥିତ ରହି ନିଜ ନିଜ ବିଭାଗର ବିବରଣୀ ଉପସ୍ଥାପନା କରିଥିଲେ। ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା


ବୈଠକରେ ବିଧାୟକଙ୍କ ସହ ଅନ୍ୟ ଅଧିକାରୀ ଏବଂ ଜନପ୍ରତିନିଧି।

ସମ୍ପର୍କରେ ବିଧାୟକ ଆଲୋଚନା କରିବା ସହ ସମୀକ୍ଷା କରିଥିଲେ। ସମସ୍ତ ଯୋଜନାଗୁଡିକ ଲୋକଙ୍କ ପାଖରେ ପହଞ୍ଚାଇବା ସହ କର୍ଯ୍ୟାଳୟକୁ ଆସୁଥିବା ସମସ୍ତ ଜନସାଧାରଣଙ୍କୁ ଉଚିତ ସେବା ଯୋଗାଇବା ପାଇଁ ବିଧାୟକ ଗମାଙ୍ଗ ବ୍ଲକ୍ ଅଧିକାରୀଙ୍କୁ କହିଥିଲେ। ତେବେ ଆଗକୁ ଗ୍ରୀଷ୍ମ ପ୍ରବାହ ଆସୁଥିବାରୁ ସମସ୍ତ ଗାଁରେ ପାନୀୟ ଜଳର ବ୍ୟବସ୍ଥା ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ କେତେଜଣ ସରପଞ୍ଚ ଓ ସମିତିସଭ୍ୟ ଅନୁପସ୍ଥିତ ରହିଥିଲେ।

## ଗଞ୍ଜାମରେ ଟମାଟୋ ଚାଷୀ ନିରାଶ


ଜଣେ ଚାଷୀ ଟମାଟୋ ତୋଳି ନେଉଛନ୍ତି ।

ଛତ୍ରପୁର,୭।୨(ସନ୍ତୋଷ ପାଢ଼ୀ)

ଗଞ୍ଜାମରେ ମାତ୍ର ୨ ଟଙ୍କାରେ କେଜିଏ ଟମାଟୋ ମିଳୁଛି। ମାତ୍ର ୫ ଦିନରେ ଅଧା ଦର କମିଯିବା ଓ ଉପଯୁକ୍ତ ମୂଲ୍ୟ ମିଳୁ ନ ଥିବା ଯୋଗୁ ହେକ୍ଟର ହେକ୍ଟର ଟମାଟୋ ଚାଷକୁ ଚାଷୀ ଜମିରେ ଛାଡି ପଳାଇଛନ୍ତି। ଗଞ୍ଜାମ ବ୍ଲକର ଡ଼ିଆଁଡ଼େଇଁ ଗାଁରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି।

ଗଞ୍ଜାମ ବ୍ଲକର ଡିଆଁଡ଼େଇଁ, ମଧୁରଚୁଆ, ସିପକୁଦା, ଶ୍ରୀରାମଚନ୍ଦ୍ରପୁର, ହରିପୁର, କଣ୍ଟପଡ଼ା ଆଦି ଅନେକ ଗାଁରେ ଚଳିତବର୍ଷ ଭଲ ପରିବା ଚାଷ ହୋଇଛି । ଟମାଟୋ ମଧ୍ୟ ଭଲ ହୋଇଥିବାରୁ ତାହା ବିକ୍ରି ହେଲେ ଚାଷୀ କରିଥିବା ଋଣ ପରିଶୋଧ କରିବେ ବୋଲି ଭାବିଥିଲେ। ଗତ କିଛିଦିନ ପୂର୍ବରୁ ଟମାଟୋ ତୋଳା ଆରମ୍ଭ ହୋଇଥିବା ବେଳେ ପ୍ରଥମେ ୧୫ରୁ ୨୦ ଟଙ୍କାରେ ବିକ୍ରି ହେଉଥିଲା । କିନ୍ତୁ ହଠାତ୍ ଗତ ୪ରୁ ୫ ଦିନ ହେଲାଣି ଦର ଖସି ଆସି ୨ରୁ ୩ ଟଙ୍କାରେ ପହଞ୍ଚିଛି । ଏହାକୁ ନେଇ ଚାଷୀ ହତାଶ ହୋଇ ଏବେ ଚିନ୍ତାରେ ପଡ଼ିଛନ୍ତି। ୩ ମାସ ଧରି ଟମାଟୋ ଚାଷ ନିମନ୍ତେ ଚାଷୀ ତା'ର ପରିବାର ଲାଗିପଡ଼ିଥିଲା। ଚାଷ ନିମନ୍ତେ ଔଷଧ, ମୂଲିଆ ସହ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ହୋଇଥିଲା। ପ୍ରାୟ ଗୋଟିଏ ଏକର ପିଛା ୩୦ ହଜାରରୁ ୪୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏଥିରୁ ମାତ୍ର ୫ ହଜାର ଟଙ୍କା ମଧ୍ୟ ବର୍ତ୍ତମାନ ସୁଦ୍ଧା ମିଳିପାରୁନାହିଁ। ତେଣୁ ଏଭଳି ଚାଷ କରି କିଭଳି ନିଜ ପରିବାର ପ୍ରତିପୋଷଣ କରିବୁ ବୋଲି ଦୁଃଖର ସହ କହିଛନ୍ତି ଚାଷୀ । ସହାୟତା ଲାଗି ସେମାନେ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ଗାନ୍ଧୀ ପବ୍ଲିକ ସ୍କୁଲରେ ବିଦାୟକାଳୀନ ଉତ୍ସବ

ଗୁଣପୁର,୭।୨ (ପ୍ରଦୀପ କୁମାର ପାଢୀ)

ଗୁଣପୁରସ୍ଥିତ ଗାନ୍ଧୀ ପବ୍ଲିକ ସ୍କୁଲରେ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ବିଦାୟକାଳୀନ ଉତ୍ସବ 'ଏଡିୟୁ- ୨୦୨୫' ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ର ଫୁଲଚନ୍ଦନ ଦେଇ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଦ୍ୱାଦଶ ଶ୍ରେଣୀ ଛାତ୍ରୀ ସୃତିସ୍ମିତା ପଟ୍ଟନାୟକ, ଗୌତମୀ ବିଡିକା, ଛାତ୍ର ଦେବରାଜ ସିଂଦେଓ ପ୍ରମୁଖ ବକ୍ତୃତା ମାଧ୍ୟମରେ ବିଦ୍ୟାଳୟ ଜୀବନର ମଧୁର ଅନୁଭୂତି ,ଶୃଙ୍ଖଳା, ଶିକ୍ଷା ଭିତ୍ତିଭୂମି ସମ୍ପର୍କରେ କହିଥିଲେ। ଶିକ୍ଷକ ଏମ୍ ନାରାୟଣ ରାଓ, ଦିଲୀପ ବେହେରା ଓ ଅଶ୍ୱିନୀ ପାଢ଼ୀ ଆଗାମୀ ପରୀକ୍ଷା ପାଇଁ ସୁଚିନ୍ତିତ ରଣକୌଶଳ ସହ ପ୍ରସ୍ତୁତି ପାଇଁ ଯୋଜନା କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣ ପାଇଁ ବିଦ୍ୟାଳୟ ସଦାସର୍ବଦା ସୁଚିନ୍ତିତ ପାଠ୍ୟ ଭିତ୍ତିକ ମାର୍ଗଦର୍ଶନ ଦେଇଥାଏ ବୋଲି ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା କହିଥିଲେ । ଏହି କାର୍ଯ୍ୟକ୍ରମକୁ ଗଣିତ ବିଭାଗର ମୁଖ୍ୟ ବିଭୁଦତ୍ତ ଦାଶଙ୍କ ସହିତ ସମସ୍ତ ଶିକ୍ଷକ ପରିଚାଳନା କରିଥିଲେ ।


ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରୁଛନ୍ତି।

## ବକେୟା ପିଡିଏସ୍ ମାଣ୍ଡିଆ ଦାବିରେ ପଞ୍ଚାୟତ ଅଫିସ ଘେରାଉ

ଟିକିରି, ୭।୨ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଗୋରଖପୁର ପଞ୍ଚାୟତ ଅନ୍ତର୍ଗତ କାହ୍ନୁଗୁଡା ଗ୍ରାମବାସୀ ବକେୟା ପିଡିଏସ ମାଣ୍ଡିଆ ଦାବିରେ ଗତ ୩ ଦିନ ହେଲା ଗୋରଖପୁର ପଞ୍ଚାୟତ ଅଫିସ ଘେରାଉ କରିଛନ୍ତି। ବକେୟା ମାଣ୍ଡିଆ ନ ମଳିବା ପର୍ଯ୍ୟନ୍ତ ସେମାନେ ଅଫିସ୍ ସମ୍ମୁଖରେ ସେମିତି ବସି ରହିବେ ବୋଲି କହିଛନ୍ତି। ଖବରପାଇ କାଶୀପୁର ଯୋଗାଣ ନିରୀକ୍ଷକ ପ୍ରଶାନ୍ତ ଦାସ, ସହୋଯଗୀ ଯୋଗାଣ ଅଧିକାରୀ ଏସ୍ ଭୋଇ ପ୍ରମୁଖ ଶୁକ୍ରବାର ଆନ୍ଦୋଳନରତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ମାଣ୍ଡିଆ ନିଅଣ୍ଟ ହେବାରୁ ୨୬୦ ଜଣ କାର୍ଡଧାରୀଙ୍କୁ କିଛିଦିନ ଅପେକ୍ଷା କରିବାକୁ କୁହାଯାଇଥିଲା।


ପଞ୍ଚାୟତ ଅଫିସ ସମ୍ମୁଖରେ ବସିଥିବା ଗ୍ରାମବାସୀ।

ସୂଚନାଯୋଗ୍ୟ, ଉକ୍ତ ପଞ୍ଚାୟତରେ ୨୦୭୦ ରାସନ କାର୍ଡଧାରୀ ରହିଛନ୍ତି। ୨୦୨୪ ସେପ୍ଟେମ୍ବର ମାସରେ ପ୍ରତି କାର୍ଡପିଛା ୩୫କେଜି ହିସାବରେ ୧୮୧୦ ଜଣ କାର୍ଡଧାରୀଙ୍କୁ ୬୩୩ କୁଇଣ୍ଟାଲ ମାଣ୍ଡିଆ ଦିଆଯାଇଥିଲା। ମାଣ୍ଡିଆ ନିଅଣ୍ଟ ହେବାରୁ ୨୬୦ ଜଣ କାର୍ଡଧାରୀଙ୍କୁ କିଛିଦିନ ଅପେକ୍ଷା କରିବାକୁ କୁହାଯାଇଥିଲା। ହେଲେ ଏବେ ସମସ୍ତ କାର୍ଡ ପିଛା ୫କେଜି ମାଣ୍ଡିଆ ଦିଆଯାଉଥିବାରୁ ଆଗରୁ ରହିଯାଇଥିବା ୩୫କେଜି ମାଣ୍ଡିଆ ଦିଆଯାଉ ବୋଲି କାହ୍ନୁଗୁଡା ଗ୍ରାମବାସୀ ଦାବି କରିଛନ୍ତି। ଆଗର ୩୫ କେଜି ମାଣ୍ଡିଆ ସହ ଏବେର ୫ କେଜି ମାଣ୍ଡିଆ ମିଶାଇ ଦେଲେ ହିଁ ନେବୁ ବୋଲି ଗ୍ରାମବାସୀ ଅଡି ବସିଛନ୍ତି। ଜିଲ୍ଲା ପ୍ରଶାସନ ଏ ଦିଗରେ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ନେବାପାଇଁ ଦାବି ହେଉଛି।

## ସଂକ୍ଷେପରେ

### ସୁନାଗହଣା, ନଗଦ ଟଙ୍କା ଚୋରି

ଜୟପୁର,୭।୨(ପବନ ପାଣିଗ୍ରାହୀ)

ଜୟପୁର ବେଡ଼ାସାହି ଦୁର୍ଗାମନ୍ଦିର ପାର୍ଶ୍ୱ ଜଣଙ୍କ ଘରୁ ସୁନାଗହଣା ଓ ନଗଦ ୬ହଜାର ଟଙ୍କା ଚୋରି ହୋଇଛି। ରବୀନ୍ଦ୍ର ସାହୁ ଏବଂ ତାଙ୍କ ଘରେ ଭଡ଼ାରେ ରହୁଥିବା ସୁଶ୍ରୀ ଖମରୁ ନିଶାଙ୍କ ଘରୁ ଚୋରି ହୋଇଛି। ଜାନୁଆରୀ ୩୧ରେ ରବୀନ୍ଦ୍ର ବ୍ରହ୍ମପୁର ଯାଇଥିବା ବେଳେ ଭଡ଼ାଘରେ ରହୁଥିବା ସୁଶ୍ରୀ ମଧ ନିଜ ସମ୍ପର୍କୀୟଙ୍କ ଘରକୁ ଚାଲିଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରେ ପଶି ମୁନିଙ୍କ ୨ ସୁନା କାନଫୁଲ, ପିତ୍ତଳ ସାମଗ୍ରୀ ଏବଂ ନଗଦ ୬ ହଜାର ଟଙ୍କା ଚୋରି କରିଥିଲେ। ରବୀନ୍ଦ୍ର ବ୍ରହ୍ମପୁର ଯାଇଥିବା ବେଳେ ତାଙ୍କ ଘର ତାଲା ଭାଙ୍ଗି ଆଲମାରୀ ଏବଂ ଟଙ୍କା ଚୋରି କରିଥିବା ଜଣାପଡିଛି। ଏ ନେଇ ସୁଶ୍ରୀ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଟାଉନ ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ ଓ ଏଏସ୍ଆଇ ସତ୍ୟବାଦୀ ନାୟକ ତଦନ୍ତ ଆରମ୍ଭ କରିଛନ୍ତି।

### ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ

ପଟ୍ଟାଙ୍ଗି,୭।୨ (ଶରତ କୁମାର ଧଳ)


ରାମକୃଷ୍ଣ ନାୟକ

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍‌ରେ ନୂତନ ବିଡିଓ ଭାବେ ରାମକୃଷ୍ଣ ନାୟକ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍‌ର ବିଡିଓ ଥିଲେ। ସେକ୍ସନ୍ ଅଫିସର ଦୁର୍ଯ୍ୟୋଧନ ସେଠୀ ନୂତନ ବିଡିଓ ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ପଟ୍ଟାଙ୍ଗି ବ୍ଲକ୍ ପାଇଁ ଅନେକ କିଛି ଉନ୍ନୟନମୂଳକ କାର୍ଯ୍ୟ କରିବା ଲକ୍ଷ୍ୟ ଥିବା ସହ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକରେ ଲୋକେ ଜଡ଼ିତ ହୋଇପାରିବା ନେଇ କାର୍ଯ୍ୟକରିବେ ବୋଲି ନୂତନ ବିଡିଓ ନାୟକ କହିଛନ୍ତି। ଏଠାରୁ ବଦଳି ହୋଇଥିବା ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ନୌସେନାରୁ ଅବସର ନେଇ ପ୍ରଶାସନିକ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣକରି ପଟ୍ଟାଙ୍ଗି ବ୍ଲକ୍‌ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ସେ ବର୍ତ୍ତମାନ ଚନ୍ଦାହାଣ୍ଡି ବ୍ଲକ୍‌କୁ ବଦଳି ହୋଇଯାଇଛନ୍ତି।

### ମା' ପେଣ୍ଡ୍ରାଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଚନ୍ଦାହାଣ୍ଡି, ୭।୨ (ଦିଲୀପ କୁମାର ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ସଦର କେନାଲ ସାହିସ୍ଥିତ ବାଘ ପରିବାରଙ୍କ ମା' ପେଣ୍ଡ୍ରାଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରମେଶ ମାଝୀ ଯୋଗଦେଇ ମନ୍ଦିରର ଶୁଭ ଉଦ୍‌ଘାଟନ କରିଥିଲେ। ପୂଜାରୀ ଶାନ୍ତି ବାଘଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ପୂଜାରୀ ରବୀନ୍ଦ୍ର ପୂଜାରୀ, ପୂର୍ବତନ ସରପଞ୍ଚ ଲଛମନ ମାଝୀ, ଚନ୍ଦାହାଣ୍ଡି ମା' ପେଣ୍ଡ୍ରାଣୀ ମନ୍ଦିରର ମହାଦେବ ପୂଜାରୀ, ଗମ୍ଭିର ଚୌହାନ, ଜଗଦୀଶ ବାଘ ପ୍ରମୁଖ ଯୋଗଦେଇଥିଲେ। କ୍ଷେମରାଜ ବାଘଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଘ ପରିବାରବର୍ଗର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି ଅବସରରେ ବାଘ ପରିବାରର ଚାରି ପିଢ଼ିର ପିତୃ ପୁରୁଷଙ୍କ ନାମ ଫଳକକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ।

# ବିଦ୍ୟାଳୟଗୁଡ଼ିକର ଅବ୍ୟବସ୍ଥା ସୁଧାରିବାକୁ ନିର୍ଦ୍ଦେଶ

**ଲିମା ଆବାସିକ ବିଦ୍ୟାଳୟ ପରିଦର୍ଶନ କଲେ ୬ ବିଧାୟକ**

କୁନ୍ଦୁରା,୭।୨(ସନ୍ତୋଷ ପ୍ରହରାଜ)


ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି।

ବିଧାନସଭା ଷ୍ଟାଣ୍ଡିଂ କମିଟିର ସଦସ୍ୟ ଥିବା ୬ ବିଧାୟକ କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଗସ୍ତ କରି ଲିମା ଆବାସିକ ଉଚ୍ଚ ବିଦ୍ୟାଳୟ ଶୁକ୍ରବାର ପରିଦର୍ଶନ କରିଛନ୍ତି। ଷ୍ଟାଣ୍ଡିଂ କମିଟିର ୧୨ସଦସ୍ୟଙ୍କ ମଧ୍ୟରୁ ଅଧ୍ୟକ୍ଷ ମନୋହର ରନ୍ଧାରୀ, କୋଟପାଡ଼ ବିଧାୟକ ରୂପୁ ଭତ୍ରା,ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଏବଂ କୋରାପୁଟ ବିଧାୟକ ରଘୁରାମ ମାଛ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଓ ମଧ୍ୟାହ୍ନ ଭୋଜନରେ ଅବ୍ୟବସ୍ଥା ଦେଖି ଅସନ୍ତୁଷ୍ଟ ହେବା ସହ ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡିଙ୍କୁ ତାଗିଦ୍ କରିଥିଲେ। ଏଥିସହ ସ୍ମାର୍ଟ କ୍ଲାସ୍ ରୁମରେ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ସହ ସପ୍ତମ ଶ୍ରେଣୀ ପାଠ ଓ ପଣକିଆ ପଚାରିବାରୁ ଛାତ୍ରୀଛାତ୍ର ସଠିକ୍ ଉତ୍ତର ଦେଇପାରି ନ ଥିଲେ। ବିଧାୟକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଶିକ୍ଷୟିତ୍ରୀ ରଞ୍ଜିତା ପାଣିଗ୍ରାହୀ ଏବଂ ଶିକ୍ଷକ ଲଳିତ ମାନ୍ଧିଆଙ୍କୁ ବଦଳି କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ ବିଦ୍ୟାଳୟ ପରିସର ବୁଲି ଦେଖିବା ସହ ପ୍ରଧାନ ଶିକ୍ଷକଙ୍କୁ ପରିବେଶ ସଫା ରଖିବା ସହ ବ୍ଲକ୍ ମଙ୍ଗଳ ଅଧିକାରୀଙ୍କୁ ବ୍ଲକ୍ ଅଧୀନରେ ଥିବା ସମସ୍ତ ଆବାସିକ ବିଦ୍ୟାଳୟ,ସେବାଶ୍ରମଗୁଡ଼ିକ ପରିଦର୍ଶନ ଯାଇ ସମସ୍ତ ବିଷୟ ଜିଲା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିବାକୁ କୋଟପାଡ଼ ବିଧାୟକ ଭତ୍ରା ନିର୍ଦ୍ଦେଶ ଦେଇଛନ୍ତି। କୁନ୍ଦୁରା ବ୍ଲକ୍ ଅଧୀନରେ ଥିବା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ପରିଚାଳିତ ସମସ୍ତ ବିଦ୍ୟାଳୟଗୁଡ଼ିକର ଅବ୍ୟବସ୍ଥା ସୁଧାରିବା ନେଇ ଜିଲା ମଙ୍ଗଳ ଅଧିକାରୀ ତାଣ୍ଡିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ୪ ବର୍ଷ ପରେ ନିଖୋଜ ଝିଅକୁ ଫେରିପାଇଲେ ପରିବାର

କୋରାପୁଟ, ୭।୨ (ଅମିତାଭ ବେହେରା)


ନିଖୋଜ ହୋଇଥିବା ରୂପା ।

୨୦୨୧ରେ ବରଗଡ଼ ନିକଟସ୍ଥ ତୋରାରେ ନିଖୋଜ ହୋଇଥିବା ଶ୍ରବଣ ଓ ବାକ୍ ବାଧିତ ରୂପା(୧୫)ଙ୍କୁ ପରିବାର ୪ବର୍ଷ ପରେ କୋରାପୁଟରେ ଫେରି ପାଇଛନ୍ତି। ସୂଚନାଯୋଗ୍ୟ, ବାପା ଡ୍ୟୁଟିରେ ବାହାରେ ଥିବା ବେଳେ ରୂପା ହଠାତ୍ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି କରି ନ ମିଳିବାରୁ ବାପା ବରଗଡ଼ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ସୋସିଆଲ ମିଡ଼ିଆ ମାଧ୍ୟମରେ ସଫଳତା ମିଳିଥିଲା।୨୦୨୪ ଜୁଲାଇ ୧୦ ଚାଇଲ୍ଡଲାଇନ୍ ଦ୍ୱାରା କୋରାପୁଟ ରେଲୱେ ଷ୍ଟେଶନରୁ ରୂପାଙ୍କୁ ଉଦ୍ଧାର କରାଯାଇଥିଲା। କିନ୍ତୁ ରୂପା ପ୍ରଥମେ ନିଜର ପରିଚୟ ଜଣାଇପାରି ନ ଥିଲେ। କେବଳ ଜେସି ନାମ ଲେଖି ପାରିଥିଲେ ବୋଲି କୋରାପୁଟର ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ କହିଛନ୍ତି। ସାଙ୍କେତିକ ଭାଷାରେ ଯୋଗାଯୋଗ କରିପାରିବେ ବୋଲି ଆଶାକରି ତାଙ୍କୁ ସୁନାବେଡ଼ାର ଶ୍ରବଣ ଏବଂ ବାକ୍ ବାଧିତ ଏକ ସ୍କୁଲକୁ ନିଆଯାଇଥିବା ବେଳେ କୌଣସି ଫଳ ମିଳି ନ ଥିଲା। ପରେ ତାଙ୍କୁ କୋରାପୁଟ ଶିଶୁ ଆଶ୍ରୟ ଗୃହରେ ରଖାଯାଇଥିଲା। ଆଶ୍ରୟ ଗୃହର ତତ୍ତ୍ୱାବଧାରିକା ଶ୍ରଦ୍ଧାଞ୍ଜଳି ବିଭିନ୍ନ ସୋସିଆଲ ମିଡିଆରେ ରୂପାଙ୍କ ଫଟୋ ଏବଂ ବିବରଣୀ ଶେୟାର କରିଥିଲେ। ୭ ମାସ ପରେ କଳାହାଣ୍ଡି ଜିଲାର ଭବାନୀପାଟଣାର ଏକ ଶିଶୁ ଯତ୍ନ କେନ୍ଦ୍ରର ଜଣେ ଶିଶୁ ଯତ୍ନକାରୀ ରୂପାଙ୍କୁ ଚିହ୍ନିପାରି ବରଗଡ଼ ଥାନାରେ ଏକ ନିଖୋଜ ଅଭିଯୋଗ ହୋଇଥିବା ଶ୍ରଦ୍ଧାଞ୍ଜଳିଙ୍କୁ ଜଣାଇଥିଲେ। ବରଗଡ଼ ପୋଲିସ ସହ ଶ୍ରଦ୍ଧାଞ୍ଜଳି ଯୋଗାଯୋଗ କରିବା ପରେ ଫଟୋ ସହାୟତାରେ ରୂପାଙ୍କ ପରିଚୟ ନିଶ୍ଚିତ କରିଥିବା ତାଙ୍କ ମା'ବାପାଙ୍କୁ ନେଇ କୋରାପୁଟ ଆସିଥିଲେ।

## କାର୍ଯ୍ୟାଳୟରୁ ହଟିଲା ପୁରୁଣା ମିଟର

ସୁନାବେଡ଼ା/କୋରାପୁଟ, ୭।୨ (କୃତ୍ତିବାସ ପ୍ରଧାନ/ଅମିତାଭ ବେହେରା)


ଲଗାଯାଇଥିବା ନୂଆଁ ସ୍ମାର୍ଟ ମିଟର।

କୋରାପୁଟ ପୌର ପରିଷଦ ୨ନଂ. ୱାର୍ଡ ପୂଜାରିପୁଟ ସିଂ କଲୋନି ସମ୍ମୁଖରେ ଥିବା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ସ୍ମାର୍ଟ ମିଟର ଲଗାଯାଇଛି। କାର୍ଯ୍ୟାଳୟ ଗୃହକୁ ବିଭାଗ ଜଣେ ବ୍ୟକ୍ତିଙ୍କଠାରୁ ଭଡ଼ାସୂତ୍ରରେ ନେଇ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ କରିଛି। କିନ୍ତୁ ସେଠାରେ ସ୍ମାର୍ଟ ମିଟର ପରିବର୍ତ୍ତେ ପୁରୁଣା ମିଟର ଲାଗିଥିବା ନେଇ ୨ଦିନ ତଳେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ବିଭାଗୀୟ ଅଧିକାରୀ ସ୍ମାର୍ଟ ମିଟରକୁ ନେଇ ତଳିଆ କର୍ମଚାରୀଙ୍କ ଉପରେ କ୍ଷୁବ୍ଧ ହୋଇଥିବା ଓ ରାତିଅଧିଆ ପୁରୁଣା ମିଟର ବଦଳାଯାଇଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ବିଭାଗ ସମସ୍ତ ବିଦ୍ୟୁତ୍ ଗ୍ରାହକଙ୍କ ଘରେ ଜବରଦସ୍ତ ସ୍ମାର୍ଟ ମିଟର ଲଗାଉଥିବା ବେଳେ କାର୍ଯ୍ୟାଳୟରେ ପୁରୁଣା ମିଟରରେ କାମ ଚାଲୁଥିଲା।

## କୁର୍ସି ହତ୍ୟା ମାମଲାରେ ୨ ଅଭିଯୁକ୍ତ ଗିରଫ

ଉମରକୋଟ, ୭।୨ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅର୍ନ୍ତଗତ କୁର୍ସି ତେଲ ନଦୀ ବ୍ରିଜ ତଳ ହତ୍ୟା ମାମଲାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାମଚନ୍ଦ୍ର ସାନ୍ତା ଓ ରାଧବ ସାନ୍ତା। ପୋଲିସ ଚଚରା ଗ୍ରାମରୁ ଅଭିଯୁକ୍ତ ରାମଚନ୍ଦ୍ର ଓ ଜାମଝଲା ଗ୍ରାମରୁ ରାଧବଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଦୁଇ ଅଭିଯୁକ୍ତଙ୍କୁ ପୋଲିସ ହତ୍ୟା କରାଯାଇଥିବା ସ୍ଥାନକୁ ନେଇ ଟିଆଇ ପରେଡ କରାଇଥିବା ସୂଚନା ମିଳିଛି। ପୋଲିସ୍ ସୂଚନା ଅନୁଯାୟୀ, କୁର୍ସି ତେଲ ନଦୀ ବ୍ରିଜ ତଳେ ଗତ ୬।୮।୨୪ରେ ଜଣେ ବ୍ୟକ୍ତିଙ୍କ ମୃତଦେହ ନଦୀରେ ଭାସୁଥିବା ଗ୍ରାମବାସୀ ଦେଖି ଉମରକୋଟ ପୋଲିସକୁ ଖବର ଦେଇଥିଲେ। ନଦୀ କୂଳରେ ଏକ ରକ୍ତଭିଜା ପଥର ରହିଥିବାବେଳେ ମୃତବ୍ୟକ୍ତିଙ୍କ ବେକରେ ଗାମୁଛା ଗୁଡା ହୋଇଥିଲା। ପାରିପାର୍ଶ୍ୱିକ ସ୍ଥିତି ଦେଖିଲେ ତାଙ୍କୁ କେହି ହତ୍ୟା କରି ନଦୀରେ ଫିଙ୍ଗି ଦେଇଥିବା ପୋଲିସ ଅନୁମାନ କରୁଥିଲା। ହେଲେ ସେତେବେଳେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନ ଥିଲା। ତେବେ ପୋଲିସ ମୃତଦେହକୁ ୭୨ ଘଣ୍ଟା ରଖିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଉମରକୋଟ ଶ୍ମଶାନରେ ଅନ୍ତ୍ୟେଷ୍ଟିକ୍ରିୟା କରିଥିଲା। ଏହି ଘଟଣାର ତଦନ୍ତ ଦାୟିତ୍ୱ ଉମରକୋଟ ଥାନା ଏସ୍ଆଇ ପୂର୍ଣ୍ଣିମା ଟେଟେ ନେଇ ତଦନ୍ତ କରୁଥିଲେ। ମୃତ ବ୍ୟକ୍ତି ଅକିଲା ସାନ୍ତା (୫୦) , ତାଙ୍କ ଘର ଝରିଗାଁ ଥାନା ଅର୍ନ୍ତଗତ ମାଣ୍ଡାଡଙ୍ଗରି ଗ୍ରାମ ବୋଲି ତଦନ୍ତରୁ ଜଣାପଡ଼ିଥିଲା। ତେବେ ଏକ ଡଙ୍ଗର ଜମିକୁ ନେଇ ଅକିଲ ଓ ତାଙ୍କ ସାନ ଭାଇ ପୁଅ ରାମଚନ୍ଦ୍ରଙ୍କ ସହ ସମ୍ପର୍କ ଭଲ ନ ଥିଲା। ପୁତୁରା ରାମଚନ୍ଦ୍ର ଏଥିରେ ଉତ୍‌କ୍ଷିପ୍ତ ହୋଇ ନିଜ ଦାଦାଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରି କୁକୁଡ଼ା କିଣିବା ପାଇଁ ଡାକି ନେଇଥିଲେ। ଅକିଲ, ରାମଚନ୍ଦ୍ର ଏବଂ ତାଙ୍କ ଜ୍ୱାଇଁ ରାଧବ ଉମରକୋଟ ଥାନା ଅର୍ନ୍ତଗତ ଏକମ୍ବା ନିକଟସ୍ଥ ଜାମଝଲା ଗ୍ରାମକୁ ଆସିଥିଲେ। ସେଠାରୁ ୩ ଜଣ ଆସି ବାଟରେ ମଦ୍ୟପାନ କରି କୁର୍ସି ନିକଟସ୍ଥ ତେଲନଦୀ ନିକଟକୁ ଆସିଥିଲେ। ସେଠାରେ ମଧ ୩ ଜଣଙ୍କ ମଧ୍ୟରେ ପ୍ରବଳ ପାଟି ତୁଣ୍ଡ ହୋଇଥିଲା। ପରେ ରାମଚନ୍ଦ୍ର ଓ ରାଧବ ମିଶିକି ଅକିଲଙ୍କୁ ହତ୍ୟା କରି ନଦୀରେ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲେ। ତଦନ୍ତ ଅଧିକାରୀ ଟେଟେ ଶୁକ୍ରବାର ୨ ଅଭିଯୁକ୍ତଙ୍କୁ ସେମାନଙ୍କ ଗ୍ରାମରୁ ଗିରଫ କରିଛନ୍ତି। ଏହି ସମୟରେ ସବଇନସ୍ପେକ୍ଟର ଶିବାଜି ପଣ୍ଡା, ଓଏପିଏଫ ନରେନ୍ଦ୍ର ନାୟକଙ୍କ ସହ ଅନ୍ୟ କିଛି କର୍ମଚାରୀ ଉପସ୍ଥିତ ଥିଲେ।


ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ନେଉଛି।

## ଚୋରି ମାମଲାରେ ଜଣେ କୋର୍ଟ ଚାଲାଣ

ସେମିଳିଗୁଡ଼ା/ସୁନାବେଡା,୭।୨ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସେମିଳିଗୁଡା ଆଲମ ଗୁଡ଼ା ପଛପଟେ ଥିବା ଓମ ସାଇ ଇଣ୍ଡଷ୍ଟ୍ରି ନାମକ ଏକ ଫ୍ଲାଇ ଆସ ଇଟା କାରଖାନାରୁ ଚୋରି ମାମଲାରେ ଜଣଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ ସେମିଳିଗୁଡା ହଞ୍ଜୀରାଗୁଡ଼ାର ରାଜୁ ମୁଦୁଲି(୨୧)। ସୂଚନା ଅନୁଯାୟୀ ମଙ୍ଗଳବାର ରାତିରେ ଇଟା କମ୍ପାନୀର ଏକ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସିସି କ୍ୟାମେରା ହାର୍ଡ ଡିସ୍କ,ମନିଟର, ହ୍ୟାଣ୍ଡ କଟର,୨୦୦ ଶହ ଲିଟର ଡିଜେଲ ଓ ୩୦ ଲିଟର ଇଞ୍ଜିନ ଅଏଲ ଚୋରି କରିଥିଲେ। ଏ ନେଇ ସେମିଳିଗୁଡା ଥାନାରେ ନଂ ୧୯/୨୫ରେ ମାମଲା ରୁଜୁ ହୋଇଥିଲା। ଏହା ପରଦିନ ଚୋରି ଡିଜେଲକୁ ୨ ଯୁବକ ଗୋଟିଏ ବାଇକ୍ ଯୋଗେ ନେଉଥିବା ସମୟରେ ଏହାକୁ କମ୍ପାନୀର ଜଣେ କର୍ମଚାରୀ ଦେଖି ଉଭୟଙ୍କ ପିଛା କରିଥିଲେ। ଜଣେ ବାଇକ୍ ସହ ଫେରାର ହୋଇଯାଇଥିବା ବେଳେ ଅନ୍ୟ ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିବା ଓ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## କୋଲାବରେ ଡଙ୍ଗା ବୁଡି, ବର୍ତ୍ତିଲେ ଲୋକେ

କୁନ୍ଦୁରା,୭।୨(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ କେରମେଟି ପଞ୍ଚାୟତ କନ୍ଦାଯୋଡ଼ି ଗ୍ରାମ ନିକଟ କୋଲାବ ନଦୀରେ ଡଙ୍ଗାବୁଡ଼ି ଥିବା ବେଳେ ଲୋକେ ଅଳ୍ପକେ ବର୍ତ୍ତିଛନ୍ତି। କନ୍ଦାଯୋଡ଼ି ଗ୍ରାମର ଏକ ବାହାଘରକୁ ଯିବା ସମୟରେ ଡଙ୍ଗା ଭିତରେ ପାଣି ପଶିଯାଇ ବୁଡି ଯାଇଥିଲା। ଫଳରେ ଲୋକେ ପାଣିରେ ବୁଡ଼ି ଯାଇଥିଲେ। ସେମାନଙ୍କୁ ନଦୀ ପାଖରେ ଥିବା କେତେକ ଯୁବକ ଉଦ୍ଧାର କରିଥିଲେ। ଏଥିରେ କାହାର ପ୍ରାଣହାନି ହୋଇ ନ ଥିବା ଜଣାପଡ଼ିଛି। ଅତିଶୀଘ୍ର ନଦୀକୁ ବ୍ରିଜ ନିର୍ମାଣ କରିବାକୁ ଲୋକେ ଦାବି କରିଥିଲେ। ଭୋଜମନ ସାନ୍ତା, ଉପେନ୍ଦ୍ର ଭୋରସା, ସଞ୍ଜୟ,ସଞ୍ଜୀବ, ଅମର ଭରଷା,କୈଳାଶ ହରିଜନ ଓ ଗୁପ୍ତ ହରିଜନ ପ୍ରମୁଖ ଉପସ୍ଥିତ ଉଦ୍ଧାର କରିଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର


ଶିବିରରେ ସ୍ୱାସ୍ଥ୍ୟକର୍ମୀ ପରୀକ୍ଷା କରୁଛନ୍ତି।

ଜୟପୁର,୭।୨(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ୍ ପ୍ରଦୀପ କୁମାର ମହନ୍ତ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ବିଚାରପତି, ଆଇନଜୀବି ଓ କୋର୍ଟ କର୍ମଚାରୀଙ୍କ ସହ ୧୫୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ରକ୍ତଚାପ, ରକ୍ତ ପରୀକ୍ଷା, ସୁଗର ଓ ଇସିଜି ଆଦି ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘ ସଭାପତି ଆଇନଜୀବି ତ୍ରିନାଥ ସିଂ ଲାଲା, ଯୁଗ୍ମ ସମ୍ପାଦକ ପି. ସନ୍ୟାସି ରାଓ, ଗିରିଧର ଖରା, ହରିଶ୍ଚ ଚନ୍ଦ୍ର ମୁଦୁଲି, ସୁରେଶ କୁମାର ହଡପ, ଯୁଗଳ କିଶୋର ପଟ୍ଟନାୟକ,ଉମା ଶଙ୍କର ସାହୁ, ଦିବାକର ଗୌଡ ଓ ସହଦେବ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ବାଇକ୍‌ରୁ ପଡ଼ି ମହିଳା ମୃତ

ଡାବୁଗାଁ, ୭।୨ (ପ୍ରଜ୍ଞାରଞ୍ଜନ ପରିଡା)

ଡାବୁଗାଁ ଥାନା ଅଧୀନ ବୁଟିଆଗୁଡା ଗ୍ରାମ ବିଦ୍ୟାଳୟ ନିକଟରେ ବାଇକ୍‌ରୁ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ଝରିଗାଁ ବ୍ଲକ ବ୍ରହ୍ମକୁମାରୀ ସଂସ୍ଥାର ପରିଚାଳିକା ବ୍ରହ୍ମକୁମାରୀ ସନ୍ଧ୍ୟାରାଣୀ ଧଳ (୫୦) । ସେ ଗୁରୁବାର ଅପରାହ୍ନରେ ଝରିଗାଁର ସନ୍ତୋଷ କୁମାର ତ୍ରିପାଠୀଙ୍କ ବାଇକ୍‌ରେ ବସି ନବରଙ୍ଗପୁରଠାରୁ ଝରିଗାଁ ଫେରୁଥିବାବେଳେ ଡାବୁଗାଁ– ଝରିଗାଁ ମୁଖ୍ୟ ରାସ୍ତାରେ ବୁଟିଆଗୁଡା ଗ୍ରାମ ବିଦ୍ୟାଳୟ ନିକଟରେ ଥିବା ହମ୍ପରେ ସେ ବାଇକ୍‌ରୁ ତଳକୁ ପଡି ଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ଗୁରୁବାର ରାତ୍ରୀରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଡାବୁଗାଁ ବ୍ରହ୍ମ କୁମାରୀ ସଂସ୍ଥାର ଅଲେଖ ପ୍ରସାଦ ନାୟକ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି କେସ ନଂ ୧୮/୨୫ରେ ଏକ ମାମଲା ରୁଜୁ କରାଯାଇଛି। କୋରାପୁଟରେ ସନ୍ଧ୍ୟାରାଣୀଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ଝରିଗାଁ ବ୍ରହ୍ମ କୁମାରୀ ସଂସ୍ଥାର କର୍ମକର୍ତ୍ତାଙ୍କୁ ହସ୍ତାନ୍ତର କରାଯାଇଛି। ଏଏସଆଇ ଚନ୍ଦ୍ର ଶେଖର ହଜାରୀ ଉକ୍ତ ଘଟଣାର ତଦନ୍ତ କରୁଛନ୍ତି ।

## ବାଇକ୍ ଧକ୍କାରେ ମହିଳା ମୃତ

ଜୟପୁର, ୭।୨(ପବନ ପାଣିଗ୍ରାହୀ)

ବାଇକ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଝରିଗୁମ୍ମାର ପଦ୍ମା ସାହୁ। ପଦ୍ମା ତାଙ୍କ ଝିଅଙ୍କୁ କଲେଜରେ ଛାଡି ଫେରୁଥିବା ବେଳେ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଚାଳକ ବାଇକ୍ ଛାଡି ଚମ୍ପଟ ମାରିଥିଲେ। ପଦ୍ମାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ଗେଟଗୁଡାସ୍ଥିତ ଘରୋଇ ହସ୍‌ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜୟପୁର ଟାଉନ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ଗ୍ରେଡ୍ ପେ ଦାବି

**କନିଷ୍ଠ କିରାଣି ସଂଘର ଗଣଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର**

ଚନ୍ଦାହାଣ୍ଡି, ୭।୨(ଦିଲୀପ କୁମାର ଦାସ)

ବେତନ ବୃଦ୍ଧି ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ ନେଇ ନବରଙ୍ଗପୁର ଜିଲା ବ୍ଲକ୍ ଗ୍ରାଣ୍ଟ ସ୍କୁଲ କନିଷ୍ଠ କିରାଣି ସଂଘ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଦାବିପତ୍ର ଗୁରୁବାର ପ୍ରଦାନ କରାଯାଇଛି। ଜିଲା ସଂଘ ସଭାପତି ପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସହ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଶିକ୍ଷାଗତ ଯୋଗ୍ୟତା ଓ ବରିଷ୍ଠତା ଭିତ୍ତିରେ ଗ୍ରେଡ୍ ପେ ପ୍ରଦାନ, ହିସାବ ରକ୍ଷକ ପଦବୀ ପାଇଁ ପରୀକ୍ଷା ଦେବାକୁ ଅନୁମତି, କାର୍ଯ୍ୟରତ କିରାଣିଙ୍କୁ ୪୮ ବର୍ଷ ହେଲେ ଉଚ୍ଚ ହାରରେ ଦରମା ପ୍ରଦାନ, ଅବସର ପରେ ଶିକ୍ଷକଙ୍କ ପରି ଅତିଥି ସହାୟକ ଭାବେ ନିଯୁକ୍ତି, କନିଷ୍ଠ କିରାଣି ପରିବର୍ତ୍ତେ ଏଚ୍ଆର୍ଏମ୍ଏସ୍ ଉଲ୍ଲେଖ କରାଯିବାକୁ ଦାବି କରାଯାଇଛି। ବିଭାଗୀୟ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଆଗରେ ଦାବିଗୁଡିକୁ ଉପସ୍ଥାପନା କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ସଂଘର ରଞ୍ଜନ କୁମାର ମହାପାତ୍ର, ପ୍ରଦୀପ ଦାଶ,ଗୋପୀନାଥ ମାଳି, ଚକ୍ରଧର ନାୟକ,ଲମ୍ବୋଦର ପଟ୍ଟନାୟକ ଓ ପ୍ରଦୀପ ପଳେଇ ପ୍ରମୁଖ ଉପସ୍ଥିତ ଥିଲେ।


କନିଷ୍ଠ କିରାଣି ସଂଘ ସଦସ୍ୟମାନେ ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ବିନା ପିଏଲ୍‌ସି ବୈଠକରେ ପ୍ରକଳ୍ପ ଅନୁମୋଦନକୁ ବିରୋଧ

ନବରଙ୍ଗପୁର,୭।୨(ସଦାଶିବ ପ୍ରହରାଜ)

**■ ବିଧାନସଭା ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ନବରଙ୍ଗପୁର ଗସ୍ତ**

**■ ପିଲା ମାତୃଭାଷା, ପଣକିଆ ପଢ଼ି ପାରୁ ନ ଥିବାରୁ କ୍ଷୋଭ**

ଓଡ଼ିଶା ସରକାରଙ୍କ ବିଧାନସଭା ଅଷ୍ଟମ ଷ୍ଟାଣ୍ଡିଂ ଗୃହ କମିଟିର ୬ ଜଣିଆ ସଦସ୍ୟ ଶୁକ୍ରବାର ନବରଙ୍ଗପୁର ଜିଲା ଗସ୍ତ କରି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ଅଧ୍ୟକ୍ଷତାରେ ଷ୍ଟାଣ୍ଡିଂ କମିଟିରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୂପୁ ଭତ୍ରା, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ମୋହନା ବିଧାୟକ ଦାଶରଥି ଗମାଙ୍ଗ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ବିନା ପିଏଲ୍‌ସି ବୈଠକରେ ପ୍ରକଳ୍ପ ଅନୁମୋଦନକୁ ବିରୋଧ କରିଛନ୍ତି। ସଦସ୍ୟମାନେ କୋଷାଗୁମୁଡା ବ୍ଲକର ବଡ ଆମ୍ବଡା ଓ କେରାଣ୍ଡିମାଳ ଗସ୍ତ କରି ବୈଠକରେ ଯୋଗଦେଇଥିଲେ। ତେବେ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବଡଆମ୍ବଡା ଓ କେରାଣ୍ଡିମାଳ ସ୍କୁଲ ପରିଦର୍ଶନ ସମୟରେ ପିଲାଙ୍କୁ ନିମ୍ନମାନର ଖାଦ୍ୟ ପ୍ରଦାନ କରାଯାଉଥିବାରୁ ବିଧାୟକ ରନ୍ଧାରୀ ଗଣମାଧ୍ୟମ ସାମ୍ନାରେ ବିରକ୍ତିଭାବ ପ୍ରକାଶ କରିଛନ୍ତି। ଉକ୍ତ ବିଦ୍ୟାଳୟରେ ୬ଷ୍ଠରୁ ୮ମ ଶ୍ରେଣୀ ପିଲା ସଂଖ୍ୟା କହିପାରୁ ନ ଥିବାବେଳେ ନିଜ ମାତୃଭାଷା ପଢ଼ିପାରୁ ନାହାନ୍ତି। ୮ମ ଶ୍ରେଣୀ ପିଲା ଏବିସିଡି ଓ ପଣକିଆ କହିପାରୁ ନ ଥିବାରୁ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିବା ସହ ୪ ଜଣ ଶିକ୍ଷକଙ୍କ ଦରମା ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି। ୧୫ ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସ ଦେବେ ଏବଂ ୨ ମାସ ମଧ୍ୟରେ ସମସ୍ୟା ନ ସୁଧୁରିଲେ ସେମାନଙ୍କୁ ନିଲମ୍ବନ କରିବା ପାଇଁ ନିଷ୍ପତ୍ତି ନିଆଯିବ ବୋଲି ବିଧାୟକ ରନ୍ଧାରୀ କହିଛନ୍ତି।


ସମୀକ୍ଷା ବୈଠକରେ ଷ୍ଟାଣ୍ଡିଂ ଗୃହ କମିଟି ସଦସ୍ୟଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

ସେହିଭଳି ଆଇଟିଡିଏରେ ଗତ ୨ ବର୍ଷ ହେବ ପିଏଲ୍‌ସି ବୈଠକ ବସିନାହିଁ। ବିନା ପିଏଲ୍‌ସି ବୈଠକରେ ଅନୁମୋଦିତ ନ ହୋଇ କିପରି ଭାବେ ପ୍ରକଳ୍ପ କାର୍ଯ୍ୟକାରୀ ଏବଂ ଖର୍ଚ୍ଚ ହେଉଛି ବୋଲି ବିଧାୟକ ରନ୍ଧାରୀଙ୍କ ସମେତ ସମସ୍ତ ବିଧାୟକ ପ୍ରଶ୍ନ କରିଥିଲେ। ଯେଉଁ ସ୍ଥାନରେ ପ୍ରକଳ୍ପ କାମ କରାଯାଉଛି ସ୍ଥାନୀୟ ଜନପ୍ରତିନିଧୀଙ୍କୁ କାହିଁକି ଜଣାଯାଉ ନାହିଁ। ପେକଜିଂ ଟେଣ୍ଡର କରିବା ପାଇଁ ଆଇଟିଡିଏକୁ କିଏ ଅନୁମତି ଦେଲା, ଏଥି ପାଇଁ ଆଇଟିଡିଏ ପିଏଙ୍କୁ କାରଣ ଦର୍ଶାଅ ନୋଟିସ ମାଗିବା ପାଇଁ ଅଧ୍ୟକ୍ଷ ରନ୍ଧାରୀ ନିର୍ଦ୍ଦେଶ ଦେଇଥିଲେ। ଚଳିତ ମାସରେ ତୁରନ୍ତ ପିଏଲସି ବୈଠକ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବିଡିଓ ଓ ତହସିଲଦାରଙ୍କୁ କହି ସମସ୍ତ ସ୍କୁଲର ସମସ୍ୟା ନେଇ ତଥ୍ୟ ସଂଗ୍ରହ କରିବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆଇଟିଡିଏର କାମଗୁଡ଼ିକର ତଦାରଖ କରାଯିବ, ଯଦି କୌଣସି କାମ ଖରାପ ଥିଲେ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧ୍ୟକ୍ଷ ରନ୍ଧାରୀ ପ୍ରକାଶ କରିଥିଲେ। ବୈଠକରେ ଜିଲାପାଳ ଡା.ଶୁଭଙ୍କର ମହାପାତ୍ର ଓ ଜିଲା ପରିଷଦ ସିଡିଏ ବିରଞ୍ଚି ନାରାୟଣ ଦରୱାନ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁକ୍ରବାର ଲୋକସେବା ଭବନରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ଏମ୍‌ଡି ତଥା ସିଇଓ ଅଶୋକ ଚନ୍ଦ୍ର ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ପିଏନ୍‌ବିର ବରିଷ୍ଠ ଅଧିକାରୀ ।

# ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାଜୁଚାରା ମାରିଦେଲେ

**ଉଦ୍ୟାନ କୃଷି ବିଭାଗର ଅବହେଳା**

**ଉଚ୍ଚସ୍ତରୀୟ ତଦନ୍ତ ଦାବିକଲେ ଏମ୍‌ପିଙ୍କ ପ୍ରତିନିଧି**

ପାଟଣା,୭।୨(ବୀର କିଶୋର ଦାଶ)



ଭାଜପାର ପ୍ରତିନିଧି ଦଳ ଚାରାରୋପଣ ସ୍ଥାନ ବୁଲି ଦେଖୁଛନ୍ତି।

କେନ୍ଦୁଝର ଜିଲା ଉଦ୍ୟାନ କୃଷି ବିଭାଗ ସରକାର କା ମାଲ୍ ଦରିଆମେ ଡାଲ୍ ନ୍ୟାୟରେ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାଜୁଚାରା ମାରିଦେଲା। ପାଟଣା ଓ ସାହାରପଡ଼ା ବ୍ଲକ୍‌ରେ କଲମି କାଜୁ ଚାରାରୋପଣ କରି ବାଡ଼ ବୁଜିବା ଓ ପାଣି ବ୍ୟବସ୍ଥା ନ କରିବାରୁ ସବୁ ଗଛ ମରିଯାଇଥିବା ଜଣାପଡ଼ିଛି। ରକ୍ଷଣାବେକ୍ଷଣ ଅଭାବ ଓ ଅଧିକାରୀଙ୍କ ଉଦାସୀନତା କାରଣରୁ ସରକାରଙ୍କ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପାଣିରେ ପଡ଼ିଛି। ଅଧିକାରୀମାନେ କାଜୁଚାରା ବାହାନାରେ ହରିଲୁଟ୍ କରିଥିବା ଅଭିଯୋଗ କରି ଭାଜପା ବରିଷ୍ଠ ନେତା ତଥା ଏମ୍‌ପିଙ୍କ ଜିଲା ଉଦ୍ୟାନ କୃଷି ପ୍ରିତିନିଧି ଶିବାଜୀ ଗୌତମ ମହାନ୍ତ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏଥିସହ ଏକ ଭାଜପା ଟିମ୍ ତୃଣମୂଳସ୍ତରରେ ଯାଇ ପରିଦର୍ଶନ କରିଛନ୍ତି।

ସୂଚନାଯୋଗ୍ୟ, ପାଟଣା ବ୍ଲକ୍‌ର ଦାଶରଥିପୁର୍, ବାଉଁଶୁଳି, ତେନ୍ତୁଲିଖୁଣ୍ଟି, ବେଲାପଶି(୧), ବେଲାପଶି (୨), ବଡନୂଆଗାଁ, ଏରେଣ୍ଡଇ, ଖୁଣ୍ଟାପଡ଼ା, କଟାବେଡା, କିଆପଡ଼ା, କୁମୁଲା ବାହାଳି ନୂଆଗାଁ (ରାଜନଗର) କିଆପଡ଼ା, ସିଳିଦାର ୧୪ ହିତାଧିକାରୀଙ୍କ ୯୨ ହେକ୍ଟରରୁ ଉର୍ଦ୍ଧ୍ୱ ଜମି ଓ ସାହାରପଡ଼ା ବ୍ଲକ୍‌ର ଖଡ଼ିବେଡା, କେଣ୍ଡୁଯୋଡା, କେଶଡ଼ିହା, ପୁରୁଣାପାଣି, ଘୋଳକୁଣ୍ଡ, କୁଣ୍ଡଳା ଝାଟିଆଳିସାହି, ଫୁଲ ପାହାଡ଼ି ଆଦି ଗାଁର ୧୦ ହିତାଧିକାରୀଙ୍କ ୬୩ ହେକ୍ଟରର ଜମିରେ ୨୦୨୩-୨୪ ଆର୍ଥିକ ବର୍ଷରେ କେନ୍ଦୁଝର ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ରେ ସ୍ଥାନୀୟ ଲୋକଙ୍କ ଜମିରେ କଲମି କାଜୁ ଚାରାରୋପଣ କରାଯାଇଥିଲା। ମାତ୍ର ସମ୍ପୃକ୍ତ ଜମିରେ ଏବେ ଗୋଟେ ବି କାଜୁ ଗଛ ଦେଖିବାକୁ ମିଳୁନାହିଁ। ପାଟଣା ବ୍ଲକ୍‌ର ୧୪ ହିତାଧିକାରୀଙ୍କ ୯୨ ହେକ୍ଟର ଜମିରେ କଲମି କାଜୁ ଚାରାରୋପଣରେ ୧ କୋଟି ୨୪ ଲକ୍ଷ ୨୯୦ ଟଙ୍କା ଖର୍ଚ୍ଚ ହୋଇଛି। ସେହିଭଳି ସାହାରପଡ଼ା ବ୍ଲକ୍‌ରେ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଚାରାରୋପଣ ହୋଇଥିଲା। ପରବର୍ତ୍ତୀ ସମୟରେ ବାଡ଼, ପାଣି ଓ ସାର ନ ଦେବାରୁ କୌଣସି ଜମିରେ କାଜୁ ଗଛ ନ ଥିବା ଶିବାଜୀ ମହାନ୍ତଙ୍କ ନେତୃତ୍ୱରେ ଯାଇଥିବା ଟିମ୍ ଦେଖିବାକୁ ପାଇଛନ୍ତି। ଟିମ୍‌ରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷା ରିନା ନାୟକ, ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ସୁଦର୍ଶନ ମହାନ୍ତ ପ୍ରମୁଖ ସାମିଲ ହୋଇ ସରକାରୀ ଟଙ୍କା ବାଟ ମାରଣା ଦେଖି କ୍ଷୋଭ ପ୍ରକାଶ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି।

# ସମ୍ବଲପୁର ହେବ ପର୍ଯ୍ୟଟନ ହବ୍: ପ୍ରଭାତୀ

**ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନ ବିକାଶ ପାଇଁ ସରକାର ସଂକଳ୍ପବଦ୍ଧ**

ସମ୍ବଲପୁର,୭।୨(ପ୍ରମୋଦ ବହିଦାର)



ସମ୍ବଲପୁର ରେଳ ଷ୍ଟେଶନରେ ଅତିଥିଙ୍କ ଗହଣରେ ପତାକା ଦେଖାଇ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଟ୍ରେନ୍ ଯାତ୍ରାର ଶୁଭାରମ୍ଭ କରୁଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ରାଜ୍ୟରେ ସମ୍ବଲପୁରକୁ ପର୍ଯ୍ୟଟନର ହବ୍‌ରେ ପରିଣତ କରାଯିବ। ଏହା ସହ ସମଗ୍ର ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟର ଡବଲ ଇଞ୍ଜିନ ସରକାର ସଙ୍କଳ୍ପବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସମ୍ବଲପୁରରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଟ୍ରେନ୍‌ର ଶୁଭାରମ୍ଭ ଅବସରରେ ସେ ଏହା କହିଛନ୍ତି। ସମ୍ବଲପୁରରେ ପର୍ଯ୍ୟଟନର ବିକଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇ କହିଲେ, ରାଜ୍ୟରେ ପୁଞ୍ଜିନିବେଶ ପାଇଁ ସ୍ୱତନ୍ତ୍ର ସହାୟତା ଯୋଜନା ମାଧ୍ୟମରେ ହୀରାକୁଦରେ ପର୍ଯ୍ୟଟନର ବିକାଶ ପାଇଁ ୯୯.୯୦ କୋଟି ଟଙ୍କା ବ୍ୟୟ କରାଯିବା ସହ ଡେବ୍ରିଗଡ଼, ସମ୍ବଲପୁର, ବୁର୍ଲାର ବିକାଶ ତଥା ସମ୍ବଲପୁରରେ ମହାନଦୀ ରିଭର ଫ୍ରଣ୍ଟର ସମନ୍ୱିତ ବିକାଶ କରାଯିବ। ହୀରାକୁଦ ଜଳଭଣ୍ଡାରର ପାରିପାର୍ଶ୍ୱିକ ବିକାଶ ପାଇଁ ଜାନୁଆରୀ ୨୨ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ପର୍ଯ୍ୟଟନ କର୍ମଶାଳା କରି ଏଥିରେ ହୀରାକୁଦର ସାମଗ୍ରିକ ବିକାଶ ସହ ଐତିହାସିକ ରିଭର ଫ୍ରଣ୍ଟ ନିର୍ମାଣର ରୂପରେଖ ନେଇ ଆଲୋଚନା ହୋଇଥଲା। ସେହିପରି ବୁଢ଼ାରଜାରେ ୱାଚ୍ ଟାୱାରକୁ ବିକଶିତ କରିବାକୁ ୫୩ କୋଟି ୫୩ ଲକ୍ଷ ଟଙ୍କାର ବ୍ୟୟ ମଞ୍ଜୁରୀ କରାଯାଇଛି। ସେହିପରି ପଶ୍ଚିମ ଓଡ଼ିଶାର ୨୫ଟି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ଚିହ୍ନଟ କରାଯାଇଛି। ସେଥିମଧ୍ୟରେ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ୍‌ର ଭୀମମଣ୍ଡଳୀ ଓ ଯୁଯୋମୁରା ବ୍ଲକ୍‌ର ଦେବଝରଣ ଜଳପ୍ରପାତ ଅନ୍ତର୍ଭୁକ୍ତ। ବରଗଡ଼ ଧନୁଯାତ୍ରାର ରାଜମହଲ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପୂର୍ବ ଘୋଷଣା ଅନୁସାରେ ୧୨ କୋଟି ଟଙ୍କାର ରାଶି ଯୋଗାଇ ଦିଆଯାଇଛି। ଏହା ବ୍ୟତୀତ ସାତକୋଶିଆ ପାଇଁ ୯୦ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ମିଳିଛି। ଅନୁଗୋଳର ରେଙ୍ଗାଲି ଡ୍ୟାମ୍‌ର ସୌନ୍ଦର୍ଯ୍ୟକରଣ ଆଦି ସହ ବରଗଡ଼, ନୂଆପଡ଼ା ଆଦି ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳର ବିକାଶ କରିବାକୁ ଓଡ଼ିଶାର ଡବଲ ଇଞ୍ଜିନ ସରକାର ସଙ୍କଳ୍ପବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ। ଉପମୁଖ୍ୟମନ୍ତ୍ରୀ ପରିଡ଼ା ସମ୍ବଲପୁର ରେଳ ଷ୍ଟେଶନରେ ପୂର୍ବାହ୍ନ ୧୧ଟା ୪୫ ରେ ସବୁଜ ପତାକା ଦେଖାଇ ତୀର୍ଥଯାତ୍ରୀ ଟ୍ରେନ୍‌ର ଯାତ୍ରା ଶୁଭାରମ୍ଭ କରିଥିଲେ। ରାଜ୍ୟ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ସାଂସଦ ପ୍ରତିନିଧି ନାଉରି ନାଏକ, ପର୍ଯ୍ୟଟନ ସଚିବ ବଲବନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ବିରଳ ମୁଦ୍ରା ସଂଗ୍ରାହକ ବିକାଶ

**ସଂଗ୍ରହ କଲେଣି ଶତାଧିକ ଦେଶର ମୁଦ୍ରା**

ସାବରଙ୍ଗ,୭।୨(କାଳୀପଦ ରାୟ)



ବିକାଶ ଶତପଥୀ

ବିଭିନ୍ନ ଦେଶର ମୁଦ୍ରା ସଂଗ୍ରହ କରିବା ତାଙ୍କର ନିଶା। ବିଦେଶୀମାନଙ୍କ ପାଖରେ ପହଞ୍ଚି ସେମାନଙ୍କଠାରୁ ମୁଦ୍ରା ସଂଗ୍ରହ କରନ୍ତି। ଉଚ୍ଚଶିକ୍ଷା ଲାଭ ପରେ ସରକାରୀ ଚାକିରି ପଛରେ ନ ଗୋଡ଼ାଇ ଏହି କାର୍ଯ୍ୟରେ ନିଜକୁ ସମର୍ପିତ କରି ଦେଇଛନ୍ତି ବିରଳ ମୁଦ୍ରା ସଂଗ୍ରାହକ ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳର ବିକାଶ କୁମାର ଶତପଥୀ (୫୮)। ଏବେ ସୁଦ୍ଧା ସେ ଶତାଧିକ ଦେଶର ବହୁ ବିରଳ ମୁଦ୍ରା ସଂଗ୍ରହ କରିସାରିଛନ୍ତି।

ବିକାଶ କହନ୍ତି, ଛାତ୍ରାବସ୍ଥାରୁ ନୟାଗଡ଼ର ସଂଗ୍ରାହକ ଦାଶରଥି ପଟ୍ଟନାୟକଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ସେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ବାସୁଦେବପୁର ପୌରପାଳିକାର ୧୨ନଂ. ୱାର୍ଡରେ ଏକ ନିଃଶୁଳ୍କ ସଂଗ୍ରହାଳୟ ଓ ପାଠାଗାର ଭେଟି ଦେବା ପାଇଁ ୧୯୯୦ ମସିହାରେ ନିଜସ୍ୱ ପ୍ରଚେଷ୍ଟାରେ ତାଙ୍କ ଜେଜେଙ୍କ ନାମରେ 'ଲୋକନାଥ ପାଠାଗାର ଓ ସଂଗ୍ରହାଳୟ' ପ୍ରତିଷ୍ଠା କରିଥିଲେ। ଯେଉଁ କ୍ଷୁଦ୍ର ଅନୁଷ୍ଠାନ ଏବେ ୩୪ ବର୍ଷରେ ପଦାର୍ପଣ କରିଛି। ଯେତେବେଳେ ବିଦେଶ ଯିବା ଖୁବ୍ କାଠିକର ପାଠ ଥିଲା, ସେତେବେଳେ ସେ ସାଇକେଲ ଧରି ବିଦେଶାରୋହୀମାନଙ୍କ ପାଖରେ ପହଞ୍ଚୁଥିଲେ। ବହୁ କାକୁତିମିନତି ହୋଇ ବିଦେଶୀ ମୁଦ୍ରା ସଂଗ୍ରହ କରି ଆଣନ୍ତି। ଏପରିକି ସ୍ୱାଧୀନତା ପରର ବହୁ ବିରଳ ଓ ଦୁଷ୍ପ୍ରାପ୍ୟ ମୁଦ୍ରା, ନୋଟ୍ ତାଙ୍କ ସଂଗ୍ରହାଳୟରେ ରହିଛି। ଆମେରିକାର ଡଲାରଠାରୁ ଆରମ୍ଭ କରି ୟୁରୋପ, ଭିଏତ୍‌ନାମ, କାନାଡା, ରୁଆଣ୍ଡା, ଦକ୍ଷିଣ କୋରିଆ, ଆଫଗାନିସ୍ଥାନ, ଜାପାନ, ସିଙ୍ଗାପୁର, ନେପାଳ, ମାଲେସିଆ, ସାଉଦି ଆରବ, ପାକିସ୍ତାନ, କାଜାକସ୍ତାନ ଏପରି ୧୦୦ରୁ ଉର୍ଦ୍ଧ୍ୱ ଦେଶର ବହୁ ବିରଳ ମୁଦ୍ରା ତାଙ୍କ ସଂଗ୍ରହାଳୟରେ ଦେଖିବାକୁ ମିଳେ। ଏବେ ସେ ବିଭିନ୍ନ ବିଦ୍ୟାଳୟକୁ ଯାଇ ପିଲାମାନଙ୍କୁ ବିଭିନ୍ନ ଦେଶର ମୁଦ୍ରା ସମ୍ପର୍କରେ ଅବଗତ କରାଇବା ସହ ଆମ ଦେଶରେ ସେହି ମୁଦ୍ରାର କେତେ ମୂଲ୍ୟ ସେ ସମ୍ପର୍କରେ ସଚେତନ କରାଉଛନ୍ତି। ଏଥିସହ ଆମ ଦେଶର କଉଡ଼ିଠାରୁ ଆରମ୍ଭ କରି ଅଣା, ଅଧୁଲି, ୧ ପଇସା, ୨ ପଇସା, ୫ ପଇସା ଏପରି ବହୁ ଅଚଳ ପଇସା ସାଇତି ରଖି ସେ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ଜ୍ଞାନ ବାଣ୍ଟୁଛନ୍ତି। ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟକୁ ଯାଇ ଅର୍ଥ ଖର୍ଚ୍ଚ କରି ସାଧାରଣ ବର୍ଗର ଲୋକେ ବୁଲି ଦେଖିବା ସମ୍ଭବପର ନୁହେଁ ବୋଲି ଏଇ ସଂଗ୍ରହ କାର୍ଯ୍ୟରେ ନିଜକୁ ସମର୍ପିତ କରିଛନ୍ତି ବୋଲି କହନ୍ତି ବିକାଶ। ତାଙ୍କ ସଂଗ୍ରହାଳୟରେ ମୁଦ୍ରା ବ୍ୟତୀତ ବହୁ ବିରଳ ଡାକ ଟିକେଟ, ଦୁର୍ଲ୍ଲଭ ତାଳପତ୍ର ପୋଥି, ସହସ୍ରାଧିକ ପୁସ୍ତକ ତଥା ସଂସ୍କୃତିରୁ ହଜି ଯାଉଥିବା ବହୁ ଦୁର୍ଲ୍ଲଭ ସାମଗ୍ରୀ ରହିଛି। ସ୍ତ୍ରୀ ଓ ଏକମାତ୍ର ପୁଅଙ୍କୁ ନେଇ ତାଙ୍କର ପରିବାର। ଏବେ ସେ 'ମୋବାଇଲ ଛାଡ଼, ବହି ପଢ଼' ଅଭିଯାନରେ ବିଭିନ୍ନ ବିଦ୍ୟାଳୟକୁ ଯାଇ ପିଲାମାନଙ୍କ ମଧ୍ୟରେ ବହି ପଢ଼ାଇବା ଅଭ୍ୟାସ ସୃଷ୍ଟି କରିବା ସହ ଦେଶ ବିଦେଶର ତାଳପତ୍ର ପୋଥି ଓ ବହୁ ପୁରାତନ ଜିନିଷ ଦେଖାଉଛନ୍ତି।

# ଏନ୍‌ବିଡବ୍ଲ୍ୟୁ ଉପରେ ହାଇକୋର୍ଟଙ୍କ ରହିତାଦେଶ

**ମାଲକାନଗିରିର ପୂର୍ବ ଜିଲାପାଳ ମନୀଷ ଅଗ୍ରୱାଲ୍‌ଙ୍କୁ ଆଶ୍ୱସ୍ତି**

କଟକ,୭।୨(କାର୍ତ୍ତିକ ସାହୁ)

ମାଲକାନଗିରିର ପୂର୍ବ ଜିଲାପାଳ ମନୀଷ ଅଗ୍ରୱାଲ୍‌ଙ୍କ ବ୍ୟକ୍ତିଗତ ସହାୟକ (ପି.ଏ.) ଦେବନାରାୟଣ ପଣ୍ଡାଙ୍କ ମୃତ୍ୟୁ ଘଟଣାରେ ନିମ୍ନ ଅଦାଲତଙ୍କ ଜାମିନବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଉପରେ ହାଇକୋର୍ଟ ଶୁକ୍ରବାର ରହିତାଦେଶ ଜାରି କରିଛନ୍ତି। ଏହାଦ୍ୱାରା ଅଗ୍ରୱାଲଙ୍କୁ ଆଶ୍ୱସ୍ତି ମିଳିଛି।

ସୂଚନାନୁସାରେ, ୨୦୧୯ ଡିସେମ୍ବର ୨୭ ତାରିଖରୁ ଦେବନାରାୟଣ ନିଖୋଜ ଥିଲେ। ଘଟଣା ପରଦିନ ମାଲକାନଗିରି ସତୀଗୁଡା ଡ୍ୟାମ୍ ନିକଟରୁ ତାଙ୍କର ମୃତ ଦେହ ମିଳିଥିଲା। ପୋଲିସ ଏହାକୁ ଆତ୍ମହତ୍ୟା ଦର୍ଶାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ତେବେ ମୃତକଙ୍କ ପତ୍ନୀ ବନଜା ପଣ୍ଡା ଏହାକୁ ଖଣ୍ଡନ କରିବା ସହ ଦେବନାରାୟଣଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଥିଲେ। ତତ୍କାଳୀନ ଜିଲାପାଳ ଓ ଅନ୍ୟମାନଙ୍କ ଦୁର୍ନୀତି ସମ୍ପର୍କରେ ସେ ଜାଣିଥିବାରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ବନଜା ଦର୍ଶାଇଥିଲେ। ଏହି ହତ୍ୟା ଘଟଣାରେ ଅଗ୍ରୱାଲ ଓ ଅନ୍ୟମାନେ ସମ୍ପୃକ୍ତ ଅଛନ୍ତି ବୋଲି ଦର୍ଶାଇ ମୃତକଙ୍କ ପତ୍ନୀ ମାଲକାନଗିରି ଏସ୍‌ଡିଜେଏମ୍ କୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ମାଲକାନଗିରି ଏସ୍‌ଡିଜେଏମ୍ ଏହାର ଶୁଣାଣି କରି ଅଗ୍ରୱାଲ୍‌ଙ୍କ ବିରୋଧରେ କଗ୍‌ନିଜାନ୍‌ସ ଆଦେଶ ଦେଇଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ଅଗ୍ରୱାଲ୍ ଓ ଅନ୍ୟ ୩ ଜଣଙ୍କ ବିରୋଧରେ ସ୍ଥାନୀୟ ଥାନାରେ ହତ୍ୟା ମାମଲା ରୁଜୁ ହୋଇଥିଲା। ମାଲକାନଗିରି ଏସ୍‌ଡିଜେଏମ୍ ଅଦାଲତଙ୍କ କଗ୍‌ନିଜାନସ୍ ଆଦେଶକୁ ବିରୋଧ କରି ଅଗ୍ରୱାଲ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ୨୦୨୩ ଜୁନ୍ ୨୨ରେ ମାମଲାର ଶୁଣାଣି କରି ଅଗ୍ରୱାଲ୍‌ଙ୍କ ବିରୋଧରେ ମାଲକାନଗିରି ଏସ୍‌ଡିଜେଏମ୍ ଅଦାଲତଙ୍କ କଗନିଜାନସ୍ ଆଦେଶକୁ ରଦ୍ଦ କରିଥିଲେ। ଜଣଙ୍କୁ ଆତ୍ମହତ୍ୟା ପାଇଁ ବାଧ୍ୟ କରିବା, ଆପରାଧିକ ଷଡ଼ଯନ୍ତ୍ର ଆଦି ପ୍ରସଙ୍ଗରେ ଅଗ୍ରୱାଲ ଓ ଅନ୍ୟ ୩ ଜଣଙ୍କ ବିରୋଧରେ ମାମଲା ଚାଲିବ ବୋଲି ହାଇକୋର୍ଟ କହିଥିଲେ। ହାଇକୋର୍ଟଙ୍କ ଏପରି ଆଦେଶ ବିରୋଧରେ ଅଗ୍ରୱାଲ୍ ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲେ। ହେଲେ ସୁପ୍ରିମ୍‌କୋର୍ଟ ଅଗ୍ରୱାଲ୍‌ଙ୍କ ଆବେଦନର ଶୁଣାଣି କରି ଏହାକୁ ଖାରଜ କରି ଦେଇଥିଲେ। ଇତିମଧ୍ୟରେ ଉପରୋକ୍ତ ଘଟଣାରେ ନିମ୍ନ ଅଦାଲତ ୨୦୨୪ ଡିସେମ୍ବର ୨୦ରେ ଅଗ୍ରୱାଲ୍‌ଙ୍କୁ କୋର୍ଟରେ ହାଜର ହେବାକୁ ଆଦେଶ ଦେଇଥିଲେ। ହେଲେ ସେ ହାଜର ନ ହେବାରୁ ନିମ୍ନ ଅଦାଲତ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ। ସମ୍ଭାବ୍ୟ ଗିରଫଦାରି ଏଡାଇବାକୁ ସେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ଅଗ୍ରୱାଲ୍‌ଙ୍କ ଆବେଦନର ଶୁଣାଣି କରି ତାଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଟିକେଟ କଳାବଜାର...



ଜବତ ଟିକେଟ୍, ଟଙ୍କା ଓ ମୋବାଇଲ

ଦର ୭୦୦ ଟଙ୍କା ଥିବାବେଳେ ଏବେ ଦର ୪ ହଜାର ଟଙ୍କା ରହିଛି। ସେହିପରି ସ୍ପେଶିଆଲ ଏନ୍‌କ୍ଲୋଜର ଟିକେଟ ଦର ୬ ହଜାର ଟଙ୍କା ଥିବାବେଳେ ଏବେ ୧୨ ହଜାର ଟଙ୍କା, ଏସି ବକ୍ସ ଟିକେଟ ଦର ୮ ହଜାର ଟଙ୍କା ଥିବାବେଳେ ଏବେ ୧୬ ହଜାର ଟଙ୍କାରେ ଟିକେଟ ବିକ୍ରି କରାଯାଉଛି। ଏହି ଟିକେଟ୍ ବିକ୍ରିର ମାଧ୍ୟମ ପାଲଟିଛି ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍। ତେବେ ସାଧାରଣ ଲୋକ ଟିକେଟ ପାଇଁ କଳାବଜାରର ସମ୍ମୁଖୀନ ନ ହେବେ ସେଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସାଦା ପୋଷାକରେ ଷ୍ଟାଡିୟମ ନିକଟରେ ପୋଲିସ କର୍ମଚାରୀ ପଇଁତରା ମାରୁଛନ୍ତି।

ଏନେଇ କଟକ ଡିସିପି ଜଗମୋହନ ମୀନା କହିଛନ୍ତି, ଟିକେଟ୍ କଳାବଜାର ଉପରେ ପୋଲିସ ନଜର ରଖିଛି। ଯେପରି ସାଧାରଣ ଲୋକ ଏହି କଳାବଜାର ଶିକାର ନ ହେବେ ସେ ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ସୋସିଆଲ ମିଡିଆରେ ଟିକେଟ୍ କଳାବଜାର କରାଯାଉଥିବା ଘଟଣା ଉପରେ ସାଇବର ଥାନା ପୋଲିସ ନଜର ରଖିଛି। ଏଭଳି କାର୍ଯ୍ୟ କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଖେଳ ସମୟରେ ଯେଉଁମାନେ ବିନା ଟିକେଟ୍‌ରେ ପଡ଼ିଆରେ ପ୍ରବେଶ ପାଇଁ ଉଦ୍ୟମ କରିବେ ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଆମେରିକାରୁ ବିଦାହେବେ...

ବିରୋଧୀ ଦଳଗୁଡ଼ିକ ଏହାକୁ କେନ୍ଦ୍ର ସରକାରଙ୍କ କୂଟନୈତିକ ବିଫଳତା ଦର୍ଶାଇ ଗୁରୁବାର ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ବିବୃତି ଦାବି କରିଥିଲେ। ଏହି ପ୍ରସଙ୍ଗରେ ସଂସଦରେ ମୁଲତବୀ ପ୍ରସ୍ତାବ ଆଣିବା ପାଇଁ ବିରୋଧୀ ଦଳଗୁଡ଼ିକ ନୋଟିସ ଦେଇଥିଲେ। ଆମେରିକାରେ ବେଆଇନ ଭାବେ ବସବାସ କରୁଥିବା ଆପ୍ରବାସୀଙ୍କୁ ପ୍ରତ୍ୟର୍ପଣ କରିବା ନେଇ ୱାଶିଂଟନ୍‌ର ଆଇନଗତ ଅଧିକାର ରହିଛି। କିନ୍ତୁ ସେମାନଙ୍କୁ ଯେପରି ଭାବେ ସ୍ୱଦେଶ ପଠାଯାଉଛି ତାକୁ କଂଗ୍ରେସ ନେତା ଶଶୀ ଥରୁର ବିରୋଧ କରିଛନ୍ତି। ଭାରତୀୟମାନଙ୍କୁ ଫେରାଇ ଆଣିବା ପାଇଁ ଏକ ବେସାମରିକ ବିମାନକୁ ବ୍ୟବହାର କରାଯାଇପାରିଥାଆନ୍ତା ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ କହିଥିଲେ।

ଭାରତୀୟ ନାଗରିକଙ୍କ ପ୍ରତି ଆମେରିକା କର୍ତ୍ତୃପକ୍ଷଙ୍କ ଅମାନବୀୟ ବ୍ୟବହାରକୁ ନେଇ ଶୁକ୍ରବାର ବହିର୍ବ୍ୟାପାର ସଚିବ ଚିନ୍ତାବ୍ୟକ୍ତ କରିଛନ୍ତି। ଭାରତ ସରକାର ଏହି ପ୍ରସଙ୍ଗ ଆମେରିକା କର୍ତ୍ତୃପକ୍ଷଙ୍କ ନିକଟରେ ଉଠାଇବେ ବୋଲି ସେ କହିଛନ୍ତି। ଇମିଗ୍ରେଶନ ଏବଂ କଷ୍ଟମ୍ସ ବିଭାଗର କଟକଣା ସମ୍ପର୍କିତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର୍ ବିଷୟରେ ଆମେରିକା କର୍ତ୍ତୃପକ୍ଷ ଆମକୁ ଜଣାଇଥିଲେ। ଏଭଳି ବ୍ୟବସ୍ଥା ବହୁବର୍ଷ ଧରି ରହିଆସିଥିବା ସେ କହିଛନ୍ତି। ଗୁରୁବାର ରାଜ୍ୟ ସଭାରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ ବହୁବର୍ଷ ଧରି ଏଭଳି ପ୍ରତ୍ୟର୍ପଣ ପ୍ରକ୍ରିୟା ଚାଲିଆସିଛି। ପ୍ରତିବର୍ଷ ଶତାଧିକ ଭାରତୀୟଙ୍କୁ ପ୍ରତ୍ୟର୍ପଣ କରାଯାଉଛି। ୨୦୧୨ରେ ୫୩୦ ଜଣଙ୍କୁ ଏବଂ ୨୦୧୯ରେ ୨,୦୦୦ ଭାରତୀୟଙ୍କୁ ବିଦା କରାଯାଇଥିଲା। ସେମାନଙ୍କ ପ୍ରତି ଆଗକୁ ଯେପରି ଏଭଳି ବ୍ୟବହାର କରା ନ ଯିବ ସେଥିଲାଗି ଆମେ ଆମେରିକା ସହ ଯୋଗସୂତ୍ରରେ ରହିଛୁ ବୋଲି ଜୟଶଙ୍କର କହିଥିଲେ।

## ଓସିଏସ୍ ପ୍ରିଲିମ...

ପରୀକ୍ଷାର ସବିଶେଷ କାର୍ଯ୍ୟସୂଚୀ ଓପିଏସ୍‌ସି ପକ୍ଷରୁ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ଦର୍ଶାଯାଇଛି। ତେଣୁ ଏ ସଂକ୍ରାନ୍ତୀୟ ସୂଚନା ନିମନ୍ତେ ଓସିଏସ୍ ମେନ୍ ଲିଖିତ ପରୀକ୍ଷା ପାଇଁ ଯୋଗ୍ୟତା ହାସଲ କରିଥିବା ପ୍ରାର୍ଥୀମାନେ ନିୟମିତ ଭାବେ ଓପିଏସ୍‌ସି ୱେବ୍‌ସାଇଟ୍ ସହ ଜଡ଼ିତ ରହିବାକୁ ପରାମର୍ଶ ଦିଆଯାଇଛି।

DADLS-95



ଓଡ଼ିଶା ସରକାର

**ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

୮ ଫେବୃଆରୀ, ୨୦୨୫

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାତ୍ର
ମନ୍ତ୍ରୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ, ଓଡ଼ିଶା

ବିଶିଷ୍ଟ ଅତିଥି
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା

ମୁଖ୍ୟ ବକ୍ତା
ଶ୍ରୀଯୁକ୍ତ ରୁଦ୍ର ନାରାୟଣ ପାଣି, ସାଂସଦ, ଢେଙ୍କାନାଳ

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଅଶୋକ ମହାନ୍ତି, ବିଧାୟକ, ପାଲଲହଡ଼ା
ଶ୍ରୀଯୁକ୍ତ ବିଭୂତି ଭୂଷଣ ପ୍ରଧାନ, ବିଧାୟକ, ପର୍ଜଙ୍ଗ
ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ, ଅନୁଗୋଳ
ଶ୍ରୀଯୁକ୍ତ ଅଗସ୍ତି ବେହେରା, ବିଧାୟକ, ଛେଣ୍ଡିପଦା
ଶ୍ରୀଯୁକ୍ତ ଶତ୍ରୁଘ୍ନ ଜେନା, ବିଧାୟକ, କାମାକ୍ଷାନଗର
ଶ୍ରୀମତୀ ସୀମାରାଣୀ ନାୟକ, ବିଧାୟିକା, ହିନ୍ଦୋଳ

ସମ୍ମାନନୀୟ ବକ୍ତା
ଡ. ଧରଣୀଧର ନାଥ
ପ୍ରାକ୍ତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0420/2425

# ଦଳୀୟ ପ୍ରୀତି ଯୋଗୁ ହଟହଟା ହେଲେ ବିଡିଓ



ବିଜେଡି ସମର୍ଥିତ ଲୋକପ୍ରତିନିଧି ଓ କର୍ମୀ ବିଡିଓ ଦେବଦତ୍ତ ଦାଶଙ୍କୁ ଘେରିଛନ୍ତି।

**ଭଣ୍ଡାରିପୋଖରୀ, ୭।୨ (ରାଜେନ୍ଦ୍ର ଶତପଥୀ)**

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକରେ ବୁଧବାର 'ବିକଶିତ ଗାଁ, ବିକଶିତ ଓଡ଼ିଶା' ସରକାରୀ କାର୍ଯ୍ୟକ୍ରମରେ ଦଳୀୟ ପ୍ରୀତି ପାଇଁ ବିଡିଓ ଦେବଦତ୍ତ ଦାଶଙ୍କୁ ହଟହଟା ହେବାକୁ ପଡ଼ିଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ବିଜେଡି ସମର୍ଥିତ ଲୋକପ୍ରତିନିଧିମାନେ ବ୍ଲକ ଅଫିସ୍‌ରେ ଧସେଇ ପଶି ବିଡିଓଙ୍କୁ ଘେରିଛନ୍ତି। ସେମାନେ ବିଡିଓଙ୍କୁ ଜବାବ ମାଗିବା ସହ ତୁରନ୍ତ ଏଠାରୁ ବଦଳି ନ ହେଲେ ଅନଶନ କରାଯିବ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି।

ସୂଚନା ଅନୁଯାୟୀ, ବିଜେଡି ଦଳବଳ ନେଇ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଆଗୁଆ ଖବର ପାଇ ବିଡିଓ ପୋଲିସ ଜଗାଇବା ସହ ପ୍ରବେଶ ଦ୍ୱାରରେ ତାଲା ପକାଇ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳ କେଶରୀ ମହାନ୍ତି, ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ସମିତିସଭ୍ୟ ସନ୍ତୋଷ କୁମାର ନାୟକଙ୍କ ସମେତ ବିଜେଡିର ବହୁ ନେତା ଓ କର୍ମୀ ପହଞ୍ଚି ବିଡିଓଙ୍କ କାର୍ଯ୍ୟାଳୟକୁ ପ୍ରବେଶ କରିଥିଲେ। ସେମାନେ ବିଡିଓଙ୍କୁ ନାନା ପ୍ରଶ୍ନ କରିବା ସହ ତୁରନ୍ତ ଏଠାରୁ ବଦଳି ହୋଇ ଚାଲିଯିବାକୁ ତାଗିଦ୍ କରିଥିଲେ। ସରକାରୀ ଉତ୍ସବ ମଞ୍ଚରେ ଭାଜପାର ଦଳୀୟ ନେତାମାନଙ୍କୁ ବସାଇ ବ୍ଲକ ମହିଳା କର୍ମଚାରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରିବା, ମଞ୍ଚ ଆହ୍ୱାନ ଓ ଶେଷରେ ଧନ୍ୟବାଦ ଅର୍ପଣ ଦାୟିତ୍ୱ ମଧ୍ୟ ଦଳୀୟ ନେତାଙ୍କୁ ଦେଇ ବିଡିଓ ସରକାରୀ କର୍ମଚାରୀ ଆଚରଣ ନିୟମକୁ ଉଲ୍ଲଂଘନ କରିଥିବା ସେମାନେ ଭର୍ତ୍ସନା କରିଥିଲେ। 'ବିଜେଡିକୁ ଗତ ୨ବର୍ଷ ହେଲା ଯେପରି ସହାୟତା କରୁଥିଲେ, ସେହିପରି ଭାଜପାକୁ ସହାୟତା କରୁଛନ୍ତି' ବୋଲି ବିଡିଓ ଦାଶ ରୋକ୍‌ଠୋକ୍ କହିଥିଲେ।

## ବଦଳି ନ ହେଲେ ଅନଶନ କରିବ ବିଜେଡି

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଦାବିପତ୍ର

**ନୂଆପଡ଼ା,୭।୨ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଲଖନା ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ନାଏବ ସରପଞ୍ଚ ଓ ୱାର୍ଡ ସଭ୍ୟାସଭ୍ୟ ଶୁକ୍ରବାର ଉପଜିଲାପାଳ ଯୋଗେନ୍ଦ୍ର ମାଝିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି, ଲଖନା ସରପଞ୍ଚ ଜିତେନ୍ଦ୍ର ଠାକୁର ୱାର୍ଡ ସଭ୍ୟାସଭ୍ୟଙ୍କୁ ଅଣଦେଖା କରି ନିଜ ମନମୁଖି କାର୍ଯ୍ୟ କରିଚାଲିଛନ୍ତି। ତାଙ୍କ ବିରୋଧରେ କିଛି କହିଲେ ଧମକ ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି। ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ସୁଚାରୁରୂପେ ହେଉନାହିଁ। ସରକାରଙ୍କ ବିଭିନ୍ନ ଯୋଜନାରୁ ଅର୍ଥ ମଞ୍ଜୁର ହୋଇ ପଞ୍ଚାୟତକୁ ଆସିଥିଲେ ବି କାର୍ଯ୍ୟ ନ ହୋଇ ପଡିରହିଛି। ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ, ବିଧବା ଭତ୍ତା ନିୟମିତ ପ୍ରଦାନ କରାଯାଉ ନାହିଁ । ଉନ୍ନୟନ କାର୍ଯ୍ୟ ଉପରେ ସମୀକ୍ଷା ପାଇଁ ମାସିକ ବୈଠକ ହେଉ ନାହିଁ। ଏ ନେଇ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ଏକ ବୈଠକ କରି ସମସ୍ତ ପ୍ରସ୍ତାବ ଉପରେ ଆଲୋଚନା କରି ଅନାସ୍ଥା ପ୍ରସ୍ତାବ ପାଇଁ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସରପଞ୍ଚଙ୍କ ମନମୁଖି କାର୍ଯ୍ୟ ଉପରେ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ଉପ ଜିଲାପାଳ ମାଝି ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ନାଏବ ସରପଞ୍ଚ ପଦ୍ମିନୀ ସୁନାନୀ, ୱାର୍ଡ ସଭ୍ୟା ହେମଲତା ଦାସ, ସବିର ହୁସେନ, ଗୋକୁଳ ବରିହା, ଗୁରୁ ପ୍ରସାଦ ବାଗ, ଦୁଲେଶା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମତାମତ ପାଇଁ ସରପଞ୍ଚ ଜିତେନ୍ଦ୍ର ଠାକୁରଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

# ଶଙ୍ଖ ଛାଡ଼ି ପଦ୍ମ ଧରିଲେ ଉଦଳା ବ୍ଲକ ଚେୟାରମ୍ୟାନ



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଉଦଳା ବ୍ଲକ ଚେୟାରମ୍ୟାନ୍ ମଞ୍ଜୁଲତା ବିଶ୍ୱାଳ ଓ ସମର୍ଥକମାନେ।

**ଭୁବନେଶ୍ୱର/ ଉଦଳା (ଅନୁରାଧା ମହାରଣା/ ସନ୍ତୋଷ କୁମାର ବାଛିନୀ)୭।୨**

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ୍ ଚେୟାରମ୍ୟାନ ମଞ୍ଜୁଲତା ବିଶ୍ୱାଳ ଶଙ୍ଖ ଛାଡି ପଦ୍ମ ଧରିଛନ୍ତି। ମଞ୍ଜୁଲତା ବିଧିବଦ୍ଧ ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଭୁବନେଶ୍ୱର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଯୋଗଦେଇଛନ୍ତି। ଏହି ସମୟରେ ଉଦଳା ବିଧାୟକ ଭାସ୍କର ମଢେଇ ମଧ୍ୟ ଉପସ୍ଥିତି ଥିଲେ। ମଞ୍ଜୁଲତାଙ୍କ ସମେତ ତାଙ୍କ ସ୍ୱାମୀ ବିଜେଡି କର୍ମୀ ଶତ୍ରୁଘ୍ନ ବିଶ୍ୱାଳ, ପଞ୍ଚାୟତ ସମିତି ସଦସ୍ୟା ମାଳତି ଟୁଡୁ, ଉଦଳାର ପୂର୍ବତନ ଜିଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ମୁର୍ମୁ, ଡମ୍ବୁରୁଧର ବିଶ୍ୱାଳ, ରୋହିଦାଶ ଟୁଡୁ, ଯୋଗେନ୍ଦ୍ର ଖଡିକା, ଶ୍ରୀଧର ଖଉଡେଇ, ଗୋପୀନାଥ ପ୍ରଧାନ, ଶ୍ରୀକାନ୍ତ ନାଏକ, ରାମ ଚରନ ପାନିଆଲ, ହରିଶ ଚନ୍ଦ୍ର ନାଏକ, ସୁଶାନ୍ତ କୁମାର ବରଶାଲିଆ, ପ୍ରସନ୍ନ ପାନିଆଲିଆ, ଗୋବିନ୍ଦ ରଣସିଆ, ହରେକୃଷ୍ଣ ବିଶ୍ୱାଳ ଓ ବାଥୁଡି ସମାଜର ଶତାଧିକ ଲୋକ ମଧ୍ୟ ଭାଜପାରେ ଯୋଗଦେଇଛନ୍ତି।

ବ୍ଲକ୍ ଚେୟାରମ୍ୟାନ ବିଜେଡି ଛାଡ଼ି ଭାଜପାରେ ମିଶିବା ଉଦଳା ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଦୀର୍ଘ ବର୍ଷ ହେବ ବିଜେଡି ଉଦଳା ବ୍ଲକ୍‌କୁ ନିଜ ଅକ୍ତିଆରରେ ରଖିଥିବା ବେଳେ ଏବେ ଭାଜପା ଅକ୍ତିଆର କରିବା ଆଲୋଚନା ଜୋର ଧରିଛି। ଏ ବାବଦରେ ବ୍ଲକ୍ ଚେୟାରମ୍ୟାନ ମଞ୍ଜୁଲତା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଭାଜପାରେ ସାମିଲ ହୋଇଛନ୍ତି।

---

**यूनियन बैंक ऑफ इंडिया / Union Bank of India** — भारत सरकार का उपक्रम / A Government of India Undertaking

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଗୋସାଣୀନୂଆଗାଁ ଶାଖା

ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା-୭୬୦୦୦୩, ଇ-ମେଲ୍: ubin0801721@unionbankofindia.bank

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

**[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]**

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଗୋସାଣୀନୂଆଗାଁ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଗୋସାଣୀନୂଆଗାଁ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଡିସେଣ୍ଟ ମାର୍ବଲ୍ସ, ସ୍ୱତ୍ୱାଧିକାରୀ: ମହମ୍ମଦ ଖୁର୍ସିଦ,** ପିତା: ୰ ମହମ୍ମଦ ନାସିରୁଦ୍ଦିନ୍, ସା: ଗୋପିନାଥ ନଗର, ସୁନାରୀ ବନ୍ଧ ଷ୍ଟ୍ରିଟ୍, ବିଜିପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା - ୭୬୦୦୦୩ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅମିତ୍ କୁମାର ପାତ୍ର,** ପିତା: ଶ୍ରୀ ହରିକୃଷ୍ଣ ପାତ୍ର, ସା: ଗୋସାଣୀନୂଆଗାଁ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୦୦୦୩ | ତା.୦୪.୦୫.୨୦୨୪ସୁଦ୍ଧା ଟ.୧୨,୪୨,୫୨୬.୯୨ + ସେବାବଦ ସୁଧ | ୦୪.୦୫.୨୦୨୪/ ୦୬.୦୨.୨୦୨୫ | ମହମ୍ମଦ ଖୁର୍ସିଦଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ଖାତା ନଂ.: ୪୩୫/୩୮୫୯, ପ୍ଲଟ୍ ନଂ.: ୧୦୩୨/୭୨୨୬, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ମୌଜା: ରାଳଭ, ରଙ୍ଗେଇଲୁଣ୍ଡା ବ୍ଲକ୍, ତହସିଲ: କନିସି, ଥାନା: ଗୋଳନ୍ଥରା, ଜିଲ୍ଲା: ଗଞ୍ଜାମ, ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶୁଭ୍ରାଂଶୁ ଶେଖର ପାତ୍ରଙ୍କ ଜମି, ପଶ୍ଚିମ: ପ୍ଲଟ୍ ନଂ.: ୧୫୩ ସମ୍ପର୍କିତ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୪୫ ଏବଂ ୧୪୬ ସମ୍ପର୍କିତ ଜମି |

**ସ୍ଥାନ: ଗୋସାଣୀନୂଆଗାଁ, ତାରିଖ: ୦୭.୦୨.୨୦୨୫** — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

---

Government of Jharkhand

## Department of Information Technology and e-Governance

3rd Floor, Jharkhand Mantralaya, Dhurwa, Ranchi-834004

**Corrigendum I**

**Tender reference no. ASA/MPLS/1/2024-UID/001 and P.R. No. 344502.**

| S. No. | Existing Clause | Revised Clause |
|---|---|---|
| 1 | Clause 5.1 Scope of Work - The service Provider shall complete the establishment of MPLS connectivity at the above designated locations within the duration of one (01) month from the date of issue of work order | Clause 5.1 Scope of Work - The service Provider shall complete the establishment of MPLS connectivity at the above designated locations within the duration of Seven (07) weeks from the date of issue of work order. |
| 2 | Clause 6.6 (d) - If there is more than one L1 & L2 bidders having the lowest price offer, the bidder having higher average turnover in the last three financial years (FY 2021-22 ,FY 2022-23, FY 2023- 24) shall be selected | Clause 6.6 (d) - Bidder must submit CA Certificate with UDIN number of last three financial years. |
| 3 | Clause 9.5 Penalty for non-achievement of Service Level Requirements<br>1. >=99.50% Nil<br>2 >=99% to < 99.50% 10%<br>3. >=98% to < 99% 20%<br>4. >=97% to < 98% 40%<br>5. >=96% to < 97% 60%<br>6. >=95% to < 96% 80%<br>7. >=90% to < 95% 100% (No Payment)<br>8. >=80% to < 90% 110%, 100% (No Payment)<br>9. < 80% 125% | Clause 9.5 Penalty for non-achievement of Service Level Requirements<br>1. >=99.50% Nil<br>2 >=99% to < 99.50% 05%<br>3. >=98% to < 99% 10%<br>4. >=97% to < 98% 15%<br>5. >=96% to < 97% 20%<br>6. >=95% to < 96% 25%<br>7. >=90% to < 95% 30%<br>8. >=80% to < 90% 40%,<br>9. < 80% to 50%<br>Total penalty shall be limited to 50% for non-achievement of SLA |
| 4 | Clause 8: Payment Terms: clause 8.2 (c ): In case the penalty amount for a quarter exceeds the payable amount for the quarter, then the balance will be deducted from the Performance Bank Guarantee. | Clause 8.2 (c ) removed.<br>New clause added: 8.2 (h) The Payment will be made after each completion of quarter within 30 days from the date of submission of invoice. |
| 5. | Last date and time for availability of tender document | 14.02. 2025 at 15:00 hrs. |
| 6 | Last date and time for online submission of technical & financial bids | 14.02. 2025 at 18:00 hrs. |
| 7 | Last date and time for submission of hard copies of technical bid documents only. | 17.02.2025 at 15:00 hrs. |
| 8 | Date & Time of opening of Technical Bids | 17.02.2025 at 16:00 hrs. |

The remaining clause, terms & conditions will remain as it is.

Sd/-
PR 345964 Information Technology (24-25)D — Dy. Secretary DoIT & e-Gov.

---

**झारखण्ड सरकार**
**ग्रामीण कार्य विभाग, कार्यपालक अभियंता का कार्यालय, तृतीय तल्ला, नया समाहरणालय भवन, पपरवाटांड़, गिरिडीह, झारखण्ड – 815301**

## ई–अल्पकालीन पुनर्निविदा आमंत्रण सूचना

ई–निविदा सं0 :–**29/R1/2024-25/RWD/EE/GIRIDIH** दिनांक :– **07.02.2025** ग्रामीण कार्य विभाग, कार्य प्रमण्डल, गिरिडीह द्वारा निम्नविवरण के अनुसार e-procurment पद्धति से निविदा आमंत्रित की जाती है।

1.कार्य का नाम :–

| क्र0 सं0 | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रुपया में) अंक में | अक्षर में | कार्य समाप्ति की अवधि | टेंडर कॉल संख्या |
|---|---|---|---|---|---|---|
| 1. | RWD/GIRIDIH/35/2023-24 | पंचायत नागाबाद के नागाबाद चौक से खुटरगुरहो सीमा तक पक्की सड़क निर्माण कार्य। (लं0–6.450 कि0मी0) | 7,73,95,800.00 | सात करोड़ तिहत्तर लाख पंचानवे हजार आठ सौ रू0 मात्र | 15 माह | द्वितीय |

2. वेबसाईट में निविदा प्रकाशन की तिथिः– **11.02.2025**
3. ई–निविदा प्राप्ति की अंतिम तिथि एवं समयः– **19.02.2025** अपराह्न **5.00** बजे तक।
4. निविदा खोलने की तिथि एवं समयः– **21.02.2025** अपराह्न **3.30** बजे।
5. निविदा आमंत्रित करने वाले पदाधिकारी का पदनाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमण्डल, गिरिडीह, तृतीय तल्ला, नया समाहरणालय भवन, पपरवाटांड़, गिरिडीह, झारखण्ड – 815301
6. ई–निविदा प्रकोश्ठ का दूरभाष सं0– 06532–225381

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है। ह0/–

कार्यपालक अभियंता, ग्रामीण कार्य विभाग, कार्य प्रमण्डल, गिरिडीह

PR 346017 (REO)24-25*D

---

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, साहेबगंज**

## अति अल्पकालीन ई-निविदा आमंत्रण सूचना

ई– पुनर्निविदा सूचना संख्या – RDD/SD/SAHIBGANJ /08/5th call/2024-25 Gr1

1. कार्य की विस्तृत विवरणी :

| क्र० सं०/ग्रुप सं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | साहेबगंज जिला के बरहरवा प्रखण्ड अंतर्गत पंचायत हस्तीपाड़ा ग्राम छोटा चांदपुर मोतीउर रहमान के घर के पास के उच्च विद्यालय हस्तीपाड़ा मंजारूल के घर के पास गुमानी नदी पर उच्चस्तरीय पुल निर्माण। | 547.83800 लाख रूपये | 10,96,000/- रूपये | 10,000.00 रूपये | 24 माह |

2. वेबसाइट में निविदा प्रकाशन की तिथि – 11.02.2025
3. ई–निविदा प्राप्ति की तिथि एवं समय– दिनांक 11.02.2025 से दिनांक 22.02.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, साहेबगंज।
5. ई–निविदा खोलने की तिथि एवं समय – 24.02.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, साहेबगंज।
7. ई–निविदा प्रकोष्ठ का दूरभाष सं० – 9431347401 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता, ग्रामीण विकास विशेष प्रमंडल, साहेबगंज

PR 346039 Rural Development (24-25)_D

---

## ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖା**ରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୧.୦୨.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡିକ **ତା.୨୪.୦୨.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର: ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ବଡଖୋଲି ଶାଖା, ସା/ପୋ: ବଡଖୋଲି, ଭାୟା: ଆସ୍କା, ବ୍ରହ୍ମପୁର, ଶାଖା ପ୍ରବନ୍ଧକଙ୍କ ନାମ: ଦିଲ୍ଲିପ କୁମାର ଘଡେଇ, ମୋ.: ୭୯୭୮୬୬୫୨୮୯** | | |
| ୧. | **ଅଲେଖ ଜେନା,** ସା: ସାନଖୋଲି, ପୋ: ବଡଖୋଲି, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୧୬ / **୧୧୬୦୦୬୧୦୦୩୮୪୯୯** | ଟ.୬୭,୧୧୦/- + ସୁଧ ଏବଂ ଦେୟ | ୨୧.୫୦ |
| ୨. | **ଅଲେଖ ଜେନା,** ସା: ସାନଖୋଲି, ପୋ: ବଡଖୋଲି, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୧୬ / **୧୧୬୦୦୬୧୦୦୪୩୪୩୧** | ଟ.୧୨,୨୭୫/- + ସୁଧ ଏବଂ ଦେୟ | ୪.୪୦ |
| ୩. | **ସୁଦେଷ୍ଣା ସ୍ୱାଇଁ,** ସା/ପୋ: ଭେଟନଇ, ଗଞ୍ଜାମ, ପିନ୍ - ୭୬୧୧୧୬ / **୧୧୬୦୦୬୧୦୦୪୦୪୦୯** | ଟ.୩୯,୨୨୮/- + ସୁଧ ଏବଂ ଦେୟ | ୧୩.୮୦ |
| ୪. | **ସୁଦେଷ୍ଣା ସ୍ୱାଇଁ,** ସା/ପୋ: ଭେଟନଇ, ଗଞ୍ଜାମ, ପିନ୍ - ୭୬୧୧୧୬ / **୧୧୬୦୦୬୧୦୦୪୦୨୬୩** | ଟ.୯୩,୫୬୯/- + ସୁଧ ଏବଂ ଦେୟ | ୩୪.୭୦ |
| | **ଫିରିଙ୍ଗିଆ ଶାଖା, ପୋ: ଫିରିଙ୍ଗିଆ, ଜିଲ୍ଲା: କନ୍ଧମାଳ, ଶାଖା ପ୍ରବନ୍ଧକଙ୍କ ନାମ: ପ୍ରିୟବ୍ରତ କର୍ଣ୍ଣ, ମୋ.: ୮୨୮୦୦୮୮୮୧୨** | | |
| ୧. | **ପ୍ରମିଳା କହଁର,** ସା: ଲଦାପଦର, ପୋ: କିଆମୁଣ୍ଡା, ଥାନା: ଫିରିଙ୍ଗିଆ, ଫୁଲବାଣୀ - ୭୬୨୦୧୧ / **୧୦୩୬୦୬୧୦୦୧୮୪୪୬** | ଟ.୬୩,୦୦୦/- + ସୁଧ ଏବଂ ଦେୟ | ୨୯.୩୦ |
| ୨. | **ପ୍ରମିଳା କହଁର,** ସା: ଲଦାପଦର, ପୋ: କିଆମୁଣ୍ଡା, ଥାନା: ଫିରିଙ୍ଗିଆ, ଫୁଲବାଣୀ - ୭୬୨୦୧୧ / **୧୦୩୬୦୬୧୦୦୧୮୧୯୪** | ଟ.୨୬,୬୨୦/- + ସୁଧ ଏବଂ ଦେୟ | ୧୦.୨୦ |
| ୩. | **କୃଷ୍ଣ ଚନ୍ଦ୍ର ଦିଗାଲ,** ସା: ଶ୍ରାଡିମୁଣ୍ଡା, ପୋ: ମୁଶେଳିପଙ୍ଗା, ଗ୍ରା.ପ: ପଲାବିରୁଡି, ଜାଜେସପଙ୍ଗା, ଜିଲ୍ଲା: କନ୍ଧମାଳ, ପିନ୍ - ୭୬୨୦୧୧ / **୧୦୩୬୦୬୧୦୦୧୮୩୨୩** | ଟ.୩୦,୦୦୦/- + ସୁଧ ଏବଂ ଦେୟ | ୧୪.୧ |
| ୪. | **ଇନ୍ଦ୍ରଜିତ୍ କହଁର,** ସା: ଡିଗ୍ରିଗୁଡା, ପୋ: କିଆମୁଣ୍ଡା, ଜିଲ୍ଲା: କନ୍ଧମାଳ, ପିନ୍ - ୭୬୨୦୧୧ / **୧୦୩୬୦୬୧୦୦୧୮୫୭୬** | ଟ.୫୧,୫୮୨/- + ସୁଧ ଏବଂ ଦେୟ | ୩୪ |
| ୫. | **ମମତା ବାନାର୍ଜୀ,** ସା/ପୋ: ଭୃଙ୍ଗିଯୋଡି, ଫିରିଙ୍ଗିଆ, କନ୍ଧମାଳ, ପିନ୍ - ୭୬୨୦୧୧ / **୧୦୩୬୦୬୧୦୦୧୮୪୬୦** | ଟ.୪୩,୦୦୦/- + ସୁଧ ଏବଂ ଦେୟ | ୧୪.୬୮ |
| ୬. | **ତ୍ରିନାଥ ସାହାଣୀ,** ସା: ସରୁକୁଇ, ପୋ: ତେଲପାଲି, ଜିଲ୍ଲା: କନ୍ଧମାଳ, ପିନ୍ - ୭୬୨୦୧୧ / **୧୦୩୬୦୬୧୦୦୧୮୪୨୨** | ଟ.୨୦,୮୪୭/- + ସୁଧ ଏବଂ ଦେୟ | ୧୧.୨୦ |
| ୭. | **ଦୁତିକା ବାଘ,** ସା/ପୋ: ଜାଜେସପଙ୍ଗା, ଜିଲ୍ଲା: କନ୍ଧମାଳ, ପିନ୍ - ୭୬୨୦୧୧ / **୧୦୩୬୦୬୧୦୦୧୯୭୦୨** | ଟ.୨୦,୦୦୦/- + ସୁଧ ଏବଂ ଦେୟ | ୯.୯ |
| ୮. | **ବାଳକୃଷ୍ଣ କହଁର,** ସା/ପୋ: ସାଡିଙ୍ଗିଆ, କନ୍ଧମାଳ - ୭୬୨୦୧୧ / **୧୦୩୬୦୬୧୦୦୧୯୩୫୧** | ଟ.୩୦,୦୦୦/- + ସୁଧ ଏବଂ ଦେୟ | ୧୩.୯ |
| | **ଫୁଲବାଣୀ ଶାଖା, ସା/ପୋ: ଫୁଲବାଣୀ, ଜିଲ୍ଲା: କନ୍ଧମାଳ, ଶାଖା ପ୍ରବନ୍ଧକଙ୍କ ନାମ: ଭବାନୀ ଏସ୍ ମିଶ୍ର, ମୋ.: ୯୪୩୮୨୧୨୦୩୨** | | |
| ୧. | **ଚୁମୁକି କହଁର,** ସା: ଗଣ୍ଡା ଗାଁ, କିଲିସୁଙ୍ଗା, ଜିଲ୍ଲା: କନ୍ଧମାଳ, ପିନ୍ - ୭୬୨୦୧୯ / **୦୮୧୩୦୬୧୦୦୨୨୩୧୩** | ଟ.୨୮,୦୮୮/- + ସୁଧ ଏବଂ ଦେୟ | ୧୧.୩ |
| | **ଶୁକଳ ଶାଖା, ସା: ଆଲିଶା, ପୋ: ଶୁକଳ, ଭାୟା: ସାକ୍ଷୀଗୋପାଳ, ଜିଲ୍ଲା: ପୁରୀ, ଶାଖା ପ୍ରବନ୍ଧକଙ୍କ ନାମ: ସୁଶାନ୍ତ କାନୁନ୍‌ଗୋ, ମୋ.: ୯୧୩୧୨୪୫୫୭୧** | | |
| ୧. | **କୈଳାସ ଚନ୍ଦ୍ର ସାହୁ,** ସା: ଦୋଖଣ୍ଡପୁର, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୧୪ / **୩୦୩୧୦୬୧୦୦୩୩୬୯୨** | ଟ.୬୦,୭୨୪/- + ସୁଧ ଏବଂ ଦେୟ | ୧୮.୯୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

**ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୭.୦୨.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**

---

## ଭାରତୀୟ ରିଜର୍ଭ ବ୍ୟାଙ୍କ

ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001

### ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ନୟାପଲ୍ଲୀସ୍ଥିତ ଅଫିସର କଲୋନିରେ ଥିବା ୫ଟି ଗ୍ରେଡ୍ ବି/ସି ଫ୍ଲାଟ୍‌ର ନବୀକରଣ (ସିଭିଲ୍ କାର୍ଯ୍ୟ) ପାଇଁ ଯୋଗ୍ୟ ସଂସ୍ଥାମାନଙ୍କ ଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ **ଫେବୃଆରୀ ୨୫, ୨୦୨୫ ଅପରାହ୍ନ ୦୨.୦୦ଟା** ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**

## ଭାରତୀୟ ରିଜର୍ଭ ବ୍ୟାଙ୍କ

ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001

### ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ନୟାପଲ୍ଲୀସ୍ଥିତ ଅଫିସର କଲୋନିରେ ଥିବା ୭ଟି ଗ୍ରେଡ୍ ଏ ଫ୍ଲାଟ୍‌ର ନବୀକରଣ (ସିଭିଲ୍ କାର୍ଯ୍ୟ) ପାଇଁ ଯୋଗ୍ୟ ସଂସ୍ଥାମାନଙ୍କ ଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ **ଫେବୃଆରୀ ୨୫, ୨୦୨୫ ଅପରାହ୍ନ ୦୨.୦୦ଟା** ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**

See Career Appointment on every Wednesday & Saturday

## ଯୁବକଙ୍କ ଆତ୍ମହତ୍ୟା

ସୁନାବେଡା,୭।୨(କୃତ୍ତିବାସ ପ୍ରଧାନ)

ସୁନାବେଡା ଏଇଏଫ ଦଶହରା ପଡ଼ିଆ ନିକଟରେ ଥିବା କ୍ୱାର୍ଟର୍ସ ନଂ ୩ ଆର୍ ୬/୧ରେ ଜଣେ ଯୁବକ ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କୈଳାସ ଚନ୍ଦ୍ର ପାତ୍ରଙ୍କ ପୁଅ ତାପସ(୩୦)। ଘର ଲୋକେ କୌଣସି କାମରେ ଲମତାପୁଟ ଯାଇଥିବା ବେଳେ ତାପସ ଘରେ ଏକା ଥିଲେ। ପରିବାର ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଯୁବକ ଜଣକ ଗାମୁଛାରେ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ତାପସଙ୍କୁ ବାରମ୍ବାର ଫୋନ କରିଥିଲେ ମଧ ସେ ଗ୍ରହଣ କରି ନ ଥିଲେ। ଫଳରେ ପରିବାର ଲୋକେ ଘରକୁ ଫେରି ତାପସ ଫ୍ୟାନରେ ଝୁଲୁଥିବା ଦେଖି ସୁନବେଡା ପୋଲିସକୁ ଖବର ଦେଇଥିଲେ। ସୁନାବେଡା ଥାନା ଏସ୍ଆଇ ନିର୍ମଳା ଲିମା ସହକର୍ମୀଙ୍କ ସହ ପହଞ୍ଚି ଝୁଲି ରହିଥିବା ଯୁବକଙ୍କ ମୃତଦେହ ଜବତ କରିବା ସହ ନଂ. ୧/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ବ୍ୟବଚ୍ଛେଦ ନିମନ୍ତେ କୋରାପୁଟ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛନ୍ତି। ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ଉଷାରାଣୀ ବେହେରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ତାପସ ଗତ ୩ ମାସ ହେବ ଚୋଲା ଫାଇନାନ୍ସରେ କାର୍ଯ୍ୟ କରୁଥିଲେ, ସେ ଜଣେ ଇଞ୍ଜିନିୟରିଂ ଛାତ୍ର ।

# ପ୍ରକଳ୍ପସ୍ତରୀୟ କମିଟି ବୈଠକ ତୁରନ୍ତ କରିବାକୁ ନିର୍ଦ୍ଦେଶ

### ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକ

ମାଲକାନଗିରି,୭।୨(ଦୁର୍ଯ୍ୟୋଧନ ପାତ୍ର)


ଷ୍ଟାଡିଂ କମିଟି ବୈଠକରେ ବିଭିନ୍ନ ସମସ୍ୟାମାନେ ଆଲୋଚନା କରୁଛନ୍ତି ।

ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମିଟିରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୂପୁ ଭତ୍ରା,ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ,ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ପ୍ରମୁଖ ଉପସ୍ଥିତ ରହି ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ,ଶ୍ରମ, କର୍ମନିଯୁକ୍ତି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ବିଭିନ୍ନ ନିଗମ ସମେତ ଅନ୍ୟାନ୍ୟ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକର ସମୀକ୍ଷା କରିଥିଲେ । ଅନୁସୂଚିତ ଜାତି ଓ ଜନଜାତି ବିଭାଗରେ ଥିବା ବିଦ୍ୟାଳୟଗୁଡିକରେ ଖାଦ୍ୟର ମାନ ବୃଦ୍ଧି, ପାନୀୟ ଜଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେବା ସହ ସବୁ ଛାତ୍ରୀନିବାସରେ ସିସି କ୍ୟାମେରା ଲଗାଇବାକୁ କମିଟି ନିର୍ଦ୍ଦେଶ ଦେଇଛନ୍ତି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରେ ଅନେକ ବର୍ଷ ହେବ ପ୍ରକଳ୍ପସ୍ତରୀୟ କମିଟି ବୈଠକ କରାଯାଇ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ସଦସ୍ୟମାନଙ୍କୁ ନେଇ ବୈଠକ ଆୟୋଜନ କରିବାକୁ ମଧ ସେ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ଶିକ୍ଷକଙ୍କ ଉପସ୍ଥାନ ବାୟୋମେଟ୍ରିକ୍ ପଦ୍ଧତିରେ ନିଆଯିବାକୁ ବାଧ୍ୟତାମୂଳକ କରାଯିବା ସହ ସୁରକ୍ଷା ଦୃଷ୍ଟିରୁ ଛାତ୍ରୀ ନିବାସ ପାଚେରି ଉଚ୍ଚତା ବୃଦ୍ଧି କରିବା ଉପରେ କମିଟି ଗୁରୁତ୍ୱ ଦେଇଛି।

ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅନୁଯାୟୀ ଖଟ ଯୋଗାଇବା ଓ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ଉପରେ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେବାକୁ କମିଟି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା କରି ଶିକ୍ଷିତ ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବା ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ନିଗମଗୁଡ଼ିକର କାର୍ଯ୍ୟ ଉପରେ ମଧ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧ୍ୟମରେ ବିଡ୍ ୱର୍କ କରୁଥିବା ବଣ୍ଡା ମହିଳା ଏବଂ ସେଥିରେ ନିୟୋଜିତ ଥିବା ୩୦ ମହିଳାଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ନିମନ୍ତେ ଅଧ୍ୟକ୍ଷ ରନ୍ଧାରି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବଣ୍ଡାଘାଟିର ସମସ୍ତ ଗ୍ରାମରେ ନଳକୂପ କିମ୍ବା କୂପ ଖନନ କରି ପାନୀୟ ଜଳ ସୁନିଶ୍ଚିତ କରିବା ପାଇଁ ମଧ ସେ ନିର୍ଦ୍ଦେଶ ଦେଇଛନ୍ତି।

ବିଭାଗଗୁଡିକରେ ଅର୍ଥ ପଡ଼ି ରହିଛି, ଠିକ୍ ସମୟରେ ଖର୍ଚ୍ଚ ହୋଇପାରି ନ ଥିବାରୁ କମିଟି କ୍ଷୋଭ ପ୍ରକାଶ କରି ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମସ୍ତ ଅନୁଦାନ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମଧ୍ୟାହ୍ନରେ କମିଟି ମୁଦୁଲିପଡ଼ା ଗସ୍ତକରି ବଣ୍ଡା ମହିଳାଙ୍କ ବିଡ୍ ୱାର୍କ ଦେଖି ଖୁସି ବ୍ୟକ୍ତ କରିଛନ୍ତି। ସେହିପରି ସୀତାକୁଣ୍ଡର ଭିତ୍ତିଭୂମି ଓ ଉନ୍ନତୀକରଣ କାର୍ଯ୍ୟ କମିଟି ସମୀକ୍ଷା କରିଛନ୍ତି। କମିଟିର ନିର୍ଦ୍ଦେଶକ୍ରମେ ସମସ୍ତ କାର୍ଯ୍ୟ ଯେପରି ଠିକ୍ ସମୟରେ କରାଯାଇପାରିବ ସେଥିପ୍ରତି ସେ ଗୁରୁତ୍ୱ ଦେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବେ ବୋଲି ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ ସୂଚନା ଦେଇଛନ୍ତି । ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର,ଉପଜିଲାପାଳ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ସମସ୍ତ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

## ବୁଟିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମାଲକାନଗିରି, ୭।୨(ଗୌରୀଶଙ୍କର ପଣ୍ଡା)

ମାଲକାନଗିରି ସଦର ମହକୁମା ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ବାର୍ଷିକ ଶୁକ୍ରବାର ଉତ୍ସବ ପାଳିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ତଥା ଭାରପ୍ରାପ୍ତ ପ୍ରକଳ୍ପ ପ୍ରଶାସକ ଦୁର୍ଯ୍ୟୋଧନ ଭୋଇ, ମୁଖ୍ୟବକ୍ତା ଆଇନସେବା ପ୍ରତିପକ୍ଷ ଓକିଲ ଅଶୋକ କୁମାର ପଟ୍ଟନାୟକ, ସଭାପତି ମଣ୍ଡଳ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ଧର, ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଅଧିକାରୀ ଗୌରାଙ୍ଗ ସଜନ ଓ ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ଖଣ୍ଡପାଣି ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ବକ୍ତବ୍ୟରେ ଯେ, ଆଜିର ଛାତ୍ରୀଛାତ୍ର କାଲିର ଭବିଷ୍ୟତ । ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷା ଆଗାମୀ ଦିନରେ କେବଳ ମାଲକାନଗିରି ପାଇଁ ନୁହେଁ, ସାରା ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିବ। ସେହିପରି ଛାତ୍ରୀଛାତ୍ରମାନେ ଯେପରି ଉଚ୍ଚ ଶିକ୍ଷା ଗ୍ରହଣ କରିବେ ସେଥିପାଇଁ ଯେତେ ଆଗ୍ରହ ପ୍ରକାଶ କରିବା ଦରକାର। କ୍ରୀଡାପ୍ରତି ମଧ ଆକୃଷ୍ଟ ହୋଇ ଉତ୍ତମ କ୍ରୀଡା ପ୍ରଦର୍ଶନ କରିବା ଆବଶ୍ୟକ । କ୍ରୀଡା ଦ୍ୱାରା ଛାତ୍ରୀଛାତ୍ରଙ୍କ ଶରୀର ସୁସ୍ଥ ରହିବ ଏଥିସହ କ୍ରୀଡାରେ ଉଚ୍ଚକୋଟିର ପ୍ରଦର୍ଶନ କଲେ ଆଗାମୀ ଭବିଷ୍ୟତରେ ରାଜ୍ୟ ଓ ଦେଶରେ ମଧ୍ୟ ସେ ଅଗ୍ରଣୀ ସ୍ଥାନରେ ରହିବେ ବୋଲି ଅତିଥିମାନେ ମତ ଦେଇଥିଲେ।। ପରେ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି ।

# ଟ୍ରାନ୍ସଫର୍ମରର ଚତୁଃପାର୍ଶ୍ୱ ପାଚେରି ଭାଙ୍ଗିଲେ ଗ୍ରାମବାସୀ

### ପୂର୍ବରୁ ବିଦ୍ୟୁତ୍ ବିଭାଗକୁ କେହି ଜଣାଇନାହାନ୍ତି

କୋରୁକୋଣ୍ଡା,୭।୨(ଶିବଦତ୍ତ ସାହୁ )


ଭଙ୍ଗାଯାଇଥିବା ପାଚେରି ।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ କାମ୍ୱେଡା ପଞ୍ଚାୟତ ଏମ୍ଭି-୨୯ ଗ୍ରାମରେ ଥିବା ଖେଳ ପଡ଼ିଆରେ ପୂର୍ବରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏକ ୧୧ କେଭି ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଥିଲା। ଦୀର୍ଘଦିନ ଧରି ଟ୍ରାନ୍ସଫର୍ମରଟିର ଚତୁଃପାର୍ଶ୍ୱରେ ସୁରକ୍ଷା ପାଚେରି ନ ଥିବାରୁ ଖୋଲା ପଡିଥିଲା। ଜନସାଧାରଣ ଏବଂ ଗୋରୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ବିଭାଗ ପକ୍ଷରୁ ଉକ୍ତ ଟ୍ରାନ୍ସଫର୍ମରର ଚତୁଃପାର୍ଶ୍ୱରେ ଏକ ସ୍ଥାୟୀ ସୁରକ୍ଷା ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ କହିବା ଅନୁଯାୟୀ ଉକ୍ତ ପାଚେରି କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରିବା ସହ ଗୁରୁବାର ରାତିରେ ଉକ୍ତ ଗ୍ରାମର କେତେଜଣ ଲୋକ ଅର୍ଦ୍ଧନିର୍ମିତ ପାଚେରିକୁ ଭାଙ୍ଗି ଦେଇଛନ୍ତି। ଏନେଇ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରିବାରୁ କହିଥିଲେ,ସେହି ସ୍ଥାନରୁ ଥିବା ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଲାଗି ଆଗରୁ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ କୁହାଯାଇଥିଲା। କିନ୍ତୁ ବିଭାଗ ପକ୍ଷରୁ ତାକୁ ସ୍ଥାନାନ୍ତର କରାଯାଇନାହିଁ। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର ସାହୁଙ୍କୁ ପଚାରିବାରୁ ମୁଁ ଏଠିକି ଆସିବାର ପ୍ରାୟ ୨ ବର୍ଷ ହୋଇଯାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଉକ୍ତ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ କୌଣସି ଅଭିଯୋଗ ଆସିନାହିଁ। ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ବିଭାଗ ପକ୍ଷରୁ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରାଯିବା ସହ ଅନୁମତି ମଧ ମଗାଯାଇଥିଲା। ସରପଞ୍ଚଙ୍କ ସହମତି କ୍ରମେ ନିର୍ମାଣ କାର୍ଯ୍ୟ କରାଯାଇଥିଲା। ଘଟଣା ସମ୍ପର୍କରେ ବିଭାଗ ପକ୍ଷରୁ ସ୍ଥାନୀୟ ସରପଞ୍ଚ ରମାକାନ୍ତ ମାଡାକାମୀ, କୋରୁକୋଣ୍ଡା ବିଡିଓ ଅମୂଲ୍ୟ ସାହୁ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରଡ଼ିଙ୍କୁ ଅବଗତ କରାଯାଇଛି ବୋଲି ବିଭାଗୀୟ କନିଷ୍ଠଯନ୍ତ୍ରୀ ସାହୁ କହିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ବିଦ୍ୟୁତ୍ ବିଭାଗ ସହ ଗ୍ରାମବାସୀ କୌଣସି ଆଲୋଚନା ନ କରି ପାଚେରି ଭାଙ୍ଗିଦେବା ଘଟଣାକୁ ସେ ନିନ୍ଦା କରିଛନ୍ତି। ଆଗାମୀ ଦିନରେ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଉକ୍ତ ଘଟଣାର ସ୍ଥାୟୀ ସମାଧାନ କରାଯିବ ବୋଲି ସରପଞ୍ଚ ମାଡ଼କାମୀ କହିଛନ୍ତି।

## ବିଏସ୍ଏନ୍ଏଲ୍ ସେବା ବନ୍ଦ

### ଦୁର୍ଦ୍ଦଶା ଭୋଗୁଛନ୍ତି ଉପଭୋକ୍ତା

କୋରୁକୋଣ୍ଡା, ୭।୨(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା ବାଲିମେଳା ଓ କୋରୁକୋଣ୍ଡା ବ୍ଲକ୍ ଅଞ୍ଚଳରେ ଗୁରୁବାର ସନ୍ଧ୍ୟା ପ୍ରାୟ ୫ ଟାରୁ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରାୟ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅଞ୍ଚଳରେ ବିଏସ୍ଏନ୍ଏଲ୍ ସେବା ବନ୍ଦ ହୋଇଯାଇଛି। ଫଳରେ ଅଞ୍ଚଳରେ ବସବାସ କରୁଥିବା ଅନେକ ହଜାର ଉପଭୋକ୍ତା ମୋବାଇଲ ସେବାରୁ ବଞ୍ଚିତ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବିଏସ୍ଏନ୍ଏଲ ଜେଟିଓ ରାମକ୍ରିଷ୍ଣା ରାଓଙ୍କୁ ପଚାରିବାରୁ ବାଲିମେଳା-ଗୋବିନ୍ଦପାଲ୍ଲୀ ମଝିରେ କୌଣସି କାରଣରୁ କେବୁଲ ଶର୍ଟ ହୋଇଥିବାରୁ ନେଟ୍ୱର୍କ ବନ୍ଦ ରହିଛି। ବିଭାଗ ପକ୍ଷରୁ ଏହାକୁ ତୁରନ୍ତ ମରାମତି କରାଯାଉଛି ବୋଲି କହିଥିଲେ।

# ମସଲା ପ୍ରସ୍ତୁତି ତାଲିମ ଶିବିର

ପଟ୍ଟାଙ୍ଗି,୭।୨(ଶରତ କୁମାର ଧଳ)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ତାଲିମଦାତା ଓ ଚାଷୀମାନେ।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସଦର ମହକୁମା ଶିଶାଗୁଡା ଗ୍ରାମ ନିକଟରେ ଥିବା ଉଚ୍ଚ ପଡନ ଗବେଷଣା କେନ୍ଦ୍ର ପରିସରରେ ଉନ୍ନତ ମସଲା ଚାଷ ଓ ମୂଲ୍ୟଯୁକ୍ତ ଦ୍ରବ୍ୟ ପ୍ରସ୍ତୁତ ନେଇ ଏକ ଦିନିକିଆ ତାଲିମ୍ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଭାରପ୍ରାପ୍ତ ଅଧିକାରୀ ଡ. ପର୍ଶୁରାମ ଶିଆଁଳଙ୍କ ଅଧ୍ୟକ୍ଷତାରେ ସେମିଲିଗୁଡା ବ୍ଲକ୍ ଏଗ୍ରିକଲ୍ଚର୍ ଅଧିକାରୀ ଆର ସୁନିତା, ଅତିରିକ୍ତ ଏଗ୍ରିକଲ୍ଚର୍ ଅଧିକାରୀ ବିଷ୍ଣୁ ପ୍ରସାଦ ବେହେରା, ଆଗ୍ରୋ ମେଟ୍ରୋଲିଜ୍ ବୈଜ୍ଞାନିକ ଆରଆରଟିଏସ୍ ଦିବ୍ୟସିଂ ପ୍ରିୟଦର୍ଶୀ ପ୍ରମୁଖ ଯୋଗ ଦେଇଥିଲେ। ପାପଡାହାଣ୍ଡି, ନନ୍ଦାହାଣ୍ଡି ଓ ନବରଙ୍ଗପୁରର ପ୍ରମୁଖ ୩ ବ୍ଲକ୍ରୁ ଆସିଥିବା ୧୫୦ ଚାଷୀଙ୍କୁ ଉନ୍ନତ ମସଲା ଚାଷ ଓ ମୂଲ୍ୟଯୁକ୍ତ ଦ୍ରବ୍ୟ ସମ୍ପର୍କରେ ତାଲିମଦାତାମାନେ ବୁଝାଇଥିଲେ। ଚାଷ କ୍ଷେତ୍ରରେ ଅଦା, ହଳଦୀ ଓ ଗୋଲମରିଚ ଆଦି ମସଲା ଜାତୀୟ ଫସଲ ମୁଖ୍ୟ ହୋଇଥିବା ବେଳେ ଏହାକୁ ନେଇ ଅନେକ ଚାଷୀ ଲାଭବାନ ହେବା ସହ ରୋଜଗାରକ୍ଷମ ହେଉଥିବା କହିଥିଲେ। ଚାଷୀଙ୍କୁ ସବସିଡ୍ ଆକାରରେ ଋଣ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଥିବା କହିଥିଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲାର ପାପଡାହାଣ୍ଡି ଏଏଚ୍ଓ ତେଜସ୍ୱୀ ନାୟକ, ନନ୍ଦାହାଣ୍ଡି ଏଏଚ୍ଓ କୃଷ୍ଣ ଚନ୍ଦ୍ର ମହାନ୍ତି ଏବଂ ନବରଙ୍ଗପୁର ଏଏଚ୍ଓ ପୃଥ୍ୱୀରାଜ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଯୋଗିନୀ ନିଲମ ଦିଦିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ହେବ ୧୧ଟି କାର୍ଯ୍ୟକ୍ରମ

ନବରଙ୍ଗପୁର,୭।୨(ସଦାଶିବ ପ୍ରହରାଜ)

ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ନବରଙ୍ଗପୁର କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟକାରୀ ପରିଚାଳିକା ବ୍ରହ୍ମକୁମାରୀ ନମିତା ଦିଦି ପୂର୍ବତନ ମୁଖ୍ୟ ପ୍ରଶାସିକା ସ୍ୱର୍ଗତଃ ନୀଲମ ଦିଦିଙ୍କ ଜୀବନୀ ସଂକ୍ରାନ୍ତରେ କହିବା ସହ ସେ କିପରି ଉଚ୍ଚ ଶିଖରରେ ପହଞ୍ଚି ପାରିଥିଲେ ସେ ନେଇ ସୂଚନା ଦେଇଥିଲେ। ନୀଲମ ଦିଦିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ୯ ରୁ ୧୧ ତାରିଖ ପର୍ଯ୍ୟନ୍ତ ୩ ଦିନଧରି ୧୧ ଗୋଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ ମୁଖ୍ୟାଳୟ ମାଉଣ୍ଟଆବୁ ସମେତ ଦେଶର ବିଭିନ୍ନ ସ୍ଥାନରୁ ବହୁ ବରିଷ୍ଠ ପ୍ରତିଷ୍ଠିତ ରାଜଯୋଗୀ ଓ ରାଜଯୋଗିନୀମାନେ ଯୋଗଦେବେ। ଏହି ୩ ଦିନ ମଧ୍ୟରୁ ଅସାନ୍ତା ୯ ତାରିଖରେ ବିଭିନ୍ନ କଲେଜ ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀଙ୍କୁ ନେଇ ନୀଲମ ଦିଦିଙ୍କ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଏକ ଗଣଦୌଡ ବ୍ଲକ କାର୍ଯ୍ୟାଳୟରୁ ଆଶ୍ରମ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ସହ ସେହି ଦିନ ହିଁ ସୁସ୍ଥ ଯୁବ ବର୍ଗ ଓ ସୁସ୍ଥ ଭାରତ ବିଷୟକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହେବ। ବରିଷ୍ଠ ନାଗରିକଙ୍କୁ ନେଇ ସଂଧ୍ୟାରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ। ୧୦ ତାରିଖରେ ଚକ୍ଷୁ ଚିକିତ୍ସା ଶିବିର ଓ ସଂଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହେବ। ୧୧ ତାରିଖରେ ନୀଲମଙ୍କ ନାମରେ ଚାରାରୋପଣ, ରକ୍ତ ଦାନ ଶିବିର, ଅନାଥ ଆଶ୍ରମ ଓ ଦିବ୍ୟାଙ୍ଗମାନଙ୍କୁ ବସ୍ତ୍ର ବଣ୍ଟନ ଏବଂ ମୁଖ୍ୟାଳୟରୁ ଆସିଥିବା ରାଜଯୋଗୀ ଓ ରାଜଯୋଗୀନୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଜ୍ଞାନ ପ୍ରବଚନ ଶିବିର ହେବ। ଏହି ୧୧ ଗୋଟି କାର୍ଯ୍ୟକ୍ରମ ସହର ମଧ୍ୟରେ ଥିବା ମୁଖ୍ୟ ଆଶ୍ରମ ଓ ଆନନ୍ଦୋ ସରୋବର ରିଟ୍ରିଟ କେନ୍ଦ୍ରଠାରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ପ୍ରାୟ ୫୦୦୦ ବ୍ରହ୍ମକୁମାର ଓ ବ୍ରହ୍ମକୁମାରୀ ଉପସ୍ଥିତ ରହିବେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କପିଳେନ୍ଦ୍ର ସାସମଲ, ସର୍ବେଶ୍ୱର ପାତ୍ର, ରାକ୍ଷୀ ଓ ଗୀତା ଭଉଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୋଲାର ପ୍ରକଳ୍ପ ଦିଗହରା, ୩ ନଳକୂପ ଭରସା

### କୁମ୍ଭାରଗୁଡ଼ା ଗ୍ରାମ: ଜଳକଷ୍ଟ ଭୋଗୁଛନ୍ତି ଲୋକେ

କୋରୁକୋଣ୍ଡା, ୭।୨(ଶିବଦତ୍ତ ସାହୁ)

ମାଲକାନଗିରି ଜିଲାର ବିଭିନ୍ନ ଗ୍ରାମରେ ଦେଖା ଦେଇଛି ଜଳ ସଙ୍କଟ। ବସୁଧା ଯୋଜନାରେ ପାନୀୟ ଜଳ ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ୫ ବର୍ଷ ହେବ ଅଚଳ ହୋଇପଡ଼ିଛି ସୌରଚାଳିତ ଜଳ ପ୍ରକଳ୍ପ । ଗାଁରେ ଥିବା ୩ ନଳକୂପ ଉପରେ ଗ୍ରାମବାସୀ ନିର୍ଭର କରୁଛନ୍ତି। ଆବଶ୍ୟକ ଅନୁସାରେ ପାଣି ମିଳୁ ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଦେଖିବାକୁ ମିଳିଛି କୋରୁକୋଣ୍ଡା ବ୍ଲକ୍ ପୋଟ୍ରେଲ ପଞ୍ଚାୟତ କୁମ୍ଭାରଗୁଡ଼ା ଗ୍ରାମରେ। ଏଠାରେ ସୋଲାର ପ୍ରକଳ୍ପ ଯୋଜନା ଦିଗହରା ହୋଇପଡିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ୫ବର୍ଷ ହେବ ଗାଁରେ ଅଚଳ ହୋଇପଡିଛି ସୌରାଚାଳିତ ଜଳ ପ୍ରକଳ୍ପ। ୩ ନଳକୂପ ମଧ୍ୟରୁ ଗୋଟିଏରୁ ଲୌହ ମିଶ୍ରିତ ଜଳ ବାହାରୁଛି, ଯାହା ଆଦୌ ପାନୀୟ ଉପଯୋଗୀ ନୁହେଁ। ଅନ୍ୟ ଦୁଇଟିରୁ ବାହାରୁଥିବା ଜଳକୁ ଲୋକେ ବ୍ୟବହାର କରୁଛନ୍ତି। ଦୀର୍ଘ ବର୍ଷ ଧରି ଜଳ ସଙ୍କଟ ଲାଗି ରହିଥିବାରୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପରିବାରଙ୍କ ସମେତ ଗୋରୁ ଓ ଅନ୍ୟ ଗୃହପାଳିତ ପ୍ରାଣୀ ଜଳ ମୁହାଏ ପାଇଁ ଅସୁବିଧା ଭୋଗୁଛନ୍ତି। ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି, ଷ୍ଟ୍ରିଟ୍ ଲାଇଟ ନାହିଁ । ସଞ୍ଜ ହେଲେ ଲୋକେ ରାସ୍ତାରେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ବହୁବାର ପଞ୍ଚାୟତ, ବ୍ଲକ୍ କର୍ତ୍ତୃପକ୍ଷ, ଜନ ପ୍ରତିନିଧି ଏବଂ ଗ୍ରାମ୍ୟ ଜଳ ପରିମଳ ବିଭାଗ ଅଧକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଗ୍ରାମ ମୁଖିଆ ଗଙ୍ଗାଧର ମାଝୀ, ନରସିଂହ ଗୋଲରୀ, ଭକ୍ତ କୁମ୍ଭାର, ପର୍ଶୁରାମ ଖିଲ ଓ ସନିଆ କୁମ୍ଭାରଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି।


ଅଚଳ ହୋଇପଡିଥିବା ଜଳ ପ୍ରକଳ୍ପ ।

ସୂଚନାଯୋଗ୍ୟ, ଗ୍ରାମବାସୀଙ୍କୁ ବିଶୁଦ୍ଧ ଜଳ ଯୋଗାଣ ପାଇଁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ପ୍ରାୟ ୫/୬ ବର୍ଷ ପୂର୍ବେ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏକ ସୌରଚାଳିତ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଏହା ଆରମ୍ଭରୁ କିଛି ମାସ କାର୍ଯ୍ୟକ୍ଷମ ହେବା ପରେ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଛି। ଏନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀ ରବୀନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ କେଉଁ କାରଣରୁ ପ୍ରକଳ୍ପଟି ଅଚଳ ହୋଇଛି ଉକ୍ତ ଗ୍ରାମକୁ ଯାଇ ଦେଖିବା ପରେ ମରାମତି କରାଯିବ ବୋଲି କହିଥିଲେ।

# ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ ହାସଲ ଲକ୍ଷ୍ୟ

ଚନ୍ଦାହାଣ୍ଡି/ଡାବୁଗାଁ/ତେନ୍ତୁଳିଖୁଣ୍ଟି,୭।୨(ଦିଲୀପ ଦାସ/ ପ୍ରଜ୍ଞାରଞ୍ଜନ ପରିଡ଼ା/ଚିଦାନନ୍ଦ ସାହୁ)

### ବିଭିନ୍ନ ସ୍ଥାନରେ ନିପୁଣ ଓଡ଼ିଶା ମେଳା

ନବରଙ୍ଗପୁର ଜିଲାର ବିଭିନ୍ନ ବ୍ଲକରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଚନ୍ଦାହାଣ୍ଡି ବ୍ଲକ୍ କଲୋନି ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଇଓ ଶୁଭେନ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚନ୍ଦାହାଣ୍ଡି ବ୍ଲକ୍ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଗଙ୍ଗେଶ୍ୱରୀ ପୂଜାରୀ, ସମିତି ସଭ୍ୟ ପୌରଷ ମାଝୀ, ଏବିଇଓ ପ୍ରେମଚାନ୍ଦ ସିଂ ଧ୍ରୁରୁଆ, ବିଜୟାନନ୍ଦ ସୋରି ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପ୍ରଥମରୁ ତୃତୀୟ ଶ୍ରେଣୀ ପଢୁଥିବା ପିଲାଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ହାସଲକରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କହିଥିଲେ। ସାକ୍ଷରତା, ସଂଖ୍ୟା ଜ୍ଞାନ, ସକ୍ରିୟାତ୍ମକ କାର୍ଯ୍ୟ ଓ ମତାମତ ଷ୍ଟଲ ନିର୍ମାଣ କରାଯାଇଥିବା ବେଳେ ଶିକ୍ଷକଙ୍କ ଦ୍ୱାରା ଟିଏଲ୍ଏମ୍ ପ୍ରଦର୍ଶନୀ ସହ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ଶେଷରେ ଶିକ୍ଷା ଅଧିକାର ଆଇନ ଉପରେ ଶପଥପାଠ କରାଯାଇଥିଲା।


ଚନ୍ଦାହାଣ୍ଡିରେ ଅତିଥିମାନେ ଶିକ୍ଷା ଅଧିକାର ଆଇନ ଉପରେ ଶପଥପାଠ କରୁଛନ୍ତି।

ସେହିପରି ଡାବୁଗାଁ ସରକାରୀ ଭୂତପୂର୍ବ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ଶିକ୍ଷା ଅଧିକାରୀ ସୁଭେନ ମଣ୍ଡଳଙ୍କ ଅଧ୍ୟକ୍ଷତାରେଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ବୀଣା ମାଝି, ସମ୍ମାନନୀୟ ଅତିଥି ବ୍ଲକ୍ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋଇ, ଏବିଇଓ ଭଗବାନ ମାଝି, ମୁଖ୍ୟବକ୍ତା ଏବିଇଓ ସନ୍ତୋଷ କୁମାର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ବନଲତା ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ନିପୁଣ ଓଡ଼ିଶା, କାହାଣୀ କହିବା ଓ ଭୂମିକା ନିର୍ବାହ, ଅଭିନବ ଟିଏଲ୍ଏମ୍ ଏବଂ ଅଭ୍ୟାସ ପ୍ରଦର୍ଶନ, ଲାଇଭ କ୍ଲାସ୍ ଓ ସ୍ୱତନ୍ତ୍ର ଆଲୋଚନା ଶିକ୍ଷଣ କେନ୍ଦ୍ର ଭଳି ୫ଟି ଷ୍ଟଲକୁ ଉଦ୍ଘାଟନ କରାଯାଇଥିଲା। ଡାବୁଗାଁ କ୍ଲଷ୍ଟରର ୧୧ଟି ବିଦ୍ୟାଳୟର ଏଫ୍ଏଲ୍ଏନ୍ ଶିକ୍ଷକ, ୧୧୦ ଅଭିଭାବକ, ପ୍ରଥମରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ୧୬୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ ଏଥିରେ ଚଚରାଗୁଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୁପ୍ତପ୍ରସାଦ ନାଗ ମଞ୍ଚ ପରିଚାଳନା କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ଦଣ୍ଡସେନା, ହେମନ୍ତ କୁମାର ପଣ୍ଡା, ଧନଞ୍ଜୟ ବଡ଼ଜେନା, ହେମେନ୍ଦ୍ର ନାଥ ବେହେରା, ଗୀତାଞ୍ଜଳି ବହିଆ ସହଯୋଗ କରିଥିଲେ।

ତେନ୍ତୁଳିଖୁଣ୍ଟି ବ୍ଲକ୍ ପୂଜାରିଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟକ୍ରମରେ ବିଇଓ ରମେଶ ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏବିଇଓ ମୋହନ ମଧୁସୂଦନ ବାଗ, ରଞ୍ଜନ ମହାପାତ୍ର, ଶେଖର ଖୁରା, ଅନାଦି ମାଝୀ, ଟଙ୍କା ନାୟକ, ସମିତି ସଭ୍ୟ ମଧୁସ୍ମିତା ପାଣିଗ୍ରାହୀ, କ୍ଷେତ୍ର ମୋହନ ବିଷୋୟୀ ପ୍ରମୁଖ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚନ କରିଥିଲେ।

इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ,**
ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ଆପେଣ୍ଡିକ୍ସ-୪-ଏ (ରୁଲ୍ ୮(୬) ବ୍ୟବସ୍ଥା ଅନୁଯାୟୀ)

**ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା/ଜାମିନ୍ଦାରଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତା **ଇଣ୍ଡିଆନ୍ ବ୍ୟାଙ୍କ**, ନିମ୍ନଲିଖିତ ଶାଖା ନିକଟରେ ବନ୍ଧକ ରହିଛି । ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍ଦାର ସୁରକ୍ଷିତ ଋଣଦାତା ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖା କୁ ପରିଶୋଧ କରିବାକୁ ଥିବା ବକେୟା ପରିମାଣ ଆଦାୟ ନିମନ୍ତେ ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିକୁ ଭୌତିକ/ଗଠାନାତ୍ମକ (ସାଙ୍କେତିକ) ଦଖଲ ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି । ଇ-ନିଲାମ ମାଧ୍ୟମରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍ଦାରଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ବକେୟା ପରିମାଣ / ସମ୍ପତ୍ତି ଆଇଡି ନଂ. / ସମ୍ପତ୍ତି ଉପରେ ଏନ୍କମ୍ବ୍ରାନ୍ସ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|---|
| ୧. | **ପଟିଆ ଶାଖା** (ମୋ.: ୯୪୩୭୯୬୫୮୪୧) ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ମହାଦେବ ଜେନା, ଜାମିନ୍ଦାର/ ବନ୍ଧକଦାତା: ଶ୍ରୀ ଛବିନ୍ଦ୍ର କୁମାର ଜେନା, ଉଭୟଙ୍କ ପିତା: ଶ୍ରୀ କ୍ଷେତ୍ରବାସୀ ଜେନା, ଠିକଣା: ଡମଣା, ପୋ/ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା । | **ସମ୍ପତ୍ତିର ମାଲିକ: ଶ୍ରୀ ମହାଦେବ ଜେନା** ଏବଂ **ଶ୍ରୀ ଛବିନ୍ଦ୍ର କୁମାର ଜେନା** । ଜମି ଏବଂ ଗୃହ ଯାହା ଗୋଲାସାହି, ଡମଣା, ୟୁନିଟ୍ ନଂ.୪୦, ରେଭିନ୍ୟୁ ଡିଭିଜନ୍: ଭୁବନେଶ୍ୱର, ଏସ୍ଆରଓ: ଭୁବନେଶ୍ୱର, ମୌଜା: ଡମଣା, ପ୍ଲଟ ନଂ.୨୫୧, ଖାତା ନଂ.୮୮, ଏରିଆ: ଏ୦.୦୮୦ ଡିସିମିଲି, (୩୪୮୪ ବର୍ଗଫୁଟ)ରେ ଅବସ୍ଥିତ, ଆରଏସ୍ଡି ନଂ.୧୧୦୮୧୭୧୦୭୭୦, ଏହାର ଚାରିପାର୍ଶ୍ୱରେ: ପୂର୍ବ- ପ୍ଲଟ ନଂ.୨୫୨ ଏବଂ ୨୫୩, ପଶ୍ଚିମ- ପ୍ଲଟ ନଂ.୨୪୭, ୨୪୮ ଏବଂ ୨୫୦, ଉତ୍ତର- ରାସ୍ତା, ଦକ୍ଷିଣ- ରାସ୍ତା । | ତା.୨୧.୦୬.୨୦୨୧ରିଖ ସୁଦ୍ଧା ଟ.୧,୨୪,୭୭,୪୩୯/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBMAHADEVPATIA / ନାହିଁ | ଟ୬୮,୬୯,୦୦୦/- / ଟ୬,୮୬,୯୦୦/- / ଟ.୨୫,୦୦୦/- | ୨୭.୦୨.୨୦୨୫ (ଗୁରୁବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |

ଅନ୍ଲାଇନ୍ ବିଡ୍ରେ ଅଂଶଗ୍ରହଣ କରିବା ନିମନ୍ତେ ବିଡ୍ରମାନଙ୍କୁ ପରାମର୍ଶ ଦିଆଯାଉଛି କି ସେମାନେ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt Ltd. ର ୱେବସାଇଟ୍ **https://baanknet.com / (https://www.ebkray.in)** ପରିଦର୍ଶନ କରନ୍ତୁ । ବୈଷୟିକ ସହଯୋଗ ନିମନ୍ତେ ଦୟାକରି ୮୨୯୧୨୨୦୨୨୦ ରେ ଫୋନ୍ କରନ୍ତୁ । ପଞ୍ଜିକରଣ ସ୍ଥିତି ଏବଂ ଅମାନତ ଜମା ସ୍ଥିତି ନିମନ୍ତେ ଦୟାକରି support.ebkray@psballiance.com କୁ ଇମେଲ୍ କରନ୍ତୁ ।
ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ ଓ ନିଲାମ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି **https://baanknet.com / https://www.ebkray.in** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସହିତ ଜଡିତ ସ୍ପଷ୍ଟିକରଣ ପାଇଁ ଦୟାକରି PSB Alliance Pvt Ltd, ଫୋନ୍ ନଂ.: ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ ।
**https://baanknet.com / https://www.ebkray.in** ୱେବସାଇଟରେ ସମ୍ପତ୍ତି ଖୋଜୁଥିବା ବେଳେ ଉପରୋକ୍ତ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡ୍ରମାନଙ୍କୁ ପରାମର୍ଶ ଦିଆଯାଉଛି ।

**ତାରିଖ-୦୭.୦୨.୨୦୨୫, ସ୍ଥାନ-ଭୁବନେଶ୍ୱର** **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୌରଶକ୍ତି କ୍ଷେତ୍ରରେ ଐତିହାସିକ ମାଇଲଖୁଣ୍ଟ

## ୧୦୦ ଗିଗାୱାଟ୍ ଉତ୍ପାଦନ କ୍ଷମତା ହାସଲକଲା ଭାରତ

ନୂଆଦିଲ୍ଲୀ,୭।୨

ଭାରତ ୧୦୦ ଗିଗାୱାଟ୍ ସୌର ଶକ୍ତି କ୍ଷମତା ଅତିକ୍ରମକରି ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଅକ୍ଷୟ ଶକ୍ତି କ୍ଷେତ୍ରରେ ଭାରତ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ଭାବେ ନିଜର ସ୍ଥିତିକୁ ସୁଦୃଢ଼ କରିଛି, ସ୍ୱଚ୍ଛ ଏବଂ ସବୁଜ ଭବିଷ୍ୟତ ପାଇଁ ଦେଶର ପ୍ରତିବଦ୍ଧତାକୁ ଏହି ଉଲ୍ଲେଖନୀୟ ସଫଳତା ପ୍ରମାଣିତ କରୁଛି। ୨୦୩୦ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୫୦୦ଗିଗାୱାଟ ଅଣ-ଜୀବାଶ୍ମ ଇନ୍ଧନ ଭିତ୍ତିକ ଶକ୍ତି କ୍ଷମତାର ମହତ୍ତ୍ୱାକାଂକ୍ଷୀ



ଲକ୍ଷ୍ୟକୁ ସାକାର କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବାକୁ ଯାଉଛି ବୋଲି କେନ୍ଦ୍ର ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି। ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ମଧ୍ୟରେ ଭାରତର ଶକ୍ତି ଯାତ୍ରା ଐତିହାସିକ ଏବଂ ପ୍ରେରଣାଦାୟକ ରହିଛି। ସୋଲାର ପ୍ୟାନେଲ, ସୋଲାର ପାର୍କ ଓ ଛାତ ଉପରେ ସୌର ପ୍ରକଳ୍ପ ଭଳି ପଦକ୍ଷେପ ଏ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଛି। ଫଳରେ ଆଜି ଭାରତ ୧୦୦ ଗିଗାୱାଟ ସୌରଶକ୍ତି ଉତ୍ପାଦନର ଲକ୍ଷ୍ୟକୁ ସଫଳତାର ସହ ହାସଲ କରିପାରିଛି। ସବୁଜ ଶକ୍ତି କ୍ଷେତ୍ରରେ ଭାରତ କେବଳ ଆତ୍ମନିର୍ଭରଶୀଳ ହେଉ ନାହିଁ ବରଂ ବିଶ୍ୱକୁ ଏକ ନୂଆ ମାର୍ଗ ଦେଖାଉଛି ବୋଲି କେନ୍ଦ୍ରମନ୍ତ୍ରୀ ଜୋଷୀ କହିଛନ୍ତି। ସେହିପରି ଗତ ୧ଦଶନ୍ଧି ମଧ୍ୟରେ ଭାରତର ସୌରଶକ୍ତି କ୍ଷମତା ୩୪୫୦% ବଢ଼ି ଏକ ଅସାଧାରଣ ଅଭିବୃଦ୍ଧି ଘଟିଛି, ଯାହା ୨୦୧୪ରେ ୨.୮୨ ଗିଗାୱାଟ ଥିବାବେଳେ ୨୦୨୫ ସୁଦ୍ଧା ଏହା ୧୦୦ ଗିଗାୱାଟ୍‌କୁ ବୃଦ୍ଧି ପାଇଛି। ୨୦୨୫ ଜାନୁଆରୀ ୩୧ ସୁଦ୍ଧା ଭାରତର ସମୁଦାୟ ସଂସ୍ଥାପିତ ସୌର କ୍ଷମତା ୧୦୦.୩୩ ଗିଗାୱାଟ ରହିଛି, ଯେଉଁଥିରେ ୮୪.୧୦ ଗିଗାୱାଟ୍ କାର୍ଯ୍ୟକାରୀ ହେଉଛି ଏବଂ ଅତିରିକ୍ତ ୪୭.୪୯ ଗିଗାୱାଟ୍ ପ୍ରସ୍ତାବିତ ରହିଛି।

# ଖସିଲା ଶେୟାର ବଜାର

ମୁମ୍ବାଇ,୭।୨

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୯୮ (୧୯୭.୯୭) ପଏଣ୍ଟ କମି ୭୭,୮୬୦(୭୭,୮୬୦.୧୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସଇ)ର ନିଫ୍ଟି-୫୦ରେ ମଧ୍ୟ ୪୩ (୪୩.୪୦) ପଏଣ୍ଟ ହ୍ରାସ ଘଟି ୨୩,୫୬୦ (୨୩,୫୫୯.୯୫) ଅଙ୍କରେ କାରବାର ଶେଷ ହୋଇଥିଲା। ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# କ୍ୟାଚ୍ ସ୍ପାଇସ୍‌ର ନୂଆ ଟିଭିସି

ନୂଆଦିଲ୍ଲୀ,୭।୨

ଧର୍ମପାଲ ସତ୍ୟପାଲ ଗ୍ରୁପ୍ (ଡିଏସ୍ ଗ୍ରୁପ୍)ର ପ୍ରମୁଖ ବ୍ରାଣ୍ଡ କ୍ୟାଚ ସ୍ପାଇସ୍‌ର ନୂତନ ଟେଲିଭିଜନ କମର୍ସିଆଲ(ଟିଭିସି)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାର ଏବଂ ରାଜପାଲ ଯାଦବଙ୍କୁ ନେଇ ବ୍ରାଣ୍ଡ ଦୁଇଟି ନୂଆ ଟିଭି ବିଜ୍ଞାପନ ଉନ୍ମୋଚନ କରିଛି। ସେହିଭଳି ଆକର୍ଷଣୀୟ ଏବଂ ହାସ୍ୟାସ୍ପଦ କାହାଣୀ ମାଧ୍ୟମରେ ବ୍ରାଣ୍ଡର ଏହି ଅଭିଯାନ 'କ୍ୟୁଁକି ଖାନା ସିର୍ଫ ଖାନା ନହିଁ ହୋତା' (ଖାଦ୍ୟ କେବଳ ଖାଦ୍ୟ ନୁହେଁ) ସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଡେଣ୍ଟସୁ ଇଣ୍ଟରନ୍ୟାଶନାଲ ଦ୍ୱାରା ଏହି କ୍ରିଏଟିଭଗୁଡ଼ିକୁ ପରିକଳ୍ପନା କରାଯାଇଥିବାବେଳେ କ୍ରୋମ୍ ପିକ୍‌ଚର୍ସ ଲିମିଟେଡ୍‌ର ହେମନ୍ତ ଭଣ୍ଡାରୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏ ସମ୍ପର୍କରେ ଡିଏସ୍ ଗ୍ରୁପ୍‌ର ବ୍ୟବସାୟ ମୁଖ୍ୟ (ମସଲା ଡିଭିଜନ) ସନ୍ଦୀପ ଘୋଷ କହିଛନ୍ତି, ଅକ୍ଷୟ କୁମାର ଏବଂ ରାଜପାଲ ଯାଦବଙ୍କୁ ନେଇ ଆମେ ବ୍ରାଣ୍ଡର ନୂଆ ଟିଭିସି ଉନ୍ମୋଚନକରି ବେଶ୍ ଉତ୍ସାହିତ ଅଛୁ। ଦୈନନ୍ଦିନ ଭୋଜନକୁ ଉନ୍ନତ କରିବା ଏବଂ ସ୍ମରଣୀୟ ମୁହୂର୍ତ୍ତ ସୃଷ୍ଟି କରିବାରେ କ୍ୟାଚ୍ ମସଲାର ଅନନ୍ୟ ଭୂମିକାକୁ ପ୍ରଦର୍ଶିତକରି ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି।

# ଅବସର ସମୟରେ ଆର୍ଥିକ ସ୍ୱାଧୀନତାକୁ ଗୁରୁତ୍ୱ

ନୂଆଦିଲ୍ଲୀ,୭।୨

ଅବସର ସମୟରେ ଆର୍ଥିକ ସ୍ୱାଧୀନତାକୁ ଗୁରୁତ୍ୱ ଦେବା ସହ ଏକ ଯତ୍ନଶୀଳ ଯୋଜନା ଓ ଶୃଙ୍ଖଳିତ କାର୍ଯ୍ୟକାରିତାର ଆବଶ୍ୟକ ରହିଛି। ଏପରିକି ଏହି ପ୍ରକ୍ରିୟା ଏକ ଦୀର୍ଘାବଧି ଯାତ୍ରା ଏବଂ ଏକାଧିକ ପର୍ଯ୍ୟାୟ ଓ ସ୍ଥିର ନିୟନ୍ତ୍ରଣ ସାମିଲ ରହିଛି। ବର୍ତ୍ତମାନର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ସ୍ପଷ୍ଟ ଲକ୍ଷ୍ୟ ସ୍ଥିର କରିବା ଓ ଏକ ମଜଭୁତ ସଞ୍ଚୟ ଯୋଜନା ପ୍ରସ୍ତୁତ କରିବା ସହିତ ଅବସର ପରବର୍ତ୍ତୀ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥାଏ ବୋଲି ବନ୍ଧନ ଏଏମ୍‌ସିର ସେଲ୍‌ସ ଓ ମାର୍କେଟିଂ ମୁଖ୍ୟ ଗୌରବ ପରିଜା କହିଛନ୍ତି। ସେହିଭଳି ସଞ୍ଚୟ ପାଇଁ ଏକ ସୁପରିଭାଷିତ ଯୋଜନା, କେବଳ ଆର୍ଥିକ ଆବଶ୍ୟକତା ନୁହେଁ ବରଂ ବ୍ୟକ୍ତିଗତ ଇଚ୍ଛା ଉପରେ ଆଧାରିତ ନିଷ୍ପତ୍ତି ନେବାରେ ସକ୍ଷମ କରାଇଥାଏ। ଏପରିକି ପରିକଳ୍ପିତ ଅବସର ପାଣ୍ଠି ମଧ୍ୟ ସ୍ୱାସ୍ଥ୍ୟର ଯତ୍ନ ଓ ଜୀବନଯାପନ ଖର୍ଚ୍ଚ ଭଳି ଅବସର ପରବର୍ତ୍ତୀ ସମୟର ସାଧାରଣ ଖର୍ଚ୍ଚଗୁଡ଼ିକୁ ଧ୍ୟାନରେ ରଖିବା ଉଚିତ ରହିଛି। ଏହି ପ୍ରମୁଖ କାରକଗୁଡ଼ିକୁ ଧ୍ୟାନରେ ରଖିବା ଦ୍ୱାରା ଅବସର ସମୟରେ ଆପଣଙ୍କ ଇଚ୍ଛା ଅନୁରୂପ ଜୀବନ ବଞ୍ଚିବା ନିଶ୍ଚିତ କରିବା ପାଇଁ ଏକ ବାସ୍ତବ ଆର୍ଥିକ ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରିପାରିବ ବୋଲି ସେ କହିଛନ୍ତି। ସେହିପରି ଏଭଳି କରିବା ଦ୍ୱାରା ତାହା ଆପଣଙ୍କୁ ସମୟକାଳୀନ ସମୀକ୍ଷା ଓ ଅପ୍‌ଡେଟିଂ ମାଧ୍ୟମରେ ନିଜର ଅବସର ଯୋଜନାରେ ଧାର୍ଯ୍ୟ କରିଥିବା ଲକ୍ଷ୍ୟଗୁଡ଼ିକ ଦିଗରେ ଟ୍ରାକ୍‌ରେ ରଖିବ।

# ୧୪ରୁ ମହିନ୍ଦ୍ରା ଇଲେକ୍ଟ୍ରିକ୍ ଅରିଜିନ୍ ଏସ୍‌ୟୁଭିର ବୁକିଂ

ନୂଆଦିଲ୍ଲୀ,୭।୨

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ମହିନ୍ଦ୍ରା ଗ୍ରୁପର ଇଲେକ୍ଟ୍ରିକ ଭେଇକିଲ (ଇଭି) ବ୍ରାଣ୍ଡର ବହୁ ପ୍ରତୀକ୍ଷିତ ଏକ୍ସଇଭି ୯ଇ ଏବଂ ବିଇ୬ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଏହାର ସମସ୍ତ ୯ଟି ଭାରିଆଣ୍ଟ ସହିତ ମହିନ୍ଦ୍ରାର ଇଲେକ୍ଟ୍ରିକ୍ ଅରିଜିନ୍ ଏସ୍‌ୟୁଭି ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରିବା ସହ ଭାରତ ପାଇଁ ଗୌରବର ମୁହୂର୍ତ୍ତ ସୃଷ୍ଟି କରିଛି। ସେହିଭଳି ଏହି ବିଶ୍ୱସ୍ତରୀୟ ଏସ୍‌ୟୁଭିକୁ ବିଭିନ୍ନ ଦାମ୍‌ରେ ପାଇବା ପାଇ ଗ୍ରାହକଙ୍କ ପକ୍ଷରୁ ମିଳିଥିବା ପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି ମହିନ୍ଦ୍ରା ପକ୍ଷରୁ ଏକ୍ସଇଭି ୯ଇ ଓ ବିଇ୬ର ସମସ୍ତ ପ୍ୟାକ୍‌ର ବୁକିଂ ୨୦୨୫ ଫେବୃଆରୀ ୧୪ ପୂର୍ବାହ୍ନ ୯ ଘଟିକାରୁ ଆରମ୍ଭ ହେବା ନେଇ ଘୋଷଣା କରାଯାଇଛି।

ସେହିପରି ଏହି ଏସ୍‌ୟୁଭିଗୁଡ଼ିକର ଡେଲିଭରି ୨୦୨୫ ମାର୍ଚ୍ଚରୁ ଅଗଷ୍ଟ ମଧ୍ୟରେ କରାଯିବ। ଏପରିକି ବିଭିନ୍ନ ଭାରିଆଣ୍ଟରେ



ଥିବା ପ୍ୟାକ୍ ୱାନ ବର୍ଗର୍ ବିଇ୬ର ଏକ୍ସ ଶୋ'ରୁମ୍ ମୂଲ୍ୟ ୧୮.୯୦ ଲକ୍ଷ ଟଙ୍କା ଥିବାବେଳେ ଏକ୍ସଇଭି ୯ଇର ଦାମ୍ ୨୧.୯୦ ଲକ୍ଷ ଟଙ୍କା, ପ୍ୟାକ୍ ୱାନ୍‌ରୁ ଅଧିକ ବିଇ ୬ର ଦାମ୍ ୨୦.୫୦ ଲକ୍ଷ ଟଙ୍କା ରହିଛି।

ଅପରପକ୍ଷରେ ପ୍ୟାକ୍ ଟୁ ବିଇ ୬ର ଦାମ୍ ୨୧.୯୦ ଲକ୍ଷ ଟଙ୍କା ଏବଂ ଏକ୍ସଇଭି ୯ଇର ଦାମ୍ ୨୪.୯୦ଲକ୍ଷ ଟଙ୍କା ରହିଥିଲାବେଳେ ପ୍ୟାକ୍ ଥ୍ରି ସିଲେକ୍ଟ ବିଇ୬ର ଦାମ୍ ୨୪.୫୦ ଲକ୍ଷ ଟଙ୍କା ଏବଂ ଏକ୍ସଇଭି ୯ଇର ଦାମ୍ ୨୭.୯୦ଲକ୍ଷ ଟଙ୍କା, ପ୍ୟାକ୍ ଥ୍ରି ବିଇ୬ର ଦାମ୍ ୨୬.୯୦ ଲକ୍ଷ ଟଙ୍କା ଏବଂ ଏକ୍ସଇଭି ୯ଇର ଦାମ୍ ୩୦.୫୦ ଲକ୍ଷ ଟଙ୍କା ରହିଛି।

ଉଲ୍ଲେଖଯୋଗ୍ୟ, ବିଇ ୬ ମଡେଲ୍ ଯଥାକ୍ରମେ ଏଭରେଷ୍ଟ ହ୍ୱାଇଟ୍, ଏଭରେଷ୍ଟ ହ୍ୱାଇଟ୍ ସାଟିନ୍, ଡିପ୍ ଫରେଷ୍ଟ, ଟାଙ୍ଗୋ ରେଡ୍, ଡେଜର୍ଟ ମିଷ୍ଟ, ଡେଜର୍ଟ ମିଷ୍ଟ ସାଟିନ୍, ଫାୟାରଷ୍ଟର୍ମ ଅରେ, ଷ୍ଟିଲ୍‌ଥ ବ୍ଲାକ୍ ରଙ୍ଗରେ ଏବଂ ଏକ୍ସଇଭି ୯ଇ ଯଥାକ୍ରମେ ଏଭରେଷ୍ଟ ହ୍ୱାଇଟ୍, ଡିପ୍ ଫରେଷ୍ଟ, ଟାଙ୍ଗୋ ରେଡ୍, ନେବୁଲା ବ୍ଲୁ, ଡେଜର୍ଟମିଷ୍ଟ, ରୁବି ଭେଲଭେଟ ଓ ଷ୍ଟିଲ୍‌ଥ ବ୍ଲାକ୍ ରଙ୍ଗରେ ଉପଲବ୍ଧ ହେବ।

# ଓଡ଼ିଶାରେ ଜିଓର ଡିଜିଟାଲ କ୍ରାନ୍ତି

ଭୁବନେଶ୍ୱର,୭।୨ (ଅଭୟ ଦାଶ)

ରିଲାଏନ୍ସ ଜିଓର ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ଖୁବ୍ କମ୍ ସମୟ ମଧ୍ୟରେ ଓଡ଼ିଶାର ସମସ୍ତ ଛୋଟ ବଡ ସହର ତଥା ସହର ଉପକଣ୍ଠ ଅଞ୍ଚଳ, ତହସିଲ ଏବଂ ବିସ୍ତୀର୍ଣ୍ଣ ଗ୍ରାମାଞ୍ଚଳରେ ବିଶ୍ୱସ୍ତରୀୟ ଘରୋଇ ମନୋରଞ୍ଜନ (ହୋମ୍ ଏଣ୍ଟରଟେନ୍‌ମେଣ୍ଟ) ଏବଂ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଉପଲବ୍ଧକରି ଡିଜିଟାଲ କ୍ରାନ୍ତିର ପଥକୁ ସୁଗମ କରିଛି। ସାରା ଓଡ଼ିଶାରେ ପ୍ରାୟ ୪ଲକ୍ଷ ଘର ଏବଂ ବ୍ୟବସାୟ ପରିସର ବର୍ତ୍ତମାନ ଜିଓ ଫାଇବର ଏବଂ ଜିଓ ଏୟାର ଫାଇବର ସେବାକୁ ଉପଭୋଗ କରୁଛନ୍ତି। କିଛି ମାସ ପୂର୍ବେ ଆରମ୍ଭ ହୋଇଥିବା ଜିଓ ଏୟାରଫାଇବର ସେବାକୁ ନେଇ ସମଗ୍ର ରାଜ୍ୟରେ ଜବରଦସ୍ତ ଉତ୍ସାହ ଦେଖିବାକୁ ମିଳିଛି। ଏହି ସେବା ବର୍ତ୍ତମାନ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲା, ଛୋଟ ବଡ ସହର ତଥା ତହସିଲ ମୁଖ୍ୟାଳୟ ସହର ସମେତ ହଜାର ହଜାର ଗାଁର ପ୍ରତ୍ୟେକ ଘର ଏବଂ ବ୍ୟବସାୟ ପାଇଁ ଉପଲବ୍ଧ

Jio AIRFIBER

ରହିଛି। ସର୍ବାଧିକ ଲୋକପ୍ରିୟ ରହିଥିବା ଜିଓ ଏୟାରଫାଇବର ସେବା ବାସ୍ତବରେ ଡିଜିଟାଲ ଅନ୍ତର୍ଭୁକ୍ତୀକରଣକୁ ସମ୍ପ୍ରସାରିତ କରିଛି। କାରଣ ଏହା ବିଶେଷକରି ଗ୍ରାମାଞ୍ଚଳ ଏବଂ ସହର ଉପକଣ୍ଠ ଅଞ୍ଚଳରେ ଶେଷ ମାଇଲ୍ ଅପ୍ଟିକାଲ୍-ଫାଇବର ବିସ୍ତାରରେ ରହିଥିବା କଠିନତା ଯୋଗୁ ବ୍ରଡ୍‌ବ୍ୟାଣ୍ଡ ସଂଯୋଗର ଅଭାବଜନିତ ସମସ୍ୟାକୁ ଦୂରକରି ପ୍ରତ୍ୟେକ ଘର ଏବଂ ଛୋଟ ବ୍ୟବସାୟକୁ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଏବଂ ଗୁଣାତ୍ମକ ଗୃହ ମନୋରଞ୍ଜନ ସହ ସଂଯୁକ୍ତ କରିଛି। ଜିଓ ଏୟାରଫାଇବର ୮୦୦ ରୁ ଅଧିକ ଡିଜିଟାଲ ଟିଭି ଚ୍ୟାନେଲ, ୧୩ ରୁ ଅଧିକ ଓଟିଟି ଆପ୍, ସ୍ମାର୍ଟ ହୋମ୍ ସେବା, ନିରବଚ୍ଛିନ୍ନ ୱାଇଫାଇ ଏବଂ ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସହିତ ବିଶ୍ୱସ୍ତରୀୟ ସର୍ବାଧୁନିକ ଗୃହ ମନୋରଞ୍ଜନ ବା ହୋମ ଏଣ୍ଟରଟେନ୍‌ମେଣ୍ଟ ସେବା ପ୍ରଦାନ କରୁଛି।


# Classified Everyday

0674-2580101, 9692975378



### AUTOMOBILE SALE

Kia Sonet 2022 top model Diesel automatic white 24000Km. 6371837547 D-2818



### REAL ESTATE SALE

Outright and Sharing Lands are available for Duplex/ Apartment projects around Bhubaneswar. 8984071303/ 7606870034/ 8599857228/ 7077798353. D-2840

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

**Ready to move 2BHK and 3BHK flat for sale near Anandabana at Kalinga Nagar. Contact: 9437309741.** D-2801

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact- 9438362399.** D-2772

Indivisual Re-Sale Plot sale Sundarpada, Hi-Tech Plaza @ 1400/- Nakhara- 1700/. 9776866520. D-76235

**Contact for House Construction (Simplex/ Duplex/ Apartment) and Interior Design (Modular Kitchen/ TV Unit/ Wardrobe) by experts. 7008550473.** D-2841



### CONSTRUCTION

**Construct your Dream home @ 460/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2630

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### GENERAL SALE

**For immediate sale @ Bhubaneswar. Running PVC & HDPE PIPE Extruders, Chilling plant, Compressor, Grinder, Lathe M/c, LAB M/c, Weighing & Electrical Equipments. Seller developing Real Estate in Industrial Land & so exiting Pipe Industry. All consultancy/ support to buyer for setting new plant will be assured. Contact via mail/Call: mdoffice@pglgroup.in, 7735730222.** D-75591



For Rent/Lease: Commercial space at Palasuni, behind Bhubaneswar Water Works, 6000sqft Godown & 1500sqft Office. Contact: 9437468247/ 9437035347. D-2838

For Rent/Lease: Commercial space at Keshura, Puri Bypass Road, ideal for Office, Bank or Showroom. Ground Floor: 3000sqft, 1st & 2nd Floor: 4800sqft each. Contact: 9437468247/ 9437035347. D-2839

### ACCOMMODATION

Free Accommodation for Senior Citizens, Mentally ill person & Drug addicted Person with all facilities. Contact: 9337160036, 7325991853, 9439928693. D-2819




Herbal full body massage by smart/ expert therapist. 8327740003, 7205178829. D-76413

Positively Health benefited spa by expert female therapist, Bapujinagar. 8018429809. D-76194

Positively Health benefited spa by expert female therapist, Nayapalli. 7846814019. D-76195

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

### LOST

It is hereby notified for public information that I, Shri Manoranjan Behera, son of Mr. Chaitanya Behera, resident of Barapurikia, Daspalla, have lost my Registered Sale Deed under Khata Number 186/212 in the name of Hadibandhu Rout. The document was misplaced somewhere on the way while returning from the Tahasil Office to my residence on 27.01.2025, without my knowledge. If any kind-hearted person finds it, kindly contact me at: Mobile: 9937263851/ 6372775981. D-2843

### AFFIDAVIT

By virtue of affidavit sworn before Executive Magistrate, Athagarh, dtd- 05.02.2025, CF No.- 539, I Kalpana Khatua, W/o- Akshaya Kumar Khatua, Village-Malabiharpur, Post.- Kadalibadi, P.S.- Banki, Dist.- Cuttack (Odisha)-754029 declare that I have changed my name from Kalpana Sahoo to Kalpana Khatua. Henceforth, I shall be known as KALPANA KHATUA for all purposes. Kalpana Khatua. D-75490

By virtue of an affidavit on the Notary dtd 06 Feb 2025, Dil Bhoi, S/o- Daitary Bhoi, At- Khandagar, Mahidharapara, Cuttack, Odisha- 754001, my name changed from Dil Bhoi to Nilu Bhoi for all purposes. D-2834

I, Sagnya Swarupa Mohapatra, D/o- Suresh Kumar Mahapatra, resident of Upasana, Flat No.1, Plot No.- 1757/3346, Biswanath Nagar (BJB Nagar), P.O.- BJB Nagar, P.S.- Laxmisagar, Bhubaneswar, Dist.- Khordha, Odisha, PIN: 751014 declared by this affidavit No.- 4767 dtd 5.02.2025 that now onwards I shall be known as SANGYA SWARUPA MAHAPATRA for all future purposes. D-76415

By virtue of an affidavit sworn before the Executive Magistrate, Bhadrak, I declare that in my Bank Passbook, Aadhaar & Voter ID my name has been mentioned as Rajesh Das. Where as on LIC certificate bearing Policy No.- 583259569, my name is recorded as Harihar Das. Both the above name belongs to one & same person. D-2845

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଵବାସୁଦେବ ଗରାବଡୁ
(୧୯୩୩-୨୦୨୦)
ବଡ଼ଦାଣ୍ଡ ସାହି, ଓଲ୍ଡ ଟାଉନ୍, ପୁରୁଣା ଭୁବନେଶ୍ୱର
ପ୍ରଭୁ ଶ୍ରୀଶ୍ରୀ ଲିଙ୍ଗରାଜ, ମା' ଗୋପାଳୁଣୀଙ୍କ କୃପାରୁ ଯେଉଁଠି ଅଛ ଭଲରେ ଥାଅ ଏବଂ ଆଶୀର୍ବାଦ ପ୍ରଦାନ କରୁଥାଅ।
ଆଶୀର୍ବାଦାକାଂକ୍ଷୀ: ସହଧର୍ମିଣୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୭୬୦୪୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଫେବୃଆରୀ ୮/୨୦୨୫ Bhubaneswar, Saturday, February 8/ 2025

## ସଂକ୍ଷେପରେ

### ଏଲ୍‌ଓସିରେ ଅନୁପ୍ରବେଶ ଉଦ୍ୟମ ପଣ୍ଡ: ୭ ପାକିସ୍ତାନୀ ନିହତ

ଶ୍ରୀନଗର, ୭।୨

ଜମ୍ମୁ-କଶ୍ମୀରର ପୁଞ୍ଛ୍ ଜିଲା କୃଷ୍ଣା ଘାଟି ସେକ୍ଟରସ୍ଥିତ ଲାଇନ୍ ଅଫ କଣ୍ଟ୍ରୋଲ (ଏଲ୍‌ଓସି)ରେ ଅନୁପ୍ରବେଶ ଉଦ୍ୟମ ବେଳେ ୭ ପାକିସ୍ତାନୀ ଭାରତୀୟ ଯବାନଙ୍କ ଗୁଳିରେ ନିହତ ହୋଇଛନ୍ତି। ଏହି ଅନୁପ୍ରବେଶକାରୀଙ୍କ ମଧ୍ୟରେ ପାକିସ୍ତାନର ବର୍ଡର ଆକ୍ସନ ଟିମ୍ (ବିଏଟି)ର ୨ରୁ ୩ ଜଣ ସୈନ୍ୟ ଥିବା ଜଣାପଡ଼ିଛି। ବିଏଟି ସହଯୋଗରେ ପାକିସ୍ତାନୀ ଅନୁପ୍ରବେଶକାରୀ ଭାରତରେ ପ୍ରବେଶ କରି ସୁରକ୍ଷାବାହିନୀଙ୍କ ଉପରକୁ ଆକ୍ରମଣ କରିବା ନେଇ ଯୋଜନା କରିଥିଲେ। ମୃତ ଅନୁପ୍ରବେଶକାରୀଙ୍କ ମଧ୍ୟରେ ଆତଙ୍କବାଦୀ ସଙ୍ଗଠନ 'ଅଲ୍ ବଦର'ର ଆତଙ୍କବାଦୀ ମଧ୍ୟ ରହିଛନ୍ତି। ପ୍ରକାଶ ଯେ, ବିଏଟି ପୂର୍ବରୁ ଅନେକ ଥର ଏଲ୍‌ଓସିରେ ଅନୁପ୍ରବେଶ କରାଇ ଭାରତୀୟ ସେନା ଉପରେ ଆକ୍ରମଣ କରାଇଛି।

### ବିଦେଶ ଜେଲରେ ୧୦,୧୫୨ ଭାରତୀୟ ବନ୍ଦୀ

ନୂଆଦିଲ୍ଲୀ, ୭।୨

ସମ୍ପ୍ରତି ବିଦେଶର ବିଭିନ୍ନ ଜେଲରେ ଦଣ୍ଡ ଭୋଗୁଥିବା ଏବଂ ବିଚାରାଧୀନ ଅବସ୍ଥାରେ ସମୁଦାୟ ୧୦,୧୫୨ ଭାରତୀୟ ବନ୍ଦୀ ରହିଛନ୍ତି। ଶୁକ୍ରବାର ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତରରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ଏହି ତଥ୍ୟ ରଖିଛନ୍ତି। ସାଉଦି ଆରବ, କୁଏଟ୍, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), କାତାର, ନେପାଳ, ପାକିସ୍ତାନ, ଆମେରିକା, ଶ୍ରୀଲଙ୍କା, ସ୍ପେନ୍, ରୁଷିଆ, ଇସ୍ରାଏଲ, ଚାଇନା, ବାଂଲାଦେଶ, ଆର୍ଜେଣ୍ଟିନା ସମେତ ୮୬ ଦେଶର ବିଭିନ୍ନ ଜେଲରେ ଭାରତୀୟ ବନ୍ଦୀ ଅଛନ୍ତି। ସର୍ବାଧିକ ୨,୬୩୩ ଜଣ ସାଉଦି ଆରବରେ ବନ୍ଦୀ ଥିବାବେଳେ ୨,୫୧୮ ଜଣ ୟୁଏଇର ବିଭିନ୍ନ ଜେଲରେ ବନ୍ଦୀ ହୋଇ ରହିଛନ୍ତି। ସେହିପରି ନେପାଳରେ ୧୩୧୭ ଭାରତୀୟ, କାତାରରେ ୬୧୧, ପାକିସ୍ତାନ ଓ ଶ୍ରୀଲଙ୍କାରେ ଯଥାକ୍ରମେ ୨୬୬ ଏବଂ ୯୮ ଜଣ ବନ୍ଦୀ ହୋଇ ରହିଛନ୍ତି।

### ଏନ୍‌ଏଚ୍ ବ୍ୟବହାରକାରୀଙ୍କୁ ଖୁବ୍‌ଶୀଘ୍ର ଆଶ୍ୱସ୍ତି: ଗଡ଼କରୀ

ନୂଆଦିଲ୍ଲୀ,୭।୨

ଜାତୀୟ ରାଜପଥ (ଏନ୍‌ଏଚ୍) ବ୍ୟବହାରକାରୀଙ୍କୁ ଖୁବ୍‌ଶୀଘ୍ର ଆଶ୍ୱସ୍ତି ମିଳିବ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତୀନ ଗଡ଼କରୀ ଶୁକ୍ରବାର କହିଛନ୍ତି। ଏ ନେଇ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ଘୋଷଣା କରିବେ। ଜାତୀୟ ରାଜପଥ ବ୍ୟବହାରକାରୀଙ୍କ ଲାଭ ପାଇଁ ସରକାର ଏକ ସମାନ ଟୋଲ୍ ନୀତି ଆଣିବା ଦିଗରେ କାର୍ଯ୍ୟ କରୁଛନ୍ତି। ଗ୍ଲୋବାଲ ନାଭିଗେଶନ ସାଟେଲାଇଟ୍ ସିଷ୍ଟମ୍ (ଜିଏନ୍‌ଏସ୍‌ଏସ୍) ଆଧାରିତ ଟୋଲ୍ ସଂଗ୍ରହ ବ୍ୟବସ୍ଥା ଜାତୀୟ ରାଜପଥରେ କାର୍ଯ୍ୟକାରୀ ହେବ। ଫଳରେ ଟୋଲ୍ ସଂଗ୍ରହ ପାଇଁ ରାସ୍ତାରେ କୌଣସି ପ୍ରତିବନ୍ଧକ ରଖିବା ଆବଶ୍ୟକ ପଡ଼ିବ ନାହିଁ ଓ ଗାଡ଼ି ଚଳାଚଳ ଅବାଧ ହେବ।

# ମହାରାଷ୍ଟ୍ରରେ ବୟସ୍କଙ୍କଠାରୁ ଭୋଟର ସଂଖ୍ୟା ଅଧିକ

## ଇସି ଜବାବ ନ ଦେଲେ ଅଦାଲତଙ୍କ ଦ୍ୱାରସ୍ଥ ହେବୁ: ରାହୁଲ

ନୂଆଦିଲ୍ଲୀ,୭।୨(ପି.ଟି.)

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ସଂଖ୍ୟାଗତ ଅନିୟମିତତା ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଅଭିଯୋଗ କରିଛନ୍ତି। ରାଜ୍ୟରେ ସାବାଳକ ଓ ସାବାଳିକାଙ୍କ ମୋଟ ସଂଖ୍ୟା ଯେତେ, ତା'ଠାରୁ ଅଧିକ ଭୋଟର ପଞ୍ଜୀକୃତ ହୋଇଥିବା ଲୋକ ସଭାର ବିରୋଧୀ ଦଳ ନେତା ଦାବି କରିଛନ୍ତି।

ଲୋକ ସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ ମଧ୍ୟବର୍ତ୍ତୀ ୫ ମାସ ମଧ୍ୟରେ ବହୁସଂଖ୍ୟାରେ ଭୋଟରଙ୍କୁ ପଞ୍ଜୀକୃତ କରାଯାଇଥିବା ସେ କହିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନ ଏବଂ ଏହା ପରବର୍ତ୍ତୀ ବିଧାନସଭା ନିର୍ବାଚନର ଭୋଟର ତାଲିକାର କେନ୍ଦ୍ରୀୟ ତଥ୍ୟ ପ୍ରଦାନ ନିମନ୍ତେ ମହାରାଷ୍ଟ୍ରର ବିରୋଧୀ ଦଳ କଂଗ୍ରେସ, ଶିବସେନା(ୟୁବିଟି) ଏବଂ ଏନ୍‌ସିପି-ଏସ୍‌ପି ପକ୍ଷରୁ ନିର୍ବାଚନ କମିଶନଙ୍କ ନିକଟରେ ଦାବି ହୋଇଛି। ଯଦି କମିଶନ ଏହି ତଥ୍ୟ ପ୍ରଦାନ ନ କରନ୍ତି, ତେବେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଅଦାଲତଙ୍କ ଦ୍ୱାରସ୍ଥ ହେବୁ ବୋଲି



ଶିବସେନା(ୟୁବିଟି) ଏମ୍‌ପି ସଞ୍ଜୟ ରାଉତ (ବାମ)ଙ୍କ ସହ ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ଏନ୍‌ସିପି-ଏସ୍‌ପି ନେତ୍ରି ସୁପ୍ରିୟା ସୁଲେ।

ରାହୁଲ କହିଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ବହୁସଂଖ୍ୟାରେ ଭୋଟରଙ୍କ ନାଁ କାଟିଦିଆଯାଇଥିଲା କିମ୍ବା ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଦଳିତ, ଆଦିବାସୀ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ବୋଲି ଶିବସେନା(ୟୁବିଟି) ନେତା ସଞ୍ଜୟ ରାଉତ ଏବଂ ଏନ୍‌ସିପି(ଏସ୍‌ପି)ର ସୁପ୍ରିୟା ସୁଲେଙ୍କ ସହ ଏକ ମିଳିତ ଖବରଦାତା ସମ୍ମିଳନୀରେ ରାହୁଲ ଅଭିଯୋଗ ଆଣିଛନ୍ତି। ଯେତିକି ଭୋଟରଙ୍କ ନାଁ ସଂଯୋଗ ହୋଇଛି, ତା'ଠୁ ବହୁ ଅଧିକଙ୍କ ନାଁ କଟାଯାଇଥିବା ରାଜ୍ୟର ବିରୋଧୀ ଦଳଗୁଡ଼ିକ ସନ୍ଦେହ କରୁଛନ୍ତି। ଫଳରେ ନିର୍ବାଚନ କମିଶନଙ୍କ କାର୍ଯ୍ୟକୁ ନେଇ ଅନେକ ପ୍ରଶ୍ନ ଉଠିଛି। ୨୦୧୦ ବିଧାନସଭା ନିର୍ବାଚନ ଏବଂ ୨୦୨୪ ଲୋକ ସଭା ନିର୍ବାଚନ ମଧ୍ୟବର୍ତ୍ତୀ ୫ ବର୍ଷ ମଧ୍ୟରେ ମହାରାଷ୍ଟ୍ରର ଭୋଟର ତାଲିକାରେ ୩୨ ଲକ୍ଷ ଭୋଟରଙ୍କୁ ସାମିଲ କରାଯାଇଛି। ତେବେ ୨୦୨୪ ଲୋକ ସଭା ନିର୍ବାଚନ ଏବଂ ବିଧାନସଭା ନିର୍ବାଚନ ମଧ୍ୟବର୍ତ୍ତୀ ମାତ୍ର ୫ ମାସ ମଧ୍ୟରେ ୩୯ ଲକ୍ଷ ଭୋଟର ପଞ୍ଜୀକୃତ ହୋଇଛନ୍ତି। ଲୋକ ସଭା ନିର୍ବାଚନ ପରେ କାହିଁକି ଏତେ ସଂଖ୍ୟାରେ ଭୋଟର ସାମିଲ ହେଲେ? ସେହି ୩୯ ଲକ୍ଷ ଭୋଟର, ଯେଉଁମାନେ ହିମାଚଳପ୍ରଦେଶର ମୋଟର ଭୋଟର ସଂଖ୍ୟା ସହ ସମାନ, ସେମାନେ ପ୍ରକୃତରେ କିଏ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି।

ମହାରାଷ୍ଟ୍ରରେ ମୋଟ ବୟସ୍କ (ଭୋଟ ଦେବା ପାଇଁ ଯୋଗ୍ୟ ବୟସର ଲୋକ) ଜନସଂଖ୍ୟା ୯.୫୪ କୋଟି ହୋଇଥିବାବେଳେ ବିଧାନସଭା ନିର୍ବାଚନରେ ମୋଟ ଭୋଟର ସଂଖ୍ୟା ୯.୭ କୋଟି। ଏହା କିପରି ସମ୍ଭବ ହେଲା ବୋଲି ରାହୁଲ ଜାଣିବାକୁ ଚାହିଁଛନ୍ତି। ଅତିରିକ୍ତ ଭୋଟର ସୃଷ୍ଟି ହେଲେ କିପରି ବୋଲି ବିରୋଧୀ ଦଳ ନେତା ପ୍ରଶ୍ନ କରିଛନ୍ତି। ବିଧାନସଭାରେ ବିରୋଧୀ ଦଳଗୁଡ଼ିକର ଭୋଟ ଭାଗ ସମାନ ରହିଥିବାବେଳେ ନୂଆ ସଂଯୋଗ ହୋଇଥିବା ଭୋଟରଙ୍କ ମଧ୍ୟରୁ ଅଧିକାଂଶ ଭୋଟ ଭାଜପା ସପକ୍ଷରେ ଯାଇଥିଲା। କାମ୍ଥି ନିର୍ବାଚନ ମଣ୍ଡଳୀରେ ଭାଜପାର ବିଜୟ ବ୍ୟବଧାନ ନୂଆ ଭୋଟରଙ୍କ ସଂଖ୍ୟା ସହ ପାଖାପାଖି ସମାନ। ଇସିଙ୍କୁ ଏସବୁ ପ୍ରଶ୍ନର ଉତ୍ତର ଦେବାକୁ ହେବ। କମିଶନ ବିରୋଧୀ ଦଳଗୁଡ଼ିକର ଅନୁରୋଧକୁ ଗ୍ରହଣ କରି ସମ୍ପୂର୍ଣ୍ଣ ଭୋଟର ତାଲିକାର ତଥ୍ୟ ଦିଅନ୍ତୁ ବୋଲି କଂଗ୍ରେସ ନେତା ଦାବି କରିଛନ୍ତି। ନଚେତ୍ ବିରୋଧୀ ଦଳଗୁଡ଼ିକ ଆଇନର ଆଶ୍ରୟ ନେବେ ବୋଲି ରାହୁଲ କହିଛନ୍ତି।

### ଭିଜା ପାଇଁ ଭାରତୀୟ କନ୍‌ସୁଲେଟ୍‌ରେ ହଙ୍ଗାମା

ନ୍ୟୁୟର୍କ,୭।୨(ପି.ଟି.)

ଆମେରିକାର ୱାଶିଂଟନ ରାଜ୍ୟ ଅନ୍ତର୍ଗତ ସିଟଲ୍ ସହରରେ ଥିବା ଭାରତୀୟ ବାଣିଜ୍ୟିକ ଦୂତାବାସରେ ଗୁରୁବାର କେତେଜଣ ଜବରଦସ୍ତ ପ୍ରବେଶ କରି ହଙ୍ଗାମା କରିବାରୁ ଆଇନ ଶୃଙ୍ଖଳା ସ୍ଥିତି ଉପୁଜିଥିଲା। ବେଆଇନ ପ୍ରବେଶ କରିଥିବା ଲୋକଙ୍କ ମଧ୍ୟରେ ସିଟଲ୍ ସିଟି ପୂର୍ବତନ କାଉନ୍‌ସିଲ ସଦସ୍ୟ କ୍ଷମା ସାୱନ୍ତ ଅଛନ୍ତି। ଭାରତ ଯିବା ଲାଗି ତାଙ୍କୁ ଭିଜା ମିଳି ନ ଥିଲା। ଏହାକୁ ନେଇ ସେମାନେ କନ୍‌ସୁଲେଟ୍‌ରେ ହୋହଲ୍ଲା କରିବା ସହ କନ୍‌ସୁଲେଟ୍ କର୍ମଚାରୀଙ୍କ ପ୍ରତି ଆକ୍ରମଣାତ୍ମକ ମନୋଭାବ ଦେଖାଇଥିଲେ। ଆଇନଶୃଙ୍ଖଳା ସ୍ଥିତି ଉପୁଜିବାରୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଡକାଯାଇଥିଲା। ସାୱନ୍ତ ଏକ୍ସ'ରେ ଲେଖିଛନ୍ତି, ତାଙ୍କ ସୋସିଆଲିଷ୍ଟ ସିଟି କାଉନ୍‌ସିଲ୍ ଅଫିସ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୁସଲମାନ ବିରୋଧୀସିଏଏ-ଏନ୍‌ଆର୍‌ସି ନାଗରିକତ୍ୱ ଆଇନକୁ ନିନ୍ଦା କରି ଏକ ସଂକଳ୍ପ ଗୃହୀତ କରାଇଥିଲା। ସେଥିପାଇଁ ମୋଦି ସରକାର ତାଙ୍କ ନାଁକୁ ରିଜେକ୍ଟ ଲିଷ୍ଟରେ ରଖିଥିବା ସାୱନ୍ତ କହିଛନ୍ତି।



(ବାମରୁ) ଉଦ୍ୟୋଗପତି ଗୌତମ ଆଦାନୀ, ତାଙ୍କ ବୋହୂ ଦିବ୍ୟା ଶାହା, ପୁଅ ଜିତ୍ ଆଦାନୀ ଓ ସ୍ତ୍ରୀ ପ୍ରୀତି ଆଦାନୀ।

### ବିବାହ କଲେ ଆଦାନୀଙ୍କ ପୁଅ

ଅହମଦାବାଦ ୭।୨

ଭାରତର ଜଣାଶୁଣା ଉଦ୍ୟୋଗପତି ଗୌତମ ଆଦାନୀଙ୍କ ସାନ ପୁଅ ଜିତ ଆଦାନୀଙ୍କ ଦିବ୍ୟା ଶାହାଙ୍କ ସହ ଶୁକ୍ରବାର ବିବାହ ସମ୍ପନ୍ନ ହୋଇଛି। ଗୁଜରାଟର ଅହମଦାବାଦରେ ପାରମ୍ପରିକ ରୀତିନୀତି ସହ ଏହି ବିବାହ ଅନୁଷ୍ଠିତ ହୋଇଯାଇଛି। ଆଦାନୀ ତାଙ୍କର ଏକ୍ସ' ଆକାଉଣ୍ଟରେ ଜିତ୍‌ଙ୍କ ବିବାହର କିଛି ଫଟୋ ଶେୟାର କରିଛନ୍ତି। ଏହି ଫଟୋରେ ଆଦାନୀ, ତାଙ୍କ ସ୍ତ୍ରୀ ପ୍ରୀତି ଆଦାନୀଙ୍କ ସହ ପୁଅ ଜିତ୍ ଓ ବୋହୂ ଦିବ୍ୟା ନଜରକୁ ଆସିଛନ୍ତି। ଆଦାନୀ ନିଜ ପୋଷ୍ଟରେ ଲେଖିଛନ୍ତି, ଅହମଦାବାଦରେ କେବଳ ପରିବାର ଲୋକ ଓ ସମ୍ପର୍କୀୟଙ୍କୁ ନେଇ ଏକ ଛୋଟ ବ୍ୟକ୍ତିଗତ ସମାରୋହରେ ଜିତଙ୍କ ବିବାହ ସମ୍ପନ୍ନ ହୋଇଛି।

### ମହାକୁମ୍ଭରେ ପୁଣି ନିଆଁ: ବହୁ ତମ୍ବୁ ଜଳିଗଲା

ମହାକୁମ୍ଭ ନଗର,୭।୨(ପି.ଟି.)

ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ବାରମ୍ବାର ଅଗ୍ନିକାଣ୍ଡ ଘଟିଚାଲିଛି। ଏଥିରେ କେହି ମୃତାହତ ହୋଇ ନ ଥିଲେ ମଧ୍ୟ ବହୁ ଶିବିର ଜଳିଗଲାଣି, ଯାହା ପ୍ରଶାସନର ଚିନ୍ତା ବଢ଼ାଇଦେଇଛି। ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୫ ମିନିଟ୍ ସମୟରେ ତୃତୀୟ ଥର ପାଇଁ କୁମ୍ଭମେଳା ଅଞ୍ଚଳର ସେକ୍ଟର ୧୯ରେ ଅଗ୍ନିକାଣ୍ଡ ଭୟଙ୍କର ରୂପ ନେଇଥିଲା। ପ୍ରଥମେ ଇସ୍କନ କ୍ୟାମ୍ପରେ ନିଆଁ ଲାଗି ଖୁବ୍‌ଶୀଘ୍ର ଏହା ପାଖରେ ଥିବା ପ୍ରାୟ ଡଜନେ ଶିବିରକୁ ବ୍ୟାପିଯାଇଥିଲା। ତୁରନ୍ତ ଅଗ୍ନିଶମ କର୍ମଚାରୀମାନେ ଦମକଳ ସହ ପହଞ୍ଚି ଅଧଘଣ୍ଟା ମଧ୍ୟରେ ନିଆଁକୁ ଆୟତ୍ତ କରିଥିଲେ। ଏଥିରେ କେହି ଆହତ ହୋଇ ନ ଥିବା ମହାକୁମ୍ଭ ଡିଆଇଜି ବୈଭବ କ୍ରିଷ୍ଣା କହିଛନ୍ତି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ।



କୁମ୍ଭମେଳାସ୍ଥଳରେ ନିଆଁ ଲାଗି ଅନେକ ତମ୍ବୁ ଜଳିଯାଇଛି।

### ଆୱାମି ଲିଗ୍ ନେତାଙ୍କ ଘର ଜାଳିଦେଲେ ବିକ୍ଷୋଭକାରୀ

ଢାକା, ୭।୨ (ପି.ଟି.)

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଅନ୍‌ଲାଇନ ସମ୍ବୋଧନକୁ ବିରୋଧ କରି ଗୁରୁବାରଠାରୁ ଢାକାରେ ବିକ୍ଷୋଭ ଉଗ୍ର ରୂପ ଧାରଣ କରିବାରେ ଲାଗିଛି। ଶୁକ୍ରବାର ବିକ୍ଷୋଭକାରୀ ଆୱାମି ଲିଗ୍‌ର ଅନେକ ନେତାଙ୍କ ଘରକୁ ଆକ୍ରମଣ କରିବା ସହ ନିଆଁ ଲଗାଇଦେଇଛନ୍ତି। ଆୱାମି ଲିଗ୍ ନେତା ଶେଖ୍ ସଲିମଙ୍କ ଢାକାସ୍ଥିତ ଘରେ ଆନ୍ଦୋଳନକାରୀ ନିଆଁ ଲଗାଇଦେଇଛନ୍ତି। ୨ ଘଣ୍ଟା ପର୍ଯ୍ୟନ୍ତ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚିପାରି ନ ଥିଲା। ସେହିପରି ଢାକାର ନୋଆଖଲୀସ୍ଥିତ କମ୍ପାନୀଗଞ୍ଜ ଅଞ୍ଚଳରେ ଆୱାମି ଲିଗ୍ (ଏଏଲ୍) ମହାସଚିବ ତଥା ପୂର୍ବତନ ମନ୍ତ୍ରୀ ଅବ୍‌ଦୁଲ କାଦରଙ୍କ ଘର ଉପରେ ଆକ୍ରମଣ ସହ ନିଆଁ ମଧ୍ୟ ଲଗାଇ ଦିଆଯାଇଛି। ରାଜାପୁର ମୋହଲ୍ଲା ଅଞ୍ଚଳରେ ଆୱାମି ଲିଗର କମ୍ପାନୀଗଞ୍ଜ ୟୁନିଟ୍ ଅଧ୍ୟକ୍ଷ ତଥା ବାସୁରହାଟ ନଗରପାଳିକାର ପୂର୍ବତନ ମେୟର ଶାହାଦର ମିର୍ଜାଙ୍କ ୨ ମହଲା କୋଠାରେ ବିକ୍ଷୋଭକାରୀ ଭଙ୍ଗାରୁଜା କରିବା ସହ ଘର ସାମ୍ନାରେ ରଖାଯାଇଥିବା ଏକ କାର୍‌ରେ ନିଆଁ ଲଗାଇଦେଇଛନ୍ତି।

### ଛୁଟି ନ ମିଳିବାରୁ ୪ ସହକର୍ମୀଙ୍କୁ ଛୁରାମାଡ଼

କୋଲକାତା, ୭।୨

ପଶ୍ଚିମବଙ୍ଗର ସରକାରୀ କର୍ମଚାରୀ ଅମିତ ସରକାରଙ୍କୁ ଛୁଟି ନ ମିଳିବାରୁ ସେ ଉତ୍ତେଜିତ ହୋଇ ନିଜର ୪ ସହକର୍ମୀଙ୍କୁ ଛୁରି ଭୁସି ଆହତ କରିଛନ୍ତି। ସେ ଛୁରି ଧରି ଚାଲିକରି ଯାଉଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଅମିତ ଲୋକଙ୍କୁ ତାଙ୍କ ନିକଟକୁ ନ ଆସିବାକୁ ଚେତାବନୀ ଦେଉଛନ୍ତି। କୋଲକାତାର ନ୍ୟୁଟାଉନ୍ ଅଞ୍ଚଳରେ ଥିବା କାରିଗରି ଭବନର ବୈଷୟିକ ଶିକ୍ଷା ବିଭାଗରେ ସେ କାର୍ଯ୍ୟ କରନ୍ତି। ସେ କିଛି ଦିନ ଛୁଟିରେ ରହିବା ପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ଛୁଟି ମିଳି ନ ଥିଲା।

### ତଦନ୍ତ ନିର୍ଦ୍ଦେଶ ପରେ କେଜ୍‌ରିୱାଲଙ୍କ ଘରେ ଏସିବି

ମୁମ୍ବାଇ,୭।୨

ଆମ୍ ଆଦ୍‌ମୀ ପାର୍ଟିର ପ୍ରାର୍ଥୀମାନଙ୍କୁ ଦଳବଦଳ ପାଇଁ ଭାଜପା ପକ୍ଷରୁ ମନ୍ତ୍ରୀ ପଦ ଏବଂ ୧୫ କୋଟି ଟଙ୍କା ଯଚାଯାଇଥିବା ନେଇ ଦଳ ଆବାହକ ଅରବିନ୍ଦ କେଜ୍‌ରିୱାଲ୍ ଅଭିଯୋଗ ଆଣିଥିଲେ। ଏହାର ତଦନ୍ତ ପାଇଁ ଉପରାଜ୍ୟପାଳ ଭି.କେ. ସାକ୍ସେନା ନିର୍ଦ୍ଦେଶ ଦେବା ପରେ ଦୁର୍ନୀତି ନିବାରଣ ବ୍ୟୁରୋ (ଏସିବି) ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଦିଲ୍ଲୀ ଏସିବି ଅଧିକାରୀମାନଙ୍କ ଏକ ଟିମ୍ ଶୁକ୍ରବାର କେଜ୍‌ରିୱାଲଙ୍କ ଘରେ ପହଞ୍ଚି ନୋଟିସ ଦେଇଛନ୍ତି। ଭାଜପା ବିରୋଧରେ ଲାଞ୍ଚ ଅଭିଯୋଗର ପ୍ରମାଣ

#### ଭାଜପା ଅର୍ଥ ଯାଚିବା ନେଇ ଆପ୍‌ର ଅଭିଯୋଗ



ଅରବିନ୍ଦ କେଜ୍‌ରିୱାଲ୍

ଦେବା ପାଇଁ ତାଙ୍କୁ କୁହାଯାଇଛି। ଯେଉଁ ୧୬ ଜଣ ବିଧାୟକଙ୍କୁ ଲାଞ୍ଚ ଦିଆଯିବା ପାଇଁ ଫୋନ୍‌ରେ ପ୍ରତିଶ୍ରୁତି ଦିଆଯାଇଥିଲା ସେମାନଙ୍କ ନାଁ ଓ ଫୋନ୍ ନମ୍ବର ଦେବା ପାଇଁ କେଜ୍‌ରିୱାଲଙ୍କୁ କୁହାଯାଇଛି।

ଆପ୍‌ର ୧୬ ଜଣ ପ୍ରାର୍ଥୀଙ୍କୁ ନିଜ ଦଳକୁ ନେବା ପାଇଁ ଭାଜପା ଉଦ୍ୟମ ଚଳାଇଥିବା କେଜ୍‌ରିୱାଲ ଗୁରୁବାର ଅଭିଯୋଗ କରିଥିଲେ। ସେମାନେ ଭାଜପାକୁ ଗଲେ ମନ୍ତ୍ରୀ ପଦ ମିଳିବା ସହ ୧୫ କୋଟି ଟଙ୍କା ଦିଆଯିବାର ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା। ଆପ୍ ଏମ୍‌ପି ସଞ୍ଜୟ ସିଂଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ ମଧ୍ୟ ଅନୁରୂପ ଅଭିଯୋଗ ଆଣିଥିଲେ। ଶାସକ ଦଳ ଲିଗାଲ ସେଲ୍ ଅଧ୍ୟକ୍ଷ ସଞ୍ଜୀବ ନାସିଆର୍ ଏସିବିର କର୍ତ୍ତୃତ୍ୱକୁ ନେଇ ପ୍ରଶ୍ନ ଉଠାଇବା ସହ ଭାଜପା ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ ବାଡ଼ିଥିଲେ।

## ଫୁରସତ୍

### ଅଳିଆ ବିକି ମାସିକ ୯ ଲକ୍ଷ ରୋଜଗାର

ଡଲାସ

ଆମେରିକାର ଟେକ୍ସାସ ବାସିନ୍ଦା ଏଲା ରୋଜ୍(୨୩) ଗତ ୧୦ ବର୍ଷ ହେଲା ଅଳିଆ ଗଦା ମଧ୍ୟରୁ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଏବଂ ଜିନିଷ ଖୋଜିବା ସହ ତାହାକୁ ବିକ୍ରି କରି ଅର୍ଥ ରୋଜଗାର କରି ଆସୁଛନ୍ତି। ଏପରି ବୃତ୍ତି ତାଙ୍କୁ ଆର୍ଥିକ ରୂପେ ସଶକ୍ତ କରିଥିବା ଏଲା କହିଛନ୍ତି। ସେ ସାଧାରଣତଃ ବିଭିନ୍ନ ବଡ଼ ସପିଂ ମଲ୍, ଅଫିସ୍, ଦୋକାନ ଆଗରେ ଫୋପାଡି ଦିଆଯାଇଥିବା ଆବର୍ଜନା ମଧ୍ୟରୁ ଖୋଜି ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ସଂଗ୍ରହ କରନ୍ତି। ଏହି ସାମଗ୍ରୀଗୁଡ଼ିକୁ ସେ ଅନେକ ହଜାର ଟଙ୍କା ମୂଲ୍ୟରେ ବିକ୍ରି କରିଥାନ୍ତି। ତାଙ୍କୁ ଅଳିଆ ଗଦା ମଧ୍ୟରୁ ବଡ଼ ବଡ଼ ବ୍ରାଣ୍ଡର ବିଭିନ୍ନ ସରଞ୍ଜାମ ମିଳିଥାଏ, ଯାହାକୁ ସେ ଅନ୍‌ଲାଇନରେ



ବିକ୍ରି କରନ୍ତି। ଦି ସନ୍ ୱେବ୍‌ସାଇଟ୍‌ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏଲା ମାତ୍ର ୧୩ ବର୍ଷର ହୋଇଥିବାବେଳେ କିଛି ଲୋକ ଅଳିଆ ଗଦାରୁ ମୂଲ୍ୟବାନ ଜିନିଷ ଖୋଜୁଥିବାର ଏକ ଭିଡିଓ ୟୁଟ୍ୟୁବ୍‌ରେ ଦେଖିବାକୁ ପାଇଥିଲେ। ନିଜ ଅବସର ସମୟରେ ଏପରି କରିବାକୁ ସେ ତାଙ୍କ ମା'ଙ୍କଠାରୁ ଅନୁମତି ମାଗିଥିଲେ। ପ୍ରଥମେ ତାଙ୍କ ପରିବାର ଏଥିରେ ରାଜି ହୋଇ ନ ଥିଲେ। ପରେ ଏଲା ଜିଦ୍ ଧରିବାରୁ ତାଙ୍କ ପରିବାର ଏଥିରେ ରାଜି ହୋଇଥିଲେ। ଏହି କାର୍ଯ୍ୟରେ ତାଙ୍କର ରୋଜଗାର ମାସକୁ ଅତି କମ୍‌ରେ ୪୫ ହଜାର ଟଙ୍କା ହୋଇଥିବାବେଳେ ସପିଂ ଏବଂ ଫେଷ୍ଟିଭାଲ ସିଜନ୍‌ରେ ଏହା ବଢ଼ି ମାସିକ ୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଥାଏ ବୋଲି ଏଲା କହିଛନ୍ତି। ସେ ସୋସିଆଲ ମିଡିଆ ଏବଂ ୟୁଟ୍ୟୁବ୍‌ରେ ତାଙ୍କ କାର୍ଯ୍ୟ ସହ ଜଡିତ ଭିଡିଓ ମଧ୍ୟ ପୋଷ୍ଟ କରନ୍ତି, ଯାହା ଅନେକ ଲୋକଙ୍କୁ ଏପରି ବୃତ୍ତି ଆପଣାଇ ଟଙ୍କା ରୋଜଗାର କରିବାର ପ୍ରେରଣା ଦେଇଆସୁଛି। ସେ ପୂର୍ବରୁ କେବଳ ନିଜ ଅବସର ସମୟରେ ଏହି କାର୍ଯ୍ୟ କରୁଥିଲେ, ପରେ ସେ ଏହାକୁ ନିଜର ବୃତ୍ତି କରିବାକୁ ସ୍ଥିର କରିଥିଲେ ବୋଲି ଏଲା କହିଛନ୍ତି।

### ଗ୍ଲାମର ଦୁନିଆ ଛାଡ଼ି ସାଧ୍ୱୀ ହେଲେ

ପ୍ରୟାଗରାଜ

ଚଳଚ୍ଚିତ୍ର ଏବଂ ଅନେକ ମ୍ୟୁଜିକ୍ ଭିଡିଓରେ ଅଭିନୟ କରିଥିବା ଅଭିନେତ୍ରୀ ଇଶିକା ତନେଜାଙ୍କୁ ନେଇ ଏବେ ଚର୍ଚ୍ଚା ବଢ଼ିଛି। ସେ ମହାକୁମ୍ଭରେ ସାଧ୍ୱୀ ରୂପେ ନଜରକୁ ଆସିଛନ୍ତି। ସେ ଗ୍ଲାମର ଜଗତକୁ ଛାଡ଼ି ଆଧ୍ୟାତ୍ମିକ କ୍ଷେତ୍ରକୁ ଆପଣାଇଛନ୍ତି ବୋଲି ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଇଶିକା କହିଛନ୍ତି।

ଇଶିକା ୨୦୧୮ରେ ମିସ୍ ୱାର୍ଲ୍ଡ ଟୁରିଜମ୍ ଟାଇଟଲ୍ ଜିତିଥିଲେ। ୨୦୧୬ରେ ସେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଦ୍ୱାରା ଭାରତର ୧୦୦ ମହିଳା ଆଚିଭର୍ସ ବର୍ଗରେ ସମ୍ମାନିତ ହୋଇଥିଲେ। ୨୦୧୭ରେ ସେ ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ମଧୁର ଭଣ୍ଡାରକରଙ୍କ ନିର୍ଦ୍ଦେଶିତ 'ଇନ୍ଦୁ ସରକାର' ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ।



ପରେ ସେ ଫିଲ୍ମ ନିର୍ମାତା ବିକ୍ରମ ଭଟ୍ଟଙ୍କ ସିରିଜ୍ 'ହଦ୍'ରେ ମଧ୍ୟ କାମ କରିଥିଲେ।

ମହାକୁମ୍ଭରେ ଜଣେ ସାଧ୍ୱୀ ଭାବେ ଯୋଗଦେଇ ଇଶିକା କହିଛନ୍ତି, ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବା ସହ ସେ ସନାତନ ଧର୍ମର ପ୍ରଚାର ପ୍ରସାର କରିବାକୁ ଶପଥ ନେଇଥିଲେ। ଯୁବପିଢ଼ିଙ୍କୁ ଆଗେଇ ଆସି ସନାତନ ପଥ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି। ଏବେ ସେ 'ଶ୍ରୀ ଲକ୍ଷ୍ମୀ' ନାମରେ ସନାତନ ଧର୍ମର ପ୍ରଚାର ପ୍ରସାରରେ ବ୍ୟସ୍ତ ରହିବେ ବୋଲି ଇଶିକା କହିଛନ୍ତି। ଗତ ଜାନୁଆରୀର ଇଶିକା ମଧ୍ୟପ୍ରଦେଶର ଜବଲପୁରରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଜୀ ମହାରାଜଙ୍କ ମାର୍ଗ ଦର୍ଶନରେ ଗୁରୁ ଦୀକ୍ଷା ନେଇଥିଲେ। ତେବେ ସାଧ୍ୱୀ ହୋଇ ସେ ପବ୍ଲିସିଟି ଷ୍ଟଣ୍ଟ କରୁଛନ୍ତି ବୋଲି ହେଉଥିବା ଆଲୋଚନାକୁ ଇଶିକା ଖଣ୍ଡନ କରିଛନ୍ତି। ତେବେ ଯଦି ସୁଯୋଗ ମିଳେ, ସେ ସନାତନ ଧର୍ମର ପ୍ରଚାର ପ୍ରସାର ପାଇଁ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି।



ଇଶିକା ତନେଜା

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ